R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୧୯
ତିଥି : ଚତୁର୍ଥୀ
୨୭ ଅଗଷ୍ଟ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 319
27 Aug 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବନ୍ୟାଜଳ ହ୍ରାସ, ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ୁଛି

ଭଦ୍ରକ/ଆରଡି, ୨୬।୮ (ସବ୍ୟୁ): ବୈତରଣୀ ନଦୀର ଜଳସ୍ତର ହ୍ରାସ ପାଉଛି ହେଲେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଛି। ବୈତରଣୀ ତଳ ମୁଣ୍ଡରେ ବିପନ୍ନଙ୍କ ଦୁଃଖ, ଦୁର୍ଦ୍ଦଶା ବଢ଼ିବାରେ

## ୨୦ନଂ ଜାତୀୟ ରାଜପଥରେ ୩ ଫୁଟ ଉଚ୍ଚର ପାଣି

ଲାଗିଛି। ମଙ୍ଗଳବାର ଦିନ ସ୍ଥିତି ମଧ୍ୟ ଅପରିବର୍ତ୍ତିତ ରହିଛି। ଧାମନଗରରେ ଦୁର୍ଦ୍ଦଶା ବଢ଼ିଥିବାବେଳେ ୩ ପଞ୍ଚାୟତର ଶତାଧିକ ପରିବାର ହନ୍ତସନ୍ତ ହେଉଛନ୍ତି। ଗୋଖାଦ୍ୟ ମିଳୁନଥିବାରୁ ନଦୀବନ୍ଧରେ ଗାଈଗୋରୁମାନେ ଭୋକିଲା ଅବସ୍ଥାରେ



ରହିଛନ୍ତି। ଗାଁ ଦାଣ୍ଡ ଓ ଘରେ ବନ୍ୟା ପାଣି ପଶୁଥିବାରୁ ବିପନ୍ନମାନେ କୋଠାଘର ଛାତ, ବୈତରଣୀ ସେତୁ ଓ ନଦୀବନ୍ଧ ଉପରେ ଆଶ୍ରୟ ନେଇଛନ୍ତି।

ଚାନ୍ଦବାଲି ବ୍ଲକର ତଳିଆ ଅଂଚଳ ଆରଡି, ଓଲଗ, ନାନ୍ଦପୁର, ସୁନ୍ଦରପୁରରେ ବନ୍ୟା ସ୍ଥିତି ଅପରିର୍ବିତ ରହିବା ଫଳରେ ବୋଡକ ନିକଟରେ ୩ଦିନ ( ୯ ପୃଷ୍ଠାରେ)

## ସ୍ଥିତି ସମୀକ୍ଷା କଲେ ରାଜ୍ୟପାଳ

ଭୁବନେଶ୍ୱର, ୨୬।୮ (ସବ୍ୟୁ) : ସଂପ୍ରତି ରାଜ୍ୟର ବିଭିନ୍ନ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ସମୀକ୍ଷା କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ସତର୍କ ରହିବା ଏବଂ ଶୂନ୍ୟ ଜୀବନହାନୀକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ଚଳିତ ଅଗଷ୍ଟ ୨୬ ତାରିଖ ଦିନ ରାଜଭବନର ସମ୍ମିଳନୀ କକ୍ଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଉପୁଜିଥିବା ବନ୍ୟା ପରିସ୍ଥିତି ଏବଂ ପ୍ରଭାବିତ ଜିଲ୍ଲାମାନଙ୍କର (୯ ପୃଷ୍ଠାରେ)

# ନୂଆଁଖାଇ ଲାଗି ୨୯ ତାରିଖ ସରକାରୀ ଛୁଟି

ଭୁବନେଶ୍ୱର, ୨୬।୮ (ସବ୍ୟୁ) : କୃଷି ଭିତ୍ତିକ ଗଣପର୍ବ ନୂଆ ଖାଇ ଅବସରରେ ପ୍ରତିବର୍ଷ ଛୁଟି ଘୋଷଣା କରାଯାଇଥାଏ। ଚଳିତ ବର୍ଷ ଅଗଷ୍ଟ ୨୯ ତାରିଖକୁ ଛୁଟି ଘୋଷଣା କରାଯାଇଛି। ତେବେ ନୂଆଖାଇ ପରଦିନ ମଧ୍ୟ ପଶ୍ଚିମ ଓଡିଶା ବାସୀଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେ ଦିନ ଆତ୍ମୀୟ ସ୍ୱଜନ ମାନେ ପରସ୍ପର ସହ ସାକ୍ଷାତ କରି 'ନୂଆଖାଇ ଜୁହାର' କରନ୍ତି ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି। ପାରିବାରିକ, ସାମାଜିକ ଓ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ କରିବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ଦିନ ଅଟେ।

ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷ ନୂଆଖାଇର ପରଦିନ ଅର୍ଥାତ ୨୯.୦୮.୨୦୨୫ (୯ ପୃଷ୍ଠାରେ)

### 'ଆମ ଶାସନ' ବ୍ୟବସ୍ଥା ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ମତାମତ, ପରାମର୍ଶ ସୁଶାସନର ମୁଖ୍ୟ ଉପାଦାନ



ଭୁବନେଶ୍ୱର, ୨୬।୮ (ସବ୍ୟୁ) : ସୁଶାସନର କେନ୍ଦ୍ରବିନ୍ଦୁ ହେଉଛନ୍ତି ନାଗରିକ। ତେଣୁ, ସମସ୍ତ ସରକାରୀ କାର୍ଯ୍ୟକ୍ରମ, ଯୋଜନା, ସର୍ବୋପରି ସରକାରୀ ସେବା ବ୍ୟବସ୍ଥାକୁ ନାଗରିକ କୈନ୍ଦ୍ରିକ କରାଯାଇଛି। ଜନସାଧାରଣଙ୍କ ମତାମତ ବିନା କୌଣସି ଯୋଜନା ସଫଳ ହୋଇ ପାରିବ ନାହିଁ । ତେଣୁ ଲୋକଙ୍କ ମତାମତ, ପରାମର୍ଶ ସୁଶାସନର ମୁଖ୍ୟ ଉପାଦାନ। ଏହାଦ୍ୱାରା ଶାସନ ବ୍ୟବସ୍ଥା ଦକ୍ଷ ହୋଇପାରିଥାଏ । (୯ ପୃଷ୍ଠାରେ)

# ଓଡ଼ିଶାକୁ ୨୪୦ କୋଟିର ଅନୁଦାନ

ନୂଆଦିଲ୍ଲୀ, ୨୬।୮ : ଆର୍ଥିକ ବର୍ଷ ଲାଗି ଓଡ଼ିଶା ସମେତ ତିନୋଟି ରାଜ୍ୟକୁ କେନ୍ଦ୍ର ସରକାର ପଞ୍ଚଦଶ ଅର୍ଥ ଆୟୋଗଙ୍କ ୨୮୪ କୋଟି ଟଙ୍କାର ଏକୀକୃତ ଅନୁଦାନ ଜାରି କରିଛନ୍ତି। ଗ୍ରାମୀଣ ସ୍ଥାନୀୟ ସଂସ୍ଥା ବା ଗ୍ରାମ ପଞ୍ଚାୟତ ଓ ବ୍ଲକ୍ ପଞ୍ଚାୟତ ଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସୁଦୃଢକରିବା ଉଦ୍ଦେଶ୍ୟରେ ଏହି ଅନୁଦାନ ଜାରି କରାଯାଇଛି । ଓଡ଼ିଶାକୁ ୨୪୦.୮୧୪୯ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏହି ଅର୍ଥରାଶି ରାଜ୍ୟର ୬୦୮୫ଟି ଯୋଗ୍ୟ ଗ୍ରାମପଞ୍ଚାୟତ ଏବଂ ୬୩ଟି ବ୍ଲକ୍ ପଞ୍ଚାୟତକୁ ଯୋଗାଇ ଦିଆଯାଇଛି । ଏହାବ୍ୟତୀତ ମିଜୋରାମକୁ ୧୪.୨୭୬୧ କୋଟି ଏବଂ ତ୍ରିପୁରାକୁ ୨୯.୭୫ କୋଟି ଟଙ୍କାର ଅନୁଦାନ ଆବଣ୍ଟନ କରାଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ କିସ୍ତି ଏକୀକୃତ ଅନୁଦାନର ଅଂଶବିଶେଷ ଭାବେ ଏହି ଅର୍ଥରାଶି ଦିଆଯାଇଛି ।

କେନ୍ଦ୍ର ସରକାର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳ (୯ ପୃଷ୍ଠାରେ)

# ବୈଷ୍ଣୋଦେବୀ ମାର୍ଗରେ ଭୂସ୍ଖଳନ : ୬ ମୃତ, ୧୪ ଆହତ

ନୂଆଦିଲ୍ଲୀ, ୨୬।୮ : ମାତା ବୈଷ୍ଣୋଦେବୀ ମନ୍ଦିରକୁ ଯିବା ରାସ୍ତାରେ ଭୂସ୍ଖଳନ ହୋଇଛି। ଏହି ଭୂସ୍ଖଳନରେ ୬ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୪ ଜଣ ଆହତ ହୋଇଛନ୍ତି। ଜମ୍ମୁ-କାଶ୍ମୀରର ରିୟାସୀ ଜିଲ୍ଲାର ତ୍ରିକୁଟା ପାହାଡରେ ମାତା ବୈଷ୍ଣୋଦେବୀଙ୍କ ପାହାଡ ରହିଛି। ଏବେବି କିଛି ଶ୍ରଦ୍ଧାଳୁ ଚାପି ହୋଇ ରହିଥିବା ଅନୁମାନ କରାଯାଉଛି। ସେହିଭଳି ଜମ୍ମୁ-କାଶ୍ମୀରର ଡୋଡାରେ ବାଦଲଫଟା ବର୍ଷା (୯ ପୃଷ୍ଠାରେ)



# ଅମଲା ସଂଘ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୨୬।୮ (ସବ୍ୟୁ) : ରାଜ୍ୟ ଅମଲା ସଂଘର ଆନ୍ଦୋଳନ ସ୍ଥଗିତ ରହିଛି। ଆଜିଠୁ ସେମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଦୀର୍ଘ ୧୫ ଦିନ ଧରି ଆନ୍ଦୋଳନ ସଂଘ ପକ୍ଷରୁ ଚାଲିଥିଲା। ସଂଘ ସଭାପତିଙ୍କ ସୂଚନା ଅନୁଯାୟୀ ସରକାରଙ୍କ ସହ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଗଲା ବୋଲି ସେ କହିଛନ୍ତି। ଗତକାଲି ମୁଖ୍ୟ ସଚିବଙ୍କ ସହ ସଂଘର ଆଲୋଚନାରୁ କୌଣସି ନିଷ୍କର୍ସ ବାହାରିନଥିଲା। ସମୁହ ଛୁଟିରେ ଯାଇଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଚିଠି ଲେଖିଥିଲେ। ସମୁହ ଛୁଟି ଦରଖାସ୍ତକୁ ଗ୍ରହଣ ନକରି ଏହାକୁ ଅନୁପସ୍ଥିତ ଭାବେ ଗ୍ରହଣ କରିବାକୁ କୁହାଯାଇଥିଲା। କାମ ନ କଲେ ଦରମା ମିଳିବ ନାହିଁ ବୋଲି ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଥିଲା। ଗତ ୧୧ ତାରିଖରୁ ଆନ୍ଦୋଳନ ଚାଲିଥିଲେ ବି ସରକାରଙ୍କ ସହ ସଂଘର କୌଣସି ଆଲୋଚନା ହୋଇନଥିଲା। ତେବେ ଗତକାଲି ମୁଖ୍ୟ ସଚିବଙ୍କ (୯ ପୃଷ୍ଠାରେ)

DSPL-227

ଓଡ଼ିଶା ଶାସନ

କୃଷିଭିତ୍ତିକ ଗଣପର୍ବ
ନୂଆଁଖାଇ
ଅବସରରେ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ

ରବି ୨୦୨୫-୨୬ର ସିଏମ୍ କିଷାନ ସହାୟତା ରାଶି ପ୍ରଦାନ

୫୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର,
ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହ ଚାଷୀ
ଏବଂ ଭୂମିହୀନ କୃଷକ ପରିବାର ଉପକୃତ

୧୦୪୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର
ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ

୨୭ ଅଗଷ୍ଟ ୨୦୨୫ | ପୂର୍ବାହ୍ନ ୧୦:୩୦ | କୃଷି ଶିକ୍ଷା ସଦନ, ଓୟୁଏଟି

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR: 01102/13/0029/2526



**ଅଗ୍ରପୂଜ୍ୟ ଭାବେ ସର୍ବତ୍ର ପୂଜା ପାଇଥାଆନ୍ତି ପ୍ରଭୁ ଶ୍ରୀଗଣେଶ । ବିଦ୍ୟା ବୁଦ୍ଧିର ଦେବ ଗଜାନନଙ୍କ ପୂଜାକୁ ସମସ୍ତେ ବେଶ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାଆନ୍ତି । ଗାଁ ଠାରୁ ସହର ସବୁସ୍ଥାନ ଗଜାନନଙ୍କ ଆଗମନରେ ଉତ୍ସବମୁଖର ହୋଇଉଠେ । ପୁରପଲ୍ଲୀ ବାସିନ୍ଦା ବେଶ୍ ଜାକଜମକରେ ପାଳନ୍ତି ଗଣେଶ ଚତୁର୍ଥୀ ।**

# ଗଣେଶ ଚତୁର୍ଥୀ



ପବିତ୍ର ଗଣେଶ ପୂଜା ଉତ୍କଳରେ ନୁହେଁ, ସମଗ୍ର ଭାରତ ବର୍ଷରେ ପାଳିତ ହେଉଛି । ଗଣେଶ ଜ୍ଞାନଦାତା, ବିଦ୍ୟାଦାତା, ବିଘ୍ନ ବିନାଶକାରୀ ପ୍ରଭୁ ଗଣନାଥ ଭାବେ ସର୍ବବିଦିତ । ଆବାଳବୃଦ୍ଧ ବନିତା ସମସ୍ତେ ତାଙ୍କୁ ପୂଜା କରନ୍ତି । ଗଣେଶ ହେଉଛନ୍ତି ଜ୍ଞାନ ଓ ପ୍ରଜ୍ଞାର ପ୍ରତୀକାତ୍ମକ ବିଗ୍ରହ । ଛାତ୍ରଛାତ୍ରୀ, ପଣ୍ଡିତ ଓ ବୁଦ୍ଧିଜୀବୀମାନେ ହାତ ଯୋଡି ତାଙ୍କ ପାଖରେ ଜ୍ଞାନ ଭିକ୍ଷା କରନ୍ତି । ଭାଦ୍ରବ ମାସର ଚତୁର୍ଥୀ ଥିତିରେ ପବିତ୍ର ଶ୍ରୀଗଣେଶ ଚତୁର୍ଥୀ । ବାଳକବାଳିକାମାନଙ୍କ ନୂତନ ବିଦ୍ୟାରମ୍ଭର ଏହି ଦିନ ହୋଇଥାଏ । ହିନ୍ଦୁ ଗୃହରେ ଅନ୍ନପ୍ରାଶନ, ବିଦ୍ୟାରମ୍ଭ, ଗୃହପ୍ରବେଶ, ଉପନୟନ, ବିବାହାଦି ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ସର୍ବପ୍ରଥମେ ଗଣେଶଙ୍କୁ ଅର୍ଚ୍ଚନା କରାଯାଇ ତା'ପରେ ଶୁଭକାର୍ଯ୍ୟ ଆରମ୍ଭ ହୁଏ । ଶିବ ପାର୍ବତୀ ଗଣେଶଙ୍କର ଜନକ ଜନନୀ ହେଲେ ମଧ୍ୟ ଗଣେଶ ହେଉଛନ୍ତି ଆଦିଦେବ । ସେ ସର୍ବଦେବ ତାଙ୍କ ଦ୍ୱାରା ପୂଜିତ, ଅଗ୍ରପୂଜା ଗଣଦାତା ଶୁଭଦ ଓ ବରଦ ଅଟନ୍ତି । ମଙ୍ଗଳଦାୟକ ଶ୍ରୀଗଣେଶ । ବ୍ୟାସଦେବଙ୍କ କଥିତ ଶାସ୍ତ୍ରକୁ ଲେଖନୀ ଧରି ଭକ୍ତମାନଙ୍କ ପାଇଁ ଗଣେଶ ହିଁ ସର୍ବଶାସ୍ତ୍ର ଲେଖିଥିଲେ । ତେଣୁ ତାଙ୍କୁ ପୂଜା କରିବା ଦ୍ୱାରା ସର୍ବବିଘ୍ନ ନିବାରଣ ହୋଇଥାଏ । ଓଡ଼ିଶାର ପୁରପଲ୍ଲୀରେ ଗଜାନନଙ୍କ ପୂଜାକୁ ବେଶ୍ ଧୁମଧାମରେ ପାଳନ କରାଯାଇଥାଏ । ପ୍ରତିଟି ସ୍କୁଲ କଲେଜ ସହିତ ବିଭିନ୍ନ ଅନୁଷ୍ଠାନରେ ଗଜାନନଙ୍କୁ ଖୁବ ଶ୍ରଦ୍ଧାର ସମସ୍ତେ ପୂଜାଅର୍ଚ୍ଚନା କରିଥାଆନ୍ତି । ଏହାସହ ଦୁର୍ଗାପୂଜା ଭଳି ବିଭିନ୍ନ ପେଣ୍ଡାଲ ମାନଙ୍କରେ ମଧ୍ୟ ଗଣେଶଙ୍କ ପୂଜାର ଆୟୋଜନ କରାଯାଇଥାଏ । ଏଥିପାଇଁ ଅନେକ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଏଠାରେ ଗଣେଶଙ୍କ ସୁଉଚ୍ଚ ମୂର୍ତ୍ତି ସହିତ ବଡବଡ ଉଚ୍ଚ ତୋରଣ ଶୋଭା ପାଇଥାଏ । ପାଖାପାଖି ସାତ ଦିନ ଧରି ପ୍ରତିଟି ମଣ୍ଡପରେ ଉତ୍ସବର ମାହୋଲ ଦେଖିବାକୁ ମିଳିଥାଏ । ପ୍ରତିଦିନ ସନ୍ଧ୍ୟାରେ ଭଜନ ଆସର ଯମିଥାଏ । ବିଶେଷଭାବେ ଓଡ଼ିଶାର ଜଟଣୀରେ ଖୁବ ଜାକଜମକରେ ଗଣେଶ ପୂଜାର ପାଳନ ହୋଇଥାଏ । ଜଟଣୀ ବଜାରରେ ଉଚ୍ଚଉଚ୍ଚ ତୋରଣ ସହିତ ମେଢ ପ୍ରସ୍ତୁତ ହୋଇଥାଆନ୍ତି, ଯାହାକୁ ଦେଖିବାକୁ ଶ୍ରଦ୍ଧାଳୁଙ୍କର ଭିଡ ଯମିଥାଏ । ତେବେ କେବଳ ସାର୍ବଜନୀନ ସ୍ଥାନ ନୁହେଁ ଘରେଘରେ ମଧ୍ୟ ଛୋଟଛୋଟ ଗଣେଶଙ୍କ ମୂର୍ତ୍ତି ପୂଜା ହେଉଥିବାର ଦେଖିବାକୁ ମିଳିଥାଏ ।





## ସଜାନ୍ତୁ ପେଣ୍ଡାଲ୍

ଗଣେଶ ପୂଜା କେବଳ ମନ୍ଦିର କିମ୍ବା ବାହାରେ ହେଉଥିବା ପେଣ୍ଡାଲରେ ହୋଇନଥାଏ । ଏହି ପୂଜା ଘରେଘରେ ମଧ୍ୟ ହୋଇଥାଏ । ତେବେ ଘରେ ପୂଜା କରିବା ପୂର୍ବରୁ କିଛିଟା ଦିଗ ପ୍ରତି ଧ୍ୟାନ ଦେଲେ ପୂଜା ବେଶ୍ ସୁନ୍ଦର ସହ ଆକର୍ଷଣୀୟ ହୋଇପାରିବ । ଖୁବ ଛୋଟଛୋଟ ଜିନିଷକୁ ସଜାଇ ପାରିଲେ ଏହା ବେଶ୍ ଭଲ ସୁନ୍ଦର ଗଣେଶ ପେଣ୍ଡାଲ ହୋଇପାରିବ ।

ପୂଜା ଘର ସଜାଇବା ପାଇଁ ବିଭିନ୍ନ ପ୍ରକାରର ଫୁଲର ବ୍ୟବହାର କରନ୍ତୁ । ଏଭଳି ଫୁଲକୁ ତାଲିକାରେ ରଖନ୍ତୁ, ଯାହା ଶୀଘ୍ର ମଉଳି ନଥାଏ । ତେଣୁ ପ୍ରଥମ ପ୍ରାଥମିକତା ଗେଣ୍ଡୁ ଫୁଲକୁ ଦିଅନ୍ତୁ । ଶାସ୍ତ୍ରରେ ବର୍ଣ୍ଣନା ଅନୁସାରେ ଗଣେଶଙ୍କୁ ହଳଦିଆ ରଙ୍ଗ ଭଲ ଲାଗିଥାଏ । ତେଣୁ ପୂଜାଘର ସଜାଇବା ସମୟରେ ହଳିଦିଆ ରଙ୍ଗର ଫୁଲ ବ୍ୟବହାର କଲେ ଭଲ । ସେହିଭଳି ଯଦି ଆପଣ ଇକୋଫ୍ରେଣ୍ଡଲି ଗଣେଶ ପୂଜା ପାଳନ କରିବାକୁ ଚାହୁଁଛନ୍ତି, ତେବେ ପୂଜା ଘରେ ଗଛ ମଧ୍ୟ ସଜାଇପାରିବେ । ଏହି ଗଛରେ ସଜାଇବା ପାଇଁ ଆବଶ୍ୟକ ହେଉଥିବା ଲାଇଟ୍, ବେଲୁନ୍, ଚୁନି ଆଦିକୁ ସଜାଇପାରିବେ । ସେହିଭଳି ଘରର କାନ୍ଥକୁ ଫୁଲ ମାଳ, ବେଲୁନ୍, ରଙ୍ଗବେରଙ୍ଗ ଲାଇଟ୍, ଚୁନି, ଝାଲର ଆଦିରେ ସଜାଇପାରିବେ । ସେହିଭଳି କିଛି ବି ପର୍ବ ବିନା ରଙ୍ଗୋଲିରେ ଅଧୁରା ଲାଗିଥାଏ । ତେଣୁ ବିଭିନ୍ନ ରଙ୍ଗର ମୁରୁଜ ବ୍ୟବହାର କରି ସୁନ୍ଦର ରଙ୍ଗୋଲି କରନ୍ତୁ, ଯାହା ପୂଜାଘରକୁ ବେଶ୍ ଆକର୍ଷଣୀୟ କରିବ । ଏହି ରଙ୍ଗୋଲିରେ ଦୀପ ଥୋଇପାରିବେ ।



## ପୂଜା ଭୋଗ



## ଭିନ୍ନ ସ୍ଥାନରେ ଗଜାନନ ପୂଜା

**ପୂରା ଭାରତରେ ଗଣେଶ ପୂଜା ସବୁ ସ୍ଥାନରେ ପାଳନ ହୋଇଥାଏ । ବିଭିନ୍ନ ରାଜ୍ୟରେ ଏହାକୁ ଭିନ୍ନ ଢଙ୍ଗରେ ପାଳନ କରନ୍ତି । ଗଣେଶ ଚତୁର୍ଥୀର ଅନେକ ଦିନ ପୂର୍ବରୁ ଏହାର ପ୍ରସ୍ତୁତି ଆରମ୍ଭ ହୋଇଯାଇଥାଏ । ମହାରାଷ୍ଟ୍ର,ଦିଲ୍ଲୀ, ଗୋଆ, କର୍ଣ୍ଣାଟକ ଭଳି ଅନେକ ସ୍ଥାନରେ ଶ୍ରଦ୍ଧାଳୁ ମାନେ ଏହାକୁ ଖୁବ୍ ଧୁମଧାମ୍‌ରେ ପାଳନ କରନ୍ତି । ତେବେ ଆସନ୍ତୁ ଜାଣିବା କେଉଁଠି କିଭଳି ପାଳନ ହୁଏ ଗଜାନନଙ୍କ ପୂଜା ।**



**ମହାରାଷ୍ଟ୍ର–** ମହାରାଷ୍ଟ୍ରରେ ସବୁଠାରୁ ବେଶି ଧୁମ୍‌ଧାମରେ ଗଣେଶ ପୂଜା ପାଳନ ହୋଇଥାଏ । ଗଣେଶ ପୂଜାର ପ୍ରାୟ ୧୦ ଦିନ ପୂର୍ବରୁ ଏହାର ପ୍ରସ୍ତୁତି ଆରମ୍ଭ ହୋଇଥାଏ । ମହାରାଷ୍ଟ୍ର ଅନେକ ସ୍ଥାନରେ ଗଣେଶଙ୍କର ବଡ ମୂର୍ତ୍ତି ସହ ବଡବଡ ମେଢ ବସିଥାଏ । ଏହି ସ୍ଥାନରେ ଖୁବ୍ ବଡବଡ ମୂର୍ତ୍ତି ପୂଜା ହୋଇଥାଏ । ସମସ୍ତେ ଶ୍ରଦ୍ଧା ଓ ଉତ୍ସାହର ସହ ପୂଜାର ମଜାନେଇଥାଆନ୍ତି । ଏହି ଦିନ ସିଦ୍ଧିବିନାୟକ ମନ୍ଦିରରେ ଭିଡ ପରିଲକ୍ଷିତ ହୋଇଥାଏ । ଶ୍ରଦ୍ଧାଳୁମାନେ ଗଣେଶଙ୍କୁ ପୂଜା କରିବା ସହିତ ନୃତ୍ୟରେ ନିଜର ଭକ୍ତି ପ୍ରଦର୍ଶନ କରନ୍ତି । ଏଠି ଗଣେଶଙ୍କର ପ୍ରିୟ ମୋଦକକୁ ପ୍ରସାଦ ଭାବେ ଦିଆଯାଇଥାଏ । ଏହାସହିତ ମହାରାଷ୍ଟ୍ରରେ ତିଆରି ହୋଇଥିବା ମେଢକୁ ପଟୁଆରରେ ନିଆଯାଇ ଭସାଣି ଦିନ ଭସାଣି କରାଯାଇଥାଏ । ଯାହାକୁ ଦେଖିବାକୁ ଅନେକ ଲୋକ ରାସ୍ତା କଡରେ ରୁଣ୍ଡ ହୋଇଥାଆନ୍ତି ।

**ଦିଲ୍ଲୀ–** ଦିଲ୍ଲୀର ଗଣେଶ ପୂଜା ନିଜର ବଡଆକାରର ପାଳନ ପାଇଁ ପୂରା ଭାରତରେ ପରିଚିତ । ମହାରାଷ୍ଟ୍ର ପରେ ଦିଲ୍ଲୀରେ ହିଁ ଖୁବ୍ ଧୁମ୍‌ଧାମରେ ଗଣେଶ ପୂଜା ପାଳନ ହୋଇଥାଏ । ବଡବଡ ମୂର୍ତ୍ତି ପୂଜା ପାଇଁ ସ୍ଥାପନ କରାଯାଇଥାଏ । ଏହାସହ ସ୍ଥାନେସ୍ଥାନେ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥାଏ । ବାହାରେ ମେଢ ସହିତ ସମସ୍ତ ମନ୍ଦିରରେ ମଧ୍ୟ ପୂଜା କରାଯାଇଥାଏ । ବିଭିନ୍ନ ସୁସ୍ୱାଦୁ ପ୍ରସାଦ ଭକ୍ତମାନଙ୍କୁ ବଣ୍ଟା ଯାଇଥାଏ ।

**ଗୋଆ–** ମହାରାଷ୍ଟ୍ର ଓ ଦିଲ୍ଲୀ ଭଳି ଗୋଆରେ ମଧ୍ୟ ବେଶ୍ ଜାକଜକମରେ ଗଣେଶ ପୂଜା ପାଳନ କରାଯାଇଥାଏ । ଗଣେଶ ପୂଜା ପୂର୍ବରୁ ଲୋକମାନେ ସେମାନଙ୍କ ଘର ସଫା କରିବା ଆରମ୍ଭ କରିଥାଆନ୍ତି । ପ୍ରତିଘରେ ଘରେ ଏହି ପୂଜାକୁ ପାଳନ କରାଯାଇଥାଏ । ଏହାସହ ସ୍ଥାନୀୟ କାରିଗରଙ୍କ ହାତରେ ପ୍ରସ୍ତୁତ ମୂର୍ତ୍ତିକୁ ପେଣ୍ଡାଲରେ ବସାଯାଇ ପୂଜା କରାଯାଇଥାଏ । ଗୋଆରେ ପ୍ରସ୍ତୁତ ପେଣ୍ଡାଲ ଗୁଡିକୁ ବିଭିନ୍ନ କଳାତ୍ମକ ସାମଗ୍ରୀ ଯେପରି ବାଉଁଶ, ନଡିଆ ଖୋଳ, ଆଖୁ ଆଦିରେ ସଜାଯାଇଥାଏ । ଏହାସହ ଏଠାରେ ଥିବା ମନ୍ଦିରରେ ମଧ୍ୟ ଗଣେଶଙ୍କୁ ପୂଜା କରାଯାଇଥାଏ ।

**କର୍ଣ୍ଣାଟକ–** କର୍ଣ୍ଣାଟକରେ ଗଣେଶ ପୂଜାକୁ ବିଭିନ୍ନ ପରମ୍ପରା ହିସାବରେ ପାଳନ କରାଯାଇଥାଏ । ଏଠାରେ ଗଣେଶ ପୂଜାକୁ ସ୍ଥାନୀୟ ଭାଷାରେ ଗଣେଶ ହବା ବୋଲି କୁହାଯାଇଥାଏ । ଏଠାରେ ଗଣେଶଙ୍କ ସହିତ ପାର୍ବତୀଙ୍କୁ ମଧ୍ୟ ପୂଜା କରାଯାଇଥାଏ ।

**ତାମିଲନାଡୁ–** ଗଣେଶପୂଜା ଦିନ ତାମୁଲନାଡୁରେ ଥିବା ସମସ୍ତ ମନ୍ଦିରରେ ପୂଜାର ଆୟୋଜନ କରାଯାଇଥାଏ । ଏଠାରେ ପୂଜା ଦିନ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ମୋଦକର ବ୍ୟବସ୍ଥା କରାଯାଇଥାଏ । ସମସ୍ତଙ୍କୁ ପ୍ରସାଦ ବଣ୍ଟାଯାଇଥାଏ । ଅଲଗା ରାଜ୍ୟ ଭଳି ଏଠାରେ ମଧ୍ୟ ବଡବଡ ମୂର୍ତ୍ତିସହ ପେଣ୍ଡାଲ କରାଯାଇଥାଏ ।

### ଅମିନି କୋଷ୍ଟୁକଚ୍ଛାଇ

**ସାମଗ୍ରୀ–** ଚାଉଳ ଗୁଣ୍ଡ, ପାଣି, ଲୁଣ, ରାଶି ତେଲ, ସୋରିଷ, ଶୁଖିଲା ଲଙ୍କା, କଞ୍ଚା ଲଙ୍କା, ହେଙ୍ଗୁ, ଭୃସଙ୍ଗ ପତ୍ର, ନଡିଆ କୋରା, ହରଡ ଡାଲି ।



**ପ୍ରଣାଳୀ–** ପ୍ରଥମେ ଲୁଣ ଓ ତେଲ ଦେଇ ଚାଉଳ ଗୁଣ୍ଡକୁ ସିଝାଇ ନିଅନ୍ତୁ । ଏହାକୁ ଥଣ୍ଡା କରି ଅଟା ଭଳି ଚକଟି ନିଅନ୍ତୁ । ଏହାପରେ ଏଥିରୁ ଛୋଟଛୋଟ ବଲ ଆକାରର ପ୍ରସ୍ତୁତ କରନ୍ତୁ । ଏହି ଗୋଲଗୋଲ ଗୁଡିକୁ ଆଉଥରେ ପିଠା ସିଝାଇବା ଭଳି ସିଝାଇ ନିଅନ୍ତୁ । ଏହାପରେ ଏକ ପ୍ୟାନରେ ରାଶି ତେଲ ଗରମ କରି ଏଥିରେ ସୋରିଷ, ଭୃସଙ୍ଗ ପତ୍ର, ଶୁଖିଲା ଲଙ୍କା, କଞ୍ଚାଲଙ୍କା, ହେଙ୍ଗୁ, ହରଡ ଡାଲି ଓ ଅଳ୍ପ ଲୁଣ ପକାଇ ଭାଜନ୍ତୁ । ଏହି ମିଶଣରେ ପୂର୍ବ ପ୍ରସ୍ତୁତ ଛୋଟଛୋଟ ଗୋଲ ଗୁଡିକ ପକାଇ ଅଳ୍ପ ଭାଜିନିଅନ୍ତୁ । ଶେଷରେ କୋରା ନଡିଆ ପକାଇ ଗୋଳାଇ ଦିଅନ୍ତୁ , ପ୍ରସ୍ତୁତ ହୋଇଯିବ ଅମିନି କୋଷ୍ଟୁକଚ୍ଛାଇ ।

### ମୋଦକ

**ସାମଗ୍ରୀ–** ନଡିଆ କୋରା,ଗୁଡ, ଗୁଜୁରାତି ଗୁଣ୍ଡ, ଘିଅ, ବିଭିନ୍ନ କଟା ବାଦାମ, ଚାଉଳ ଗୁଣ୍ଡ, ପାଣି, ଲୁଣ, ଗୋଲ ମରିଚ ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ ଗୋଟିଏ ପାତ୍ରରେ ପାଣି ଗରମ କରନ୍ତୁ । ସେଥିରେ ଅଳ୍ପ ଲୁଣ ଓ ଘିଅ ପକାନ୍ତୁ । ଏହାପରେ ଏଥିରେ ଧୀରେଧୀରେ ଚାଉଳ ଗୁଣ୍ଡ ପକାଇ ଗୋଳାନ୍ତୁ । ଅଳ୍ପସମୟ ସିଝାନ୍ତୁ ଏହାପରେ ଏହାକୁ ଥଣ୍ଡା ହେବାକୁ ରଖି ଦିଅନ୍ତୁ । ଏହାପରେ ନଡିଆ,ଗୁଣ୍ଡ, ଗୁଜୁରାତି ଗୁଣ୍ଡ ଓ ଗୋଲମରିଚ ଗୁଣ୍ଡ ମିଶାଇ ଏକ ପୁରପ୍ରସ୍ତୁତ କରନ୍ତୁ । ଏହାପରେ ଏହି ଚକଟାରୁ ଛୋଟଛୋଟ ମୋଦକ ଗଢନ୍ତୁ । ମୋଦକ ଗଢିବା ସମୟରେ ଏଥିରେ ପୁର ଭାବେ ନଡିଆ କୋରା ଓ ଗୁଡର ମିଶ୍ରଣକୁ ଦିଅନ୍ତୁ । ଏହାପରେ ମଣ୍ଡାପିଠା ଭଳି ଏହି ମୋଦକ ଗୁଡିକୁ ସିଝାଇ ନିଅନ୍ତୁ, ପ୍ରସ୍ତୁତ ହୋଇଯିବ ମୋଦକ ।

### ଲଡ୍ଡୁ

**ସାମଗ୍ରୀ–** ଛୋଟ ଦାନା ସୁଜି ଏକ କପ୍, ଘିଅ ଅଧାକପ୍, ଖୁଆ ସ୍ୱାଦ ଅନୁସାରେ, ଅଳ୍ପ ଗୁଜୁରାତି ଗୁଣ୍ଡ, ସଜାଇବା ପାଇଁ କିସମିସ, ଗୁଣ୍ଡ ଚିନି ଏକ କପ୍

**ପ୍ରଣାଳୀ–** ପ୍ୟାନ୍‌ରେ ଅଧାକପ୍ ଘିଅ ଗରମ କରନ୍ତୁ । ଏଥିରେ ଏକ କପ୍ ସୁଜି ପକାନ୍ତୁ (ଛୋଟ ଦାନା ସୁଜି) । ସୁଜିକୁ କିଛି ସମୟ ପର୍ଯ୍ୟନ୍ତ କମ ଆଞ୍ଚରେ ଭାଜନ୍ତୁ । ସୁଜିକୁ ଅଳ୍ପ ଗୋଲ୍ଡେନ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ସମସ୍ତ ଘିଅ ସୁଜିରେ ମିଶିଯିବା ପରେ ଏଥିରେ ଗ୍ରେଟେଡ୍ ଖୁଆ ମିଶାନ୍ତୁ । ଏହାପରେ ଏହାକୁ ଭଲକରି ଗୋଳାନ୍ତୁ । ଖୁଆ ମିଶିବା ପର୍ଯ୍ୟନ୍ତ ସୁଜିକୁ ଭାଜନ୍ତୁ । ଏଥିରେ ବର୍ତ୍ତମାନ ଅଧା ଚାମଚ ଗୁଜୁରାତି ଗୁଣ୍ଡ ପକାଇ ଗ୍ୟାସ ବନ୍ଦ କରିନିଅନ୍ତୁ । ଏକ ପ୍ଲେଟ୍‌କୁ କାଢି ଥଣ୍ଡା କରନ୍ତୁ । ହାତରେ ଧରିହେଉଥିବା ଭଳି ଗରମ ଥିବା ଅବସ୍ଥାରେ ଏଥିରେ ଗୁଣ୍ଡ ଚିନି ଏକ କପ୍ ମିଶାନ୍ତୁ । ହାତରେ ଭଲକରି ମିଶାଇ ନିଅନ୍ତୁ । ଏହାପରେ ହାତରେ ଘିଅ ମାରି ଏହି ମିଶ୍ରଣକୁ ଲଡ୍ଡୁ ଆକାରରେ ଗଢନ୍ତୁ । ପ୍ରସ୍ତୁତ ହୋଇଗଲା ସୁଜି ଖୁଆ ଲଡ୍ଡୁ ।

ଉପସ୍ଥାପକ

JAY BHARAT FOUNDATION ODISHA



ପ୍ରାୟୋଜକ

BHARAT MASALA

*The Taste of New India*

# ଭାରତ ଯେଉଁଠି, ପ୍ରତିଭା ସେଇଠି

# ୨୬ତମ ଭାରତ ପ୍ରତିଭା ସମ୍ମାନ ଏବଂ ୨୬ତମ ଭାରତ ମସଲାର ପ୍ରତିଷ୍ଠା ଦିବସ - ୨୦୨୫



ଉଦ୍‌ଘାଟକ

**ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ**

ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ, ଓଡିଶା ସରକାର



ମୁଖ୍ୟ ଅତିଥି

**ଶ୍ରୀଯୁକ୍ତ ଶୁଭାଶିଷ ଖୁଣ୍ଟିଆ**

ମାନ୍ୟବର ସାଂସଦ, ରାଜ୍ୟସଭା



ସମ୍ମାନିତ ଅତିଥି

**ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ**

ମାନ୍ୟବର ବାଙ୍କୀ ବିଧାୟକ



ସମ୍ମାନିତ ଅତିଥି

**ଶ୍ରୀମତୀ ସୋଫିଆ ଫିର୍ଦୋଷ**

ମାନ୍ୟବର ବାରବାଟୀ-କଟକ ବିଧାୟିକା



ସମ୍ମାନିତ ଅତିଥି

**ଶ୍ରୀଯୁକ୍ତ ହେମନ୍ତ ଶର୍ମା (ଆଇ.ଏ.ଏସ୍.)**

ମାନ୍ୟବର ଅତିରିକ୍ତ ମୁଖ୍ୟ ସଚିବ, ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡ଼ିଶା ସରକାର



ସମ୍ମାନିତ ଅତିଥି

**ପ୍ରଫେସର (ଡା.) ଜୟନ୍ତ କୁମାର ପଣ୍ଡା**

ମାନ୍ୟବର ପ୍ରଫେସର ପି.ଜି. ମେଡିସିନ୍ ବିଭାଗ, ଏସ୍.ସି.ବି. ମେଡିକାଲ୍ କଲେଜ, କଟକ

## ସମ୍ବର୍ଦ୍ଧିତ ପ୍ରତିଭାବୃନ୍ଦ



ଭାରତ ଗୌରବ ସମ୍ମାନ

**ଶ୍ରୀ ଦୁର୍ଯ୍ୟୋଧନ ମହାନ୍ତି**

(ପୂର୍ବତନ ମୁଖ୍ୟ ଭାରତୀୟ ସେନା ଅଧିକାରୀ)



ସେବା ଭାରତ ସମ୍ମାନ

**ଡ. କେଶବ ଚନ୍ଦ୍ର ଶତପଥୀ**

(ଡି.ଏ.ଭି ସ୍କୁଲ ନିର୍ଦ୍ଦେଶକ, ଓଡିଶା)



କଥା ଭାରତ ସମ୍ମାନ

**ଡ. ଅରବିନ୍ଦ ବେହେରା**

(ଆଇ.ଏ.ଏସ୍.)



ସଂସ୍କୃତି ଭାରତ ସମ୍ମାନ

**ଡ. ଶ୍ୱେତ କୁମାର ଦାଶ**

(ଚଳଚ୍ଚିତ୍ର ନିର୍ମାତା ଏବଂ ନିର୍ଦ୍ଦେଶକ)



କ୍ରୀଡ଼ା ଭାରତ ସମ୍ମାନ

**ଶ୍ରୀ କିଶୋର ଚନ୍ଦ୍ର ଜେନା**

(ଏସିଆନ ରୌପ୍ୟ ବିଜୟୀ)



ବିଦ୍ୟା ଭାରତ ସମ୍ମାନ

**ତପେଶ୍ୱର ବାଗ**

(+୨ ବିଜ୍ଞାନ)



ବିଦ୍ୟା ଭାରତ ସମ୍ମାନ

**ଆର୍ଚ୍ଛି ଚିନ୍ମୟୀ ପ୍ରଧାନ**

(+୨ ବାଣିଜ୍ୟ)



ବିଦ୍ୟା ଭାରତ ସମ୍ମାନ

**ପ୍ରିୟଦର୍ଶିନୀ ଗଡ଼ନାୟକ**

(+୨ କଳା)

ସ୍ଥାନ: ଭାରତ ମସଲା ପରିସର, ରାମଦାସପୁର, କଟକ । ତାରିଖ: ୨୭.୦୮.୨୦୨୫ (ବୁଧବାର), ସମୟ: ଦିବା ୧୧ ଘଟିକା

Required Sales Executive. Both Male and Female can apply at: **info@bharatmasala.in**

ମେଡିକାଲ ପ୍ରବେଶିକାରେ ଉତ୍ତୀର୍ଣ୍ଣ ହୋଇଥିବା ଦିଦାୟୀ (ପିଭିଟିଜି) ସମ୍ପ୍ରଦାୟର ପ୍ରଥମ ଛାତ୍ରୀ

# ଚମ୍ପା ରାସ୍‌ପେଦାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମାଲକାନଗିରି ଦିଦାୟୀ ସମ୍ପ୍ରଦାୟର କୁମାରୀ ଚମ୍ପା ରାସ୍‌ପେଦାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏଥିସହିତ ମୁଖ୍ୟମନ୍ତ୍ରୀ କୁମାରୀ ଚମ୍ପାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ତାଙ୍କୁ ଏକ ଲାପ୍‌ଟପ୍ ଉପହାର ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଚମ୍ପାଙ୍କୁ ଆଶୀର୍ବାଦ କରି ଆଗକୁ ଆହୁରି ଭଲ ପାଠ ପଢ଼ିବାକୁ କହିଥିଲେ । ଭଲ ପାଠପଢ଼ି, ଭଲ ଡାକ୍ତର ହୋଇ, ଲୋକଙ୍କ ସେବା କରିପାରିଲେ ତାହା ହେବ ଜୀବନର ସାର୍ଥକତା ହେବ ବୋଲି ମୁଖ୍ୟମନ୍ତ୍ରୀ ଚମ୍ପାକୁ ଉପଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ତାଙ୍କର ସାରା ଜୀବନ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି କୃତଜ୍ଞତା ପ୍ରକାଶ କରି ଚମ୍ପା କହିଥିଲେ ।

ସୂଚନାଯୋଗ୍ୟ ଯେ, କୁମାରୀ ଚମ୍ପା ହେଉଛନ୍ତି ପିଭିଟିଜି ଦିଦାୟୀ ବର୍ଗର ତଥା ମାଲକାନଗିରି ଜିଲ୍ଲା ଅନୁସୂଚିତ ଜନଜାତି ସମ୍ପ୍ରଦାୟର ମେଡିକାଲ ପ୍ରବେଶିକା ପରୀକ୍ଷାରେ ସଫଳତା ପାଇଥିବା ପ୍ରଥମ ଛାତ୍ରୀ । ୨୦୨୫-ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କୁମାରୀ ଚମ୍ପା ଚିତ୍ରକୋଣ୍ଡା ଏସ୍.ଏସ୍.ଡି ସ୍କୁଲରୁ ଦଶମ ଶ୍ରେଣୀ ଓ ଗୋବିନ୍ଦପାଲି ହାୟର ସେକେଣ୍ଡାରୀ ଏସ୍.ଏସ୍.ଡି ସ୍କୁଲରୁ ଯୁକ୍ତ ଦୁଇ ପାସ୍ କରିଛନ୍ତି । ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୁମାରୀ ଚମ୍ପା ବର୍ତ୍ତମାନ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜରେ ପାଠ ପଢ଼ିବେ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶ୍ରୀଲଙ୍କା ପ୍ରତିନିଧି ଦଳ

ଭୁବନେଶ୍ୱର (ସବ୍ୟୁ) : ଶ୍ରୀଲଙ୍କାରୁ ଆସିଥିବା ୩୦ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରିଛନ୍ତି । ଏହି ପ୍ରତିନିଧି ଦଳରେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ପ୍ରେସ୍ ଅଫିସରଙ୍କ ସମେତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଓ ସୂଚନା ବିଭାଗର ଅଧିକାରୀମାନେ ଅଛନ୍ତି । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶ୍ରୀଲଙ୍କା ଓ ଓଡ଼ିଶା ଅତିତରୁ ଏକାଠି ଅଛନ୍ତି । ଶାନ୍ତି, ବନ୍ଧୁତ୍ୱ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକାଠି ହୋଇ କାମକରିବା ।



ମୁଖ୍ୟମନ୍ତ୍ରୀ ଏହି ପ୍ରତିନିଧି ଦଳଙ୍କୁ ସ୍ୱାଗତ କରିଛନ୍ତି ଓ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଶୁଭେଚ୍ଛା ଜଣାଇବାକୁ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଅତିତ କେବଳ ଇତିହାସ ସହ ନୁହେଁ ପୌରାଣିକ ସଂପର୍କ ସହ ଜଡିତ । ଆମର ସଂପର୍କ, ପଡୋଶୀ ସଦିଚ୍ଛା ଓ ଭାଇଚାରା ବନ୍ଧୁତ୍ୱ ଏକ ଜ୍ୱଳନ୍ତ ନିର୍ଦ୍ଦସନ । ଆମର ନୌ ବାଣିଜ୍ୟର ଅତିହ୍ୟ ସୁଦୁର ପ୍ରଶାରୀ । କଳିଙ୍ଗର ନାବିକମାନେ ଶ୍ରୀଲଙ୍କା ଯାଇ ସେଠାକୁ ଚାଉଳ, ଘୋଡା ଓ ହାତୀ ଆଣୁଥିଲେ । ଏହି ଇତିହାସକୁ ମନେପକାଇ କଟକରେ ବାଲିଯାତ୍ରା କରାଯାଉଛି । ଆଶା କରୁଛି ଯେ, ଆମର ସହଯୋଗ ଆଗକୁ ବଢ଼ିବ । ବିଶେଷ କରି ପର୍ଯ୍ୟଟନ, ସଂସ୍କୃତି, ଶିକ୍ଷା, କ୍ରୀଡା ଓ ଶିଳ୍ପ କ୍ଷେତ୍ରରେ ସହଯୋଗ ବଢ଼ିବ । ଓଡ଼ିଶା ଏବେ କ୍ରୀଡା ଓ ପୁଞ୍ଜି ନିବେଶର ହବ୍ ହୋଇଛି । ଆମର ବିପର୍ଯ୍ୟୟ ପରିଚାଳନା ସବୁଠୁ ଉତ୍କୃଷ୍ଟ । ଆମେ ବାତ୍ୟା ସମୟରେ ଲୋକଙ୍କ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛୁ । ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ଓଡ଼ିଶାର ଅର୍ଥନୀତିର ଆକାର ଏବେ ୧୧୦ ଆମେରିକୀୟ ଡଲାର ଓ ୨୦୩୬ ସୁଦ୍ଧା ଏହାକୁ ୫୦୦ ବିଲିୟନ ଡଲାର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଶ୍ରୀଲଙ୍କାର ପ୍ରତିନିଧି ଦଳ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରିବା ସହ କୋଣାର୍କ, ଧଉଳୀ, କଳିଙ୍ଗା ଷ୍ଟାଡିୟମ ଓ ଚିଲିକା ହ୍ରଦ ପରିଦର୍ଶନରେ ଯିବେ । ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ପୁସ୍ତକ ଚତୁର୍ଥ ଶିଳ୍ପ ବିପ୍ଳବ ଉନ୍ମୋଚିତ



ଭୁବନେଶ୍ୱର, (ସବ୍ୟୁ): ପ୍ରଖ୍ୟାତ ଶିକ୍ଷାବିତ୍, ଜଣାଶୁଣା ଲେଖିକା ଓ କବି ମାଧୁରୀ ଅଧିକାରୀଙ୍କ ଦ୍ୱାରା ଶିଳ୍ପ ସଂପର୍କିତ ପୁସ୍ତକ ଚତୁର୍ଥ ଶିଳ୍ପ ବିପ୍ଳବ ଉନ୍ମୋଚିତ ହୋଇଯାଇଛି । ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପୁସ୍ତକକୁ ଉନ୍ମୋଚନ କରିଛନ୍ତି । ଶିଳ୍ପ ଜଗତ ଉପରେ ଓଡ଼ିଆରେ ପୁସ୍ତକ ପ୍ରକାଶ ପାଇବା କ୍ଷେତ୍ରରେ ଏହା ପ୍ରଥମ । ଆଧୁନିକ ଶିଳ୍ପାୟନ ଓ ବୈଷୟିକ ଶିକ୍ଷା ଉପରେ ୪୦ଟି ଦିଗ ଉପରେ ଏହି ପୁସ୍ତକରେ ଆଲୋକପାତ କରାଯାଇଛି । ପୁସ୍ତକଟି ବୈଷୟିକ ଛାତ୍ରଛାତ୍ରୀ ଓ ଶିଳ୍ପ ସହିତ ଜଡିତ ପେଶାଦାରଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବ । କେବଳ ସେତିକି ନୁହେଁ ଇଣ୍ଡଷ୍ଟ୍ରି ଲାଇବ୍ରେରୀ ଓ ବୈଷୟିକ ଶିକ୍ଷାନୁଷ୍ଠାନ ପାଇଁ ମଧ୍ୟ ଅମୂଲ୍ୟ ସଂପଦ ହେବ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଶିଳ୍ପାୟନ ସଂପର୍କିତ ଓଡ଼ିଆରେ ପ୍ରକାଶିତ ଏଭଳି ପୁସ୍ତକ ପ୍ରକାଶନକୁ ସ୍ୱାଗତ କରିବା ସହିତ ପାଠକମାନଙ୍କ ନିକଟରେ ଏହା ଯେପରି ସହଜରେ ପହଞ୍ଚିପାରିବ ସେ ଦିଗରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତ୍, ସାହିତ୍ୟିକ ଓ ଶିଳ୍ପ ସଂସ୍ଥା ଗୁଡ଼ିକର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

## ସ୍ୱାମୀ ସ୍ତ୍ରୀ ଙ୍କୁ ଦଳି ଦେଲା ବଣୁଆ ହାତୀ

ପଦ୍ମପୁର, (ସବ୍ୟୁ): ଫସଲ ଜଗିଥିଲା ବେଳେ ପଦ୍ମପୁର ଉପଖଣ୍ଡ ପାଇକମାଳ ଥାନା ଅନ୍ତର୍ଗତ ଧାନ୍ଦୁପାଲି ଗାଁର ବଳରାମ ରଣା(୫୫) ଓ ଶଶୀ ରଣା(୫୦) ଗୋଟିଏ ବଣୁଆ ହାତୀ ଆସି ଫସଲ ନଷ୍ଟ କରିଲରେ ଥିବା କୁଡ଼ିଆ କୁ ଆକ୍ରମଣ କରିବା ସହ ସ୍ୱାମୀ ସ୍ତ୍ରୀ ଉଭୟଙ୍କୁ ଦଳି ଦେଇଥିଲା ।ମଙ୍ଗଳବାର ସକାଳୁ ତାଙ୍କ ପରିବାର ଲୋକେ ଏ ବିଷୟରେ ପାଇକମାଳ ବନବିଭାଗ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଶବବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିବା ସହ ପ୍ରାରମ୍ଭିକ କ୍ଷତି ପୂରଣ ପ୍ରଦାନ କରାଯାଇଛି ।

# ପୁରୀ ଜିଲ୍ଲା ଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କଲେ ପ୍ରତୀକ ସିଂ

ପୁରୀ (ସବ୍ୟୁ): ମଙ୍ଗଳବାର ଅପରାହ୍ନରେ ପୁରୀ ଜିଲ୍ଲା ନୂତନ ଏସପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ୨୦୧୪ ବ୍ୟାଚର ଆଇପିଏସ ପ୍ରତୀକ ସିଂ । ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ନୂତନ ଏସ୍‌ପିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ପୂର୍ବତନ ଏସପି ପିନାକ ମିଶ୍ର । ଏହି ଅବସରରେ ଏସପି ଶ୍ରୀ ସିଂ ସାମ୍ବାଦିକ ମାନଙ୍କୁ କହିଛନ୍ତି ମହାପ୍ରଭୁଙ୍କ ସୌଭାଗ୍ୟରୁ ସେ ପୁରୀ ଜିଲ୍ଲା ଏସପି ଭାବେ ନିଯୁକ୍ତ ହୋଇଛନ୍ତି । ସେ ନିଷ୍ଠାର ସହ ପୁରୀ ଜିଲ୍ଲା ବାସୀଙ୍କ ସେବା କରିବେ । ବୁଦ୍ଧିଜୀବି, ସେବାୟତ ଓ ପୁରୀ ସହର ବାସୀଙ୍କ ସହଯୋଗରେ ପୋଲିସ କାର୍ଯ୍ୟ କରିବ । ପୁରୀ ଏକ ଧାର୍ମିକ ଓ ଆଧାତ୍ମିକ କ୍ଷେତ୍ର ଓ ପର୍ଯ୍ୟଟନ ସ୍ଥଳ । ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଅବସ୍ଥାନ କରୁଛନ୍ତି । ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ପୁରୀକୁ ରାଜ୍ୟ ବାହାରୁ ଦୈନନ୍ଦିନ ଲକ୍ଷାଧିକ ଭକ୍ତ ଆସୁଛନ୍ତି । ଭକ୍ତଙ୍କ ସୁରକ୍ଷା ଓ ନିରାପଦ ଶୃଙ୍ଖଳିତ ଦର୍ଶନ ଉପରେ ପୋଲିସ ଗୁରୁତ୍ୱ ଦେବ । ଭକ୍ତମାନେ ଯେପରି ବିନା ବାଧା ବିଘ୍ନରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ସେ ଦିଗରେ ପୋଲିସ ପକ୍ଷରୁ ଦୃଷ୍ଟି ଦିଆଯିବ । ଶ୍ରୀ ମନ୍ଦିର ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ା କଡି କରାଯିବ । ସେହିପରି ବାହାରୁ ପୁରୀ ସମୁଦ୍ର କୂଳକୁ ଭ୍ରମଣ ପାଇଁ ଆସୁ ଥିବା ପର୍ଯ୍ୟଟକମାନଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ । ସମୁଦ୍ରରେ ସ୍ନାନ କରିବା ସମୟରେ ଯେପରି ପର୍ଯ୍ୟଟକ ମାନେ ବୁଡି ନ ଯିବେ ଓ ଦୁର୍ଘଟଣାର ଶିକାର ନ ହେବେ ସେଥିପାଇଁ ନିରାପଦ ସ୍ନାନ ନିମନ୍ତେ ସେଠାରେ ମୃତୟନ୍ ଲାଇଫ ଗାର୍ଡଙ୍କ ସହାୟତା ନେବା ପାଇଁ ସଚେତନ କରାଯିବ । ଆଗକୁ ଦୁର୍ଗା ପୂଜା, ଦଶହରା ଓ ଦୀପାବଳୀ ଆସୁଛି । ଦଶହରା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ପୁରୀ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାକୁ ଦିଆ ଯିବ ନାହିଁ । ଜିଲ୍ଲାରେ ଅପରାଧ ଘଟାଇବାକୁ ପ୍ରଶୟ ଦିଆ ଯିବ ନାହିଁ । ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିବ । ସେହିପରି ଅପରାଧ ଦମନ କ୍ଷେତ୍ରରେ ପୋଲିସ ପକ୍ଷରୁ ଶୂନ୍ୟ ସହନ ଶୀଳତା ଗ୍ରହଣ କରାଯିବ । ଅପରାଧ ଘଟାଉ ଥିବା ଅପରାଧିଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ ବୋଲି ଏସପି ଶ୍ରୀ ସିଂ କହିଛନ୍ତି । ପୁରୀ ସହରବାସି ପୋଲିସକୁ ସହଯୋଗ କରିବା ପାଇଁ ଶ୍ରୀ ସିଂ ନିବେଦନ କରିଛନ୍ତି ।



# ଜନଶୁଣାଣି ଶିବିର, ୯ ୭ ଅଭିଯୋଗ ଆଗତ

ଭଦ୍ରକ/ତିହିଡି, (ସବ୍ୟୁ): ତିହିଡି ବ୍ଲକ ନୀଳମଣି ସଭାଗୃହରେ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୯୭ଟି ଅଭିଯୋଗ ଆଗତ ହୋଇଥିଲା । ଅଭିଯୋଗ ଗୁଡିକ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା । ଏଥିମଧ୍ୟରୁ ୬ଟି ଅଭିଯୋଗର ତ୍ୱରିତ ଫଇସଲା କରାଯାଇଥିବା ବେଳେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ୨୭ ହଜାର ଟଙ୍କାର ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏଥିରେ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାଏ, ଏସପି ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ସିଡିଏମଓ ଡା.ଉମାପ୍ରସାଦ ବିଶ୍ୱାଳ, ବିଡିଓ ନିରଞ୍ଜନ ବାରିକ ଅତିରିକ୍ତ ତହସିଲଦାର ନମିତା ଧଳ ଓ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ ।

## ଡ଼ ନାରାୟଣ ମହାପାତ୍ରଙ୍କୁ ମା ଭାରତୀ ସେବା ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ଡ଼ ନାରାୟଣ ମହାପାତ୍ର ଙ୍କୁ ସଙ୍ଗମ ଏକାଡେମୀ ରାଜସ୍ତାନ ପକ୍ଷରୁ ମା ଭାରତୀ ସେବା ସମ୍ମାନ ୨୦୨୫ ରେ ସମ୍ବର୍ଦ୍ଧିତ କରା ଯାଇଛି । ସମାଜ ସେବାରେ ନିଜକୁ ନିୟୋଜିତ କରି ଥିବା ଡ଼ ମହାପାତ୍ର ଅବହେଳିତ ବରିଷ୍ଠ ନାଗରିକ ଓ ଅବହେଳିତ ଛୋଟ ପିଲାମାନଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଦୀର୍ଘ ଦିନରୁ କରି ଆସୁଛନ୍ତି । ରକ୍ତଦାନ କାର୍ଯ୍ୟକ୍ରମ ଓ ଅବହେଳିତ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସମୟ ଦାନ କରି ଉଲ୍ଲେଖନିୟ କାର୍ଯ୍ୟ କରିଛନ୍ତି । ପୂର୍ବରୁ ମଧ୍ୟ ରାଜ୍ୟ, ଦେଶ ଓ ଦେଶ ବାହାରୁ ମାନବ ମଙ୍ଗଳ କାର୍ଯ୍ୟ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଡ଼ ମହାପାତ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବର୍ଦ୍ଧିତ କରିଥିବାରୁ ସଙ୍ଗମ ଏକାଡେମୀର ପ୍ରତିଷ୍ଠାତା ଓ ଅନ୍ୟ ସଦସ୍ୟମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି ଡ. ମହାପାତ୍ର ।

କିମ୍‌ସ ଓ ଶୁଭ୍ରା ଫାଉଣ୍ଡେସନ୍ ବୁଝାମଣାପତ୍ର

# ବେତନଟୀରେ ଖୋଲିବ କିମ୍‌ସ-ଶୁଭ୍ରା ରୁରାଲ୍ ହସ୍‌ପିଟାଲ୍

ଭୁବନେଶ୍ୱର, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅନ୍ତର୍ଗତ କୁଁଚିଶୋଳ ଗ୍ରାମରେ ଏକ ରୁରାଲ ହସ୍‌ପିଟାଲ୍ ଚଳାଇବା ପାଇଁ ଭୁବନେଶ୍ୱରର କିମ୍‌ସ ଓ ଗୁଜରାଟର ଶୁଭ୍ରା ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି । ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ୍‌ର ନିର୍ଦ୍ଦେଶିକା ସ୍ମିତା ମୁର୍ମୁଙ୍କ ଉପସ୍ଥିତରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି । ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ୍ ପକ୍ଷରୁ ବଦ୍ରି ମହାପାତ୍ର ଓ କିମ୍‌ସ ପକ୍ଷରୁ ଏହାର ଗ୍ରୁପ୍ ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ବୁଝାମଣା ଅନୁଯାୟୀ ହସ୍‌ପିଟାଲ୍ ପାଇଁ ଶୁଭ୍ରା ପ୍ରିୟମ୍ବଦା ଫାଉଣ୍ଡେସନ୍ ପକ୍ଷରୁ ସମସ୍ତ ଭିତିଭୂମି ଯୋଗାଇ ଦିଆଯାଇଛି । କିମ୍‌ସ ହସ୍‌ପିଟାଲ୍‌ର କ୍ଲିନିକାଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ, ଅପରେସନ୍ ଓ ସମସ୍ତ ପ୍ରଶାସନିକ ଦାୟିତ୍ୱ ବହନ କରିବ । ସ୍ମିତା ମୁର୍ମୁ ଏକ ସମ୍ଭ୍ରାନ୍ତ ପରିବାରରୁ ଆସିଥିବା ବେଳେ ଗତ ୩୦ବର୍ଷ ଧରି ମୟୂରଭଞ୍ଜ ଜିଲ୍ଲାର ବେତନଟୀ ସମେତ ସ୍ଥାନୀୟ ଅଂଚଳରେ ସ୍ୱାସ୍ଥ୍ୟସେବା ତଥା ଅନ୍ୟାନ୍ୟ ସମାଜ ମଙ୍ଗଳ କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି । କିମ୍‌ସ ଓ ଶୁଭ୍ରା ପ୍ରିୟମ୍ବଦା ହସ୍‌ପିଟାଲ୍ ହେଲେ ଏହା ଦ୍ୱାରା ବେତନଟୀ ତଥା ସ୍ଥାନୀୟ ଅଂଚଳର ଜନଜାତି ଓ ବହୁ ଜନସାଧାରଣ ଉପକୃତ ହୋଇପରିବେ । ବେତନଟୀର କୁଁଚିଶୋଳ ଗ୍ରାମ ହେଉଛି ଓଡ଼ିଶା ତଥା ଭାରତର ଗର୍ବ ଓ ଗୌରବ ଜମ୍ମୁ କାଶ୍ମୀରର ପ୍ରଥମ ଏଲ୍‌ଜି ତଥା ଭାରତର ପୂର୍ବତନ ସିଏଜି ଡ. ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଜନ୍ମିତ ଗ୍ରାମ । ଏଥିରେ ଖୁସି ବ୍ୟକ୍ତ କରି କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ଆମେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରିଆସୁଛୁ । କିମ୍‌ସ-ଶୁଭ୍ରା ପ୍ରିୟମ୍ବଦା ହସ୍‌ପିଟାଲ୍ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି ଶ୍ରୀ ସାମନ୍ତ ସୂଚନା ଦେଇଛନ୍ତି ।



ଐତିହ୍ୟ ସ୍ମାରକ ଗୁଡ଼ିକର ସଂରକ୍ଷଣ ଓ ଉନ୍ନତିକରଣ ନେଇ ସମୀକ୍ଷା ବୈଠକ

# ଆସିବ ନୂଆ ଐତିହ୍ୟ ନୀତି, ୭୫ଟି ଐତିହ୍ୟ ସ୍ଥଳୀର ବିକାଶ ପାଇଁ ନିଆଯିବ ପଦକ୍ଷେପ

ଭୁବନେଶ୍ୱର: (ସବ୍ୟୁ): ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ବହୁ ପୁରାତନ । ଐର ଖାରବେଳଙ୍କ ସମୟରୁ ଆରମ୍ଭ କରି ପାଇକ ବିଦ୍ରୋହ ପର୍ଯ୍ୟନ୍ତ ଅନେକ କୀର୍ତ୍ତିରାଜି ଆଜିବି ଲୋକଲୋଚନ ଆଢୁଆଳରେ ରହିଯାଇଛି । ଏହି ଐତିହ୍ୟ କୀର୍ତ୍ତିରାଜିକୁ ଖୋଜି ବାହାର କରିବା ସହ ସେସବୁର ଡାଟାବେସ୍ ପ୍ରସ୍ତୁତ କରିବା ସହ ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ଦେଇ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ କରାଇବାର ଆବଶ୍ୟକତା ରହିଛି ବୋଲି ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମତ ପ୍ରକାଶ ପାଇଛି । ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡ଼ା ଓ ଯୁବସେବା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସଂପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନେଇ ରାଜ୍ୟରେ ଥିବା ପୁରାତନ ଐତିହ୍ୟ ସ୍ମାରକ ସବୁର ସୁରକ୍ଷା, ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା ।



ଏଥିରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଲେ ଯେ ଓଡ଼ିଶାର ଐତିହ୍ୟ ବହୁ ପୁରୁଣା । ଐର ଖାରବେଳଙ୍କ ସମୟ, ବୌଦ୍ଧ କୀର୍ତ୍ତିରାଜି, ଖଣ୍ଡଗିରି ଓ ଉଦୟଗିରି ଏବଂ ପାଇକ ବିଦ୍ରୋହ ସମୟର ଅନେକ ଐତିହ୍ୟସ୍ଥଳ ଲୁକାୟିତ ହୋଇ ପଡ଼ିରହିଛି । ଏସବୁକୁ ହିସାବ କଲେ ଓଡ଼ିଶାରେ ଏହାର ସଂଖ୍ୟା ୩ ହଜାରରୁ ଅଧିକ ହେବ । ଏଥିରୁ ୮୨ଟି କୀର୍ତ୍ତିରାଜିକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ରକ୍ଷଣାବେକ୍ଷଣ କରୁଥିବାବେଳେ ୨୧୨ଟି ରାଜ୍ୟ ପ୍ରନିତାତ୍ତ୍ୱିକ ସଂସ୍ଥା ହାତରେ ରହିଛି । ତେବେ ବାକି ଥିବା ଐତିହ୍ୟ ସ୍ଥଳର ଉପଯୁକ୍ତ ରକ୍ଷଣାବେକ୍ଷଣ ସହ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହାର ସୌନ୍ଦର୍ଯ୍ୟକରଣର ଆବଶ୍ୟକତା ରହିଛି । ତେଣୁ ଏହି କାର୍ଯ୍ୟକୁ ଆଗେଇ ନେବା ପାଇଁ ପର୍ଯ୍ୟଟନ, ସଂସ୍କୃତି ଓ ପୂର୍ତ୍ତ ବିଭାଗ ସମନ୍ୱୟରେ ଏକ ଟାସ୍କଫୋର୍ସ ଗଠନର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ ।

ସେହିଭଳି ବୈଠକରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ଶ୍ରୀଜଗନ୍ନାଥଙ୍କ ଦେଶ ଭାବେ ପରିଚିତ ଓଡ଼ିଶା ଐତିହ୍ୟ ଓ ସଂସ୍କୃତିର ଗନ୍ତାଘର । ଏହାର ପ୍ରତ୍ୟେକ କୋଣ ଅନୁକୋଣରେ ଐତିହ୍ୟ ଓ ପୁରାତନ କୀର୍ତ୍ତିରାଜି ଭରି ରହିଛି । ଏହିସବୁ କୀର୍ତ୍ତିରାଜିର ସୁରକ୍ଷା ସହିତ ପାରିପାର୍ଶ୍ୱିକ ବିକାଶ ଓ ଭଲ ସଡ଼କ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଜରୁରୀ । ଫଳରେ ଲୋକଲୋଚନ ଆଢୁଆଳରେ ଥିବା ଓଡ଼ିଶାର ଐତିହ୍ୟସ୍ଥଳୀକୁ ବିଶ୍ୱର ସବୁ ସ୍ଥାନରୁ ପର୍ଯ୍ୟଟକ ଆସିବାର ସମ୍ଭାବନା ସୃଷ୍ଟି ହୋଇପାରିବ । ସବୁ ପୁରାତନ ମନ୍ଦିରର ଜିଓ ଟ୍ୟାଗିଂ କରାଯିବା ସହ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବିଭିନ୍ନ କ୍ଷେତ୍ରର ଉନ୍ନତିକରଣ ହେବ । ଏଥି ସହିତ ରାଜ୍ୟରେ ଥିବା ତାରା-ତାରେଣୀ ମନ୍ଦିରଠାରୁ ଆରମ୍ଭ କରି ବିରଜା କ୍ଷେତ୍ର ପର୍ଯ୍ୟନ୍ତ ସବୁ ଶକ୍ତିପୀଠକୁ ଯୋଡ଼ି ଏକ କରିଡ଼ର ନିର୍ମାଣ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏଥି ଲାଗି ସବୁ ପୁରାତନ ଐତିହ୍ୟ ସ୍ଥଳୀର ପ୍ରୋଫାଇଲ୍ ପ୍ରସ୍ତୁତି ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ । ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ମତ ରଖିଥିଲେ । ଏହି ବୈଠକରେ ଓଡ଼ିଆ ଭାଷା, ସହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଳବନ୍ତ ସିଂ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାସ, ଇଆଇସି (ସିଭିଲ୍) ସତ୍ୟବ୍ରତ ବେହେରା, ଓବିସିସିର ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ମୁଖ୍ୟଯନ୍ତ୍ରୀ (ବିଲ୍‌ଡିଂ-୧) ପ୍ରିୟବ୍ରତ ସାମନ୍ତରାୟ, ପୂର୍ତ୍ତ ବିଭାଗ ଉପଦେଷ୍ଟା ଜେ.କେ. ଦାସ, ଏଏସ୍‌ଆଇ ସୁପରିଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ୩ ହଜାରରୁ ଉର୍ଦ୍ଧ୍ୱ ସ୍ମାରକର ସଂରକ୍ଷଣ ପାଇଁ ଗଠିତ ହେବ ଟାସ୍କଫୋର୍ସ



ଶତାବ୍ଦୀର କଳାକାର ଦ୍ୱାରା ପ୍ରଯୋଜିତ ନାଟକ 'ଆପଣମାନେ ଖୁସି ତ ' ନାଟକ ମଞ୍ଚସ୍ଥ । ନିର୍ଦ୍ଦେଶକ ଧୀର ମଲ୍ଲିକ ଓ ବିଜୟ ଦାସ । ଅତିଥି ଡକ୍ଟର ରବିନାରାୟଣ ସେନାପତି ଓ ପ୍ରଦୋଷ ପଟ୍ଟନାୟକ ।

# ବଜ୍ରାଘାତରେ ଗଲା ୩ ମହିଳାଙ୍କ ଜୀବନ




ଛତ୍ରପୁର, (ସବ୍ୟୁ): ବଜ୍ରପାତରେ ଗଲା ୩ ମହିଳାଙ୍କ ଜୀବନ । ଗଞ୍ଜାମ ଜିଲ୍ଲା ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛତ୍ରପୁର ଓ ଗଞ୍ଜାମ ବ୍ଲକରେ ମଙ୍ଗଳବାର ବଜ୍ରାଘାତରେ ୩ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି । ଛତ୍ରପୁର ବ୍ଲକ ଅନ୍ତର୍ଗତ ସରଭୀମପୁର ଗ୍ରାମର ବିଲରେ କାମ କରୁଥିବା ବେଳେ ହଠାତ ବିଜୁଳି ଘଡଘଡି ମାରିଥିଲା । ସେଥିରେ ଦୁଇ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିଲା । ମୃତ ମହିଳା ଦ୍ୱୟ ହେଲେ କୁନି ଗୌଡ଼ ଓ ନିରୁପମା ଗୌଡ଼ । ଉଭୟ ନଣନ୍ଦ ଓ ଭାଉଜ ବୋଲି ସୂଚନା ମିଳିଛି । ସେମାନଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ ।

ସେହିପରି ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାଉଳିବନ୍ଧ ଗ୍ରାମରେ ବଜ୍ରାଘାତରେ ଆଉ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ରାଉଳିବନ୍ଧ ଗ୍ରାମର ମିନି ଗୌଡ଼ ମଧ୍ୟ ବିଲରେ ଧାନ ରୋଇବା ସମୟରେ ହଠାତ ଘଡଘଡି ମାଡ଼ ହୋଇଥିଲା । ସେ ଘଟଣା ସ୍ଥଳରେ ହିଁ ଟଳି ପଡିଥିଲେ । ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ନିଆ ଯାଇଥିଲା, ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟପଟେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଛତ୍ରପୁର ମେଡିକାଲରେ ପହଂଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରଙ୍କ ପକ୍ଷରୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ଲାଗି ଚେଷ୍ଟା କରିବେ ବୋଲି କହିଥିଲେ ।

# ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାମାକୁ ଖିଲାପ କରି ଫାର୍ମାସୀ ଅଫିସରଙ୍କ ବଦଳି ଅଭିଯୋଗ

ବାରିପଦା, (ସବ୍ୟୁ) : ରାଜ୍ୟ ସରକାର ଫାର୍ମାସିଷ୍ଟ କ୍ୟାଡର ପୁନଃଗଠନ ଗତ ନଭେମ୍ବର ୨୦୨୩ ମସିହାରେ କରିଥିଲେ । ଫାର୍ମାସିଷ୍ଟରୁ ଫାର୍ମାସୀ ଅଫିସର ପଦବୀ ନାମକରଣ କରିବା ସହିତ ୪୦୭୨ପଦବୀରୁ ୫୦୦୯ପଦବୀକୁ ବୃଦ୍ଧି କରି ବେସ୍ ଲେଭୁଲ ପଦବୀରେ ୭୯୨ପଦବୀ ଉଚ୍ଛେଦ କରିଥିଲେ। ଏହାପରେ ସରକାରଙ୍କ ତରଫରୁ ୨୦/୦୪/୨୪ରେ ଜିଲ୍ଲାଓ୍ୱାରୀ କେତେ କେତେ ପଦବୀ ରହିବ ରାଜ୍ୟ ପ୍ରମୁଖ ଏକାଉଣ୍ଟ ଜେନେରାଲଙ୍କ ପାଖକୁ ଏକପତ୍ର କରିଥିଲେ, ପୁଣି ୨୭/୦୧/୨୫ ରେ ବିଭିନ୍ନ ଡାକ୍ତରଖାନାରେ ଫାର୍ମାସି ଅଫିସର ପଦବୀରେ କେତେଜଣ ରହିବେ ସ୍ୱାସ୍ଥ୍ୟ ସଚିବ ଏକାଉଣ୍ଟ ଜେନେରାଲଙ୍କୁ ଜଣାଇଥିଲେ । ସେହି ସମୟରେ କୌଣସି ଫାର୍ମାସି ଅଫିସର ମାନଙ୍କୁ ତଳପଦବୀରେ ଉଚ୍ଛେଦ କରାଯାଇଥିବା ଫାର୍ମାସି ଅଫିସର ମାନଙ୍କୁ ଯେ ପର୍ଯ୍ୟନ୍ତ ପଦୋନ୍ନତି କାର୍ଯ୍ୟକାରୀ ନହୋଇଥିବ ସେ ପର୍ଯ୍ୟନ୍ତ କୌଣସି ଫାର୍ମାସି ଅଫିସର ମାନଙ୍କୁ ଦରମାପାଇବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ଚିଠି ନଂ ୩୮୭୩/ ଏଚ୍/୦୯/୦୨/୨୦୨୪ ଅନୁସାରେ ସ୍ୱାସ୍ଥ୍ୟସଚିବ ଉଲ୍ଲେଖ କରିଛନ୍ତି । ଏବେ ସୁଦ୍ଧା ରାଜ୍ୟର ଅନ୍ୟ ୨୯ଗୋଟି ଜିଲ୍ଲାରେ କୌଣସି ଫାର୍ମାସି ଅଫିସର ମାନଙ୍କୁ ସ୍ଥାନାନ୍ତର କରାଯାଇନଥିବା ସ୍ଥଳେ ହଠାତ୍ ମୟୂରଭଞ୍ଜ ଜିଲ୍ଲାରେ ୦୩/୦୭/୨୦୨୫ ଏବଂ ୦୮/୦୭/୨୦୨୫ ରେ କ୍ରିଏସନ୍/ ଏବୋଲିସନ୍/ଆପ୍ ଗ୍ରେଡେସନ୍ ଆଳରେ ମନ୍ଦ ଉଦ୍ଦେଶ୍ୟ ରଖି ୧୨ଜଣଙ୍କୁ ବଦଳୀ କରିଲେ । ଯାହାକି ସାଧାରଣ ପ୍ରଶାସନ ବିଭାଗର ଚିଠି ନଂ ୧୨୬୮/ ତା ୧୬/୦୪/୨୫କୁ ବିରୁଦ୍ଧାଚରଣ କରୁଛି ।

ଏହି ୧୨ଜଣଙ୍କୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ଅଫିସ୍‌ରୁ ଫୋନ ଯୋଗେ ଦେଖା କରିବା ପାଇଁ କଲ୍ କରାଯାଇଥିଲା । ଯିଏ ଦେଖାକଲେ ନାହିଁ ତାଙ୍କୁ ଦୁର ଯାଗାକୁ ବଦଳୀ କରାଗଲା । ମୟୂଭଞ୍ଜ ସିଡିଏମ୍‌ଓ ସାଧାରଣ ବଦଳୀ କରିବା ପାଇଁ ଏକ କମିଟି ଜୁନ, ୪ତାରିଖରେ କରିଥିଲେ ଏବଂ ୧୨/୦୬/୨୫ ରେ ଉକ୍ତକମିଟି ବଦଳୀ ସମ୍ବନ୍ଧୀୟ ନିଷ୍ପତି ନେଇଥିଲେ । କିନ୍ତୁ ଫାର୍ମାସି ଅଫିସରଙ୍କ କୌଣସି ବଦଳୀ ପ୍ରସ୍ତାବ ଏହି କମିଟିରେ ରଖାଯାଇନଥିଲା । ଏହି ବେଆଇନ୍ ବଦଳୀକୁ ସଂଘ ତରଫରୁ ପ୍ରତିବାଦ କରିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସ୍ୱାସ୍ଥ୍ୟନିର୍ଦ୍ଦେଶକଙ୍କ ପାଖକୁ ଏକ ସ୍ପଷ୍ଟି କରଣ ଚିଠି ବଦଳୀ ବାବଦରେ କରିଥିଲେ । ସ୍ପଷ୍ଟି କରଣ ଚିଠି ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପାଖରୁ ନଆସିଥିଲେ ମଧ୍ୟ ପୁଣି ହଠାତ୍ ସଦର ଡାକ୍ତରଖାନାର ୧୦ଜଣ ଫାର୍ମାସି ଅଫିସରମାନଙ୍କୁ ବିଭିନ୍ନ ଯାଗାକୁ ୫୦-୬୦ କି.ମି ଦୂର ଯାଗାକୁ ବଦଳୀ କରିଲେ ।

ଏହାପରେ ପୁଣି ଜିଲ୍ଲାପାଳ, ନଗର ଉନ୍ନୟନମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଠାରେ ପ୍ରତିବାଦ କରିବାରୁ ମାନ୍ୟବର ମନ୍ତ୍ରୀଙ୍କ ନିର୍ଦ୍ଦେଶରରେ ଜିଲ୍ଲାପାଳ ହସ୍ତକ୍ଷେପ କରି ଦୁଇ ଜଣଙ୍କ ରିଲିଫ୍ ଆଦେଶକୁ ୧୮/୦୮/୨୫ରେ ରଦ୍ଦ କରିଛନ୍ତି । କିନ୍ତୁ ବଦଳୀ ଆଦେଶ ଗୁଡିକ ଏ ପର୍ଯ୍ୟନ୍ତ ରଦ୍ଦ ହୋଇନାହିଁ । ଇତି ମଧ୍ୟରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଠାରୁ ଏକ ଚିଠି ଆସିଛି ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସିଧାସଳଖ ସରକାରଙ୍କ ନିୟମକୁ ଉଲଂଘନ କରାଯାଇଥିବା ଦର୍ଶାଇଛନ୍ତି । ଜିଲ୍ଲାପାଳ କିମ୍ବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଠାରୁ ମଞ୍ଜୁରୀ ନିଆ ନଯାଇ କିପରି ବଦଳୀ କରାଗଲା ପ୍ରଶ୍ନବାଚି କରିଛନ୍ତି ।

ସେହିପରି ଗତ ଜୁଲାଇ ୩୧ତାରିଖରେ ନୂତନ ଭାବେ ଫାର୍ମାସି ଅଫିସର ମାନଙ୍କ ନିଯୁକ୍ତି ପାଇଁ ସ୍ଥାନନିରୁପଣ ନିମନ୍ତେ କାଉଁସେଲିଙ୍ଗ୍ କରାଯାଇଥିଲା । ହେଲେ ସେଥିରେ ମଧ୍ୟ ସ୍ୱଚ୍ଛତା ଅବଲମ୍ବନ କରାଯାଇନଥିଲା । ଯେଉଁ ୧୩ଜଣ କାଉଁସେଲିଙ୍ଗ୍ ପାଇଁ ଆସିଥିଲେ ତାଙ୍କୁ ଦୁଇଦିନ ପୂର୍ବରୁ ଖାଲି ଥିବା ସ୍ଥାନ ଗୁଡିକ ସୂଚନା ଦେବା ନିୟମ ଥିଲେ ମଧ୍ୟ କୌଣସି ସୂଚନା ଦିଆଯାଇନଥିଲା । ଜିଲ୍ଲାପାଳ ଓ ନଗରଉନ୍ନୟନ ମନ୍ତ୍ରୀଙ୍କ ଠାରେ ଏହି ବେଆଇନ୍ ବଦଳୀକୁ ରଦ୍ଦ କରି ସଂପୃକ୍ତ କିରାଣୀଙ୍କ ବିରୁଦ୍ଧରେ ତଦନ୍ତ କରାଯାଇ ତୁରନ୍ତ ସ୍ଥାନାନ୍ତର କରାଯିବାକୁ ସଂଘ ତରଫରୁ ଦାବୀ କରାଯାଇଛି ।

# ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ସମ୍ପର୍କିତ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ଆଗାମୀ ସେପେଟମ୍ବର ମାସ ୮ତାରିଖରୁ ସେପେଟମ୍ବର ୧୦ତାରିଖ ପର୍ଯ୍ୟନ୍ତ ବାରିପଦାର ଷ୍ଟେସନ ବଜାର ନିକଟସ୍ଥ ବିବାହ ମଣ୍ଡପ ଠାରେ ମୟୂରଭଞ୍ଜ ଅବସର ପ୍ରାପ୍ତ ସୈନିକ ସଙ୍ଘ, ଭାରତୀୟ ସୈନ୍ୟ ବାହିନୀ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ୩ଦିନ ବ୍ୟାପି ଏକ ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯିବ । ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଚାନ୍ଦିପୁର ଷ୍ଟେସନ ହେଡ଼କ୍ୱାର୍ଟର ପ୍ରଶାସନିକ କମାଣ୍ଡର ଲେଫଟ ଟେଣ୍ଟ କର୍ଣ୍ଣେଲ ସନ୍ତୋଷ ପଣ୍ଡା, ଓଡିଶା ଝାଡ଼ଖଣ୍ଡ ସବ ଏରିଆ କମାଣ୍ଡର କର୍ଣ୍ଣେଲ ମନିଷ ପାଣ୍ଡେ, ଏଡିଏମଓ ଡ଼ଃ ବିଜୟ କୁମାର ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସନ୍ତୋଷ ପଣ୍ଡା ଏହି ଶିବିରର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ । ପରେ ଅତିରକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଏହି ଶିବିରର ସଫଳ ରୂପାୟନ ପାଇଁ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା,ପୌରପାଳିକା, ଅଗ୍ନିଶମ, ପୋଲିସ, ପରିବହନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଇତ୍ୟାଦି ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ସେମାନଙ୍କ ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ମୟୂରଭଞ୍ଜ ଅବସରପ୍ରାପ୍ତ ସୈନିକ ସଂଘର ଯୋଗାଯୋଗ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ସମସ୍ତଙ୍କ ମିଳିତ ପ୍ରୟାସରେ ଶିବିର ଉଦେଶ୍ୟ ନିଶ୍ଚିତ ଫଳପ୍ରସୂ ହେବ ବୋଲି ଆଶା ପୋଷଣ କରି ସମସ୍ତଙ୍କ ସହଯୋଗ କାମନା ସହିତ ଧନ୍ୟବାଦ ଜଣାଇ ଥିଲେ ।



# ବାରହା ଆକ୍ରମଣରେ ଜଣେ ଗୁରୁତର

ମହାକାଳପଡ଼ା, (ସବ୍ୟୁ) : ମହାକାଳପଡ଼ା ଥାନା ଅଧୀନ ବରକନ୍ଧା ପଂଚାୟତ ଅନ୍ତର୍ଗତ ତେନ୍ତୁଳିକନ୍ଧା ଗାଁ ଅବିନାଶ ରାଉତ ବାରହା ଆକ୍ରମଣ ରେ ଗୁରୁତର ହୋଇଥିବାର ଜଣାପଡିଛି। ଅବିନାଶ ସବୁଦିନ ଭଳି ମଙ୍ଗଳବାର ସନ୍ଧ୍ୟାରେ ଗୁପ୍ତ ଗିରି ନଦୀରେ ଏକାକୀ ଜାଲ ଫିଙ୍ଗିବା ବେଳେ ଆକ୍ରମଣର ଶୀକାର ହୋଇଛନ୍ତି। ଜାଲ ପକାଳୀଙ୍କ ଆର୍ତ୍ତ ଚିତ୍କାର ଶୁଣି ବାଟ ଦେଇ ଯାଉଥିବା ଚାଷୀ ଦୌଡ଼ି ଆସିଥିଲେ। ଲୋକେ ଆସିବାରୁ ଜଙ୍ଗଲୀ ବାରହା ଖସି ଯାଇଥିଲା ସିନା ଅବିନାଶ ଗୁରୁତର ଆହତ ହୋଇଥିବାର ଦେଖି ଲୋକେ ପ୍ରଥମେ ମହାକାଳପଡ଼ା ଓ ପରେ କଟକ ସ୍ଥାନାନ୍ତରିତ ହୋଇଛନ୍ତି ।

## ପ୍ରଦୂଷଣ ରୋକିବାକୁ ସତ୍ୟଙ୍କ ନିଆରା ପ୍ରୟାସ

# ପୁରୁଣା ଖବରକାଗଜରେ ନିର୍ମାଣ କଲେ ଗଣେଶ ମୂର୍ତ୍ତି



ବ୍ରହ୍ମପୁର, (ସବ୍ୟୁ): ଗଣେଶ ପୂଜା ଅବସରରେ ପୁରୁଣା ଖବର କାଗଜରେ ଗଣେଶ ମୂର୍ତ୍ତି ନିର୍ମାଣ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା । ସେ ନିଜ କଳା କୃତି ମାଧ୍ୟମରେ ଏକ ଗଣେଶ ମୂର୍ତ୍ତି ତିଆରି କରିଛନ୍ତି । ପୁରୁଣା ଖବର କାଗଜରେ ତିଆରି କରିଥିବା ଏହି ଗଣେଶ ମୂର୍ତ୍ତିର ଉଚ୍ଚତା ୩ ଇଞ୍ଚ, ଓସାର ସାଢେ ଚାରି ଇଞ୍ଚ ରହିଛି । କାଗଜରେ ଏହି ଛୋଟ ଗଣେଶ ମୂର୍ତ୍ତି ତିଆରି କରିବା ପାଇଁ ପ୍ରାୟ ୨ ଘଣ୍ଟା ସମୟ ଲାଗିଥିଲା । ପରିବେଶ ସନ୍ତୁଳନ ଓ ସୂରକ୍ଷା ସହିତ ଜଳ ପ୍ରଦୂଷଣ ରୋକିବା ପାଇଁ ଏଭଳି ଏକ ନିଆରା ପ୍ରୟାସ କରିଛନ୍ତି ସତ୍ୟ । ମାଟିରେ ତିଆରି ଗଣେଶ ମୂର୍ତ୍ତି ନିର୍ମାଣରେ ମାତ୍ରାଧିକ କେମିକାଲ ବ୍ୟବହାର ହେଉଛି । ତେଣୁ ବିସର୍ଜନ ପରେ ଜଳ ପ୍ରଦ୍ୟୁଷିତ ହେଉଛି । ଏଣୁ କାଗଜରେ ତିଆରି ଗଣେଶ ମୂର୍ତ୍ତି କେମିକାଲ ମୁକ୍ତ ବୋଲି ସେ କହିଛନ୍ତି ।

# ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ ନାୟକଙ୍କ ଶ୍ରାଦ୍ଧ ଦିବସ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ପ୍ରଫୁଲ୍ଲ ନାୟକଙ୍କ ୨୩ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏଥିରେ ଅତିଥିଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, କଂଗ୍ରେସ ନେତା ଭାଗିରଥି ବେହେରା, ପୂର୍ବତନ ସରପଞ୍ଚ ନରହରି ରେଡ୍ଡୀ, ଛତ୍ରପୁର ପ୍ରେସ କ୍ଲବ ସଭାପତି ରବୀନ୍ଦ୍ର ନାଥ ପଣ୍ଡା, ଛାତ୍ର ନେତା ଇଜୁ ଆମିନ ଖାନ ଓ ମହେଶ କୁମାର ଗୌଡ଼, ପୂର୍ବତନ ପ୍ରଧାନ ଶିକ୍ଷକ ସୁବାଷ ଜେନା ଓ କୁମୁଦ ବେହେରା, ଆଇନଜୀବୀ ବାବୁ ନାହାକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗଦେଇ ପ୍ରଫୁଲବାବୁଙ୍କ ଜନ କଲ୍ୟାଣ କାର୍ଯ୍ୟ ଓ ଏହି ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ସଂଯୋଜନା କରିଥିବାବେଳେ ଗୋଲକ ନାୟକ, ମନୁ ନାୟକ, ପ୍ରଧାନ ଶିକ୍ଷକ ସୌରା ନାହାକ, ଧରିତ୍ରୀ ପାଣିଗ୍ରାହୀ, ସୋମେୟା ପାତ୍ର, ଅଶୋକ ପଟ୍ଟନାୟକଙ୍କ ସମେତ ବହୁ ଗ୍ରାମବାସୀମାନେ ଉପସ୍ଥିତ ରହି ସ୍ୱର୍ଗତ ନାୟକଙ୍କ ସ୍ମୃତି ଚାରଣ କରିଥିଲେ ।

## ମୂଲ୍ୟବାନ ଗଛକାଟି ନୂତନ ବସଷ୍ଟାଣ୍ଡ ନିର୍ମାଣ

# ଭଞ୍ଜସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାରିପଦା, (ସବ୍ୟୁ) : ବିଗତ କିଛି ବର୍ଷ ଧରି ବାରିପଦା ସହର ବିଶ୍ୱର ସବୁଠାରୁ ଉତ୍ତପ୍ତ ସହର ମଧ୍ୟରେ ସ୍ଥାନ ପାଉଅଛି ତା ସତ୍ତ୍ୱେ ବହୁ ସରକାରୀ ଜମି ଥାଇ ସହର ମଧ୍ୟରୁ ୨ହଜାରରୁ ଅଧିକ ମୂଲ୍ୟବାନ ଗଛକାଟି ନୂତନ ବସଷ୍ଟାଣ୍ଡ ନିର୍ମାଣ କରିବାର ପ୍ରତିବାଦରେ ଭଞ୍ଜସେନା ବାରିପଦା ସହର ଶାଖା ପକ୍ଷରୁ ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ବିଡ଼ମ୍ବନାର ବିଷୟ ଏହିକି ଯେ, ପ୍ରସ୍ତାବିତ ଜାଗାର ଠିକ, ୩୦୦ମିଟର ଦୂରରେ ଅଛି ୧୨ଏକର ସରକାରୀ ଜମି, ଲେଡି ହେମିଲଟନ ଗାର୍ଲସ ହାଇସ୍କୁଲ ପଛପଟେ ପାଖାପାଖି ୭ଏକର ଜମି, ପୁଣି ଉକ୍ତ ଜମିରେ ନା ଅଛି ଜବରଦଖଲ ନା ଅଛି ବହୁତ ଗଛ, ତାସତ୍ତ୍ୱେ ବି ସେଭଳି ଜାଗାରେ ବସଷ୍ଟାଣ୍ଡ ନକରି ୨ ହଜାରରୁ ଉର୍ଦ୍ଧ୍ୱର୍ ଗଛକାଟି ନୂତନ ବସଷ୍ଟାଣ୍ଡ ତିଆରି କରି ସବୁଦିନ ପାଇଁ ବାରିପଦାବାସୀଙ୍କୁ ଗରମ ଦିନରେ ପୂର୍ବାପେକ୍ଷା ଅଧିକ ଉତ୍ତାପ ପ୍ରଦାନ କରିବାର ଘୃଣା ପ୍ରଚେଷ୍ଟା କାହିଁକି କରୁଛନ୍ତି ବୋଲି ଭଞ୍ଜସେନା ପ୍ରତିଷ୍ଠାତା ଆଶ୍ଚର୍ଯ୍ୟ ପ୍ରକାଶ କରି ତୁରନ୍ତ ଏଭଳି ଜନବିରୋଧୀ କାର୍ଯ୍ୟ ବନ୍ଦ କରିବା ପାଇଁ ସାମାଜିକ ଗଣମାଧ୍ୟମ "ଏକ୍ସ"(ଟ୍ୱିଟ୍) ଯୋଗେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ବାରିପଦା ସହର ସଭାପତି ରାକେଶ ମହାନ୍ତି, ରାକେଶ ଆଚାର୍ଯ୍ୟ, ଦୀପକ କୁମାର ବେହେରା, ଆକାଶ ବାରିକ ଓ ଚୈତନ୍ୟ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଯଦି ଏଭଳି ଜନବିରୋଧୀ କାର୍ଯ୍ୟକୁ ବନ୍ଦ ନକରନ୍ତି ତେବେ ବାଧ ହୋଇ ଭଞ୍ଜସେନା ବାରିପଦା ସହର ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ଡିଏଫଓ ବାରିପଦାଙ୍କର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ବୋଲି ଜିଲ୍ଲା ସାଧାରଣ ସମ୍ପାଦକ ତଥା ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

# ଡ୍ରିମ୍‌ସ ନର୍ସିଂ ଛାତ୍ରୀଙ୍କ ବିୟୋଗରେ ଶୋକସଭା



କଟକ, (ସ୍ୱପ୍ର): ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂର ଜିଏନ୍ଏମ୍ (ଦ୍ୱିତୀୟ ବର୍ଷ) ଛାତ୍ରୀ ଶ୍ରେୟା ବିଶ୍ୱାସଙ୍କର ଗତ ୨୧ତାରିଖରେ ଅକାଳ ବିୟୋଗ ଘଟିଛି । ସେ ନିମୋନିଆଁରେ ଆକ୍ରାନ୍ତ ଥିଲେ ଓ ନିଜ ଘର ପଶ୍ଚିମବଙ୍ଗର ସୋନାରପୁର ଗ୍ରାମରେ ଚିକିସିତ ହେଉଥିଲେ । ଶ୍ରେୟାଙ୍କ ଅକାଳ ବିୟୋଗରେ ଶୋକସଭା ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ପ୍ରଥିମା ପ୍ରକାଶମ୍‌ଙ୍କ ପୋରୋହିତ୍ୟରେ ସୋମବାର ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଶ୍ରେୟାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ସହ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ । ଉପାଧ୍ୟକ୍ଷା ଏନ୍ ପ୍ରେମଲତା ଦେବୀ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଏହି ଦୁଃଖଦ ଖବର ପାଇ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ଡ୍ରିମ୍‌ସ ନର୍ସିଂ ବୃତ୍ତି ପ୍ରତି ଉତ୍ସର୍ଗୀକୃତ ମନୋଭାବ ଥିବା ଜଣେ ମେଧାବୀ ଛାତ୍ରୀଙ୍କୁ ହରାଇଲା ବୋଲି କହିଥିଲେ ।

# ଅମିତାଭ ମିଶ୍ର ଯଶୋଦା ସାହିତ୍ୟ ସଂସଦର ସଭାପତି



ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଯଶୋଦା ସାହିତ୍ୟ ସଂସଦର ସଭାପତି ଭାବେ ଯୁବକବି ଅମିତାଭ ମିଶ୍ର ସଂସଦର କର୍ମକର୍ତ୍ତା ମାନଙ୍କ ଦ୍ୱାରା ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ଶ୍ରୀ ମିଶ୍ରଙ୍କ ଲିଖିତ ବହୁ କବିତା ପୁସ୍ତକ ପାଠକୀୟ ସ୍ୱୀକୃତି ଲାଭ କରିଛି । ଜଣେ ଦୃଢ଼ ସାରସ୍ୱତ ସଙ୍ଗଠକ ଭାବେ ତାଙ୍କ ନେତୃତ୍ୱରେ ସଂସଦର କାର୍ଯ୍ୟଧାରା ଆଗାମୀ ଦିନରେ ବହୁମାତ୍ରାରେ କ୍ରିୟାଶୀଳ ହେବ ବୋଲି ସମସ୍ତ ସଦସ୍ୟ ଆଶାପ୍ରକାଶ କରିବା ସହ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ସୂଚନାଯୋଗ୍ୟ ସ୍ୱର୍ଗତ ଯଶୋଦା ମିଶ୍ରଙ୍କ ସ୍ମୃତିରେ ଗଢି ଉଠିଥିବା ଏହି ସାହିତ୍ୟ ସଂସଦ ଦ୍ୱାରା ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥାଏ ।

## ବିବିଧା ଫାଉଣ୍ଡେସନ ଫର ଆର୍ଟ ଆଣ୍ଡ କଲଚର

# ୮ମ ବାର୍ଷିକ ଉତ୍ସବ ଉପଲକ୍ଷେ ମୋ ପ୍ରତିଭା ମୋ ପରିଚୟ କାର୍ଯ୍ୟକ୍ରମ



ଛତ୍ରପୁର, (ସବ୍ୟୁ): ବିବିଧା ଫାଉଣ୍ଡେସନ ଫର ଆର୍ଟ ଆଣ୍ଡ କଲଚରର ୮ମ ବାର୍ଷିକ ଉତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଛତ୍ରପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ପାଳିତ ହୋଇଛି । ସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯକ୍ରମରେ ଛତ୍ରପୁର ଏନଏସି ଓ ବ୍ଲକସ୍ତରୀୟ ଦିନତମାମ କଳାକାର ମାନଙ୍କଦ୍ୱାରା ଚିତ୍ରାଙ୍କନ, ସଂଗୀତ ଓ ନୃତ୍ୟ ମୋ ପ୍ରତିଭା ମୋ ପରିଚୟ ପ୍ରତିଯୋଗିତା ହୋଇଥିଲା । ସକାଳ ଅତିଥିଭାବେ ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ଅରୁଣ କୁମାର ଶତପଥି, ଛତ୍ରପୁର ନୃତ୍ୟ ନିର୍ଦ୍ଦେଶକ ସଂଘର ସଭାପତି କେ.ସତ୍ୟନାରାୟଣ ରେଡ୍ଡୀ, ଓଡିଶୀ ନୃତ୍ୟ ଶିଳ୍ପୀ ଅଳକା ସାହୁ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ ।

ସନ୍ଧ୍ୟା ଉଦଘାଟନୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଉତ୍କଳ ସଂଗୀତ ମହାବିଦ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ଅମୀୟ କୁମାର ଧଳ, ଛତ୍ରପୁର ବାର ଆସୋସିସନର ସଭାପତି ପ୍ରଦୀପ କୁମାର ପାଢ଼ୀ, କେନ୍ଦ୍ରୀୟ ବିସ୍ମିଲା ଖାଁ ଯୁବପୁରସ୍କାରପ୍ରାପ୍ତ ଯୁବ ଲୋକନୃତ୍ୟ ଗୁରୁ ଆଲୋକ ବିଷୋୟୀ, ବିବିଧା ଫାଉଣ୍ଡେସନ ଫର ଆର୍ଟ ଆଣ୍ଡ କଲଚରର ସଦସ୍ୟ ତଥା ଅଭିନୟନୃତ୍ୟ ଶିଳ୍ପୀ ରାମେଶ୍ୱର ପଣ୍ଡା ମଞ୍ଚାସୀନ ହେବାସହ ସବୁବେଳେ ସ୍ଥାନୀୟ କଳାକାର ମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରୟାସ ରଖିଛି ବୋଲି ପ୍ରଶଂସା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମେ ଓଡିଶୀ, କେନ୍ଦରା, ଦଣ୍ଡନାଚ ଗାହାଣୀ, ଗୁରୁ ସମୀର କୁମାର ବେହେରାଙ୍କ କାଠ ପାଦ ନୃତ୍ୟ, ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଗୀତରେ ରାମେଶ୍ୱର ପଣ୍ଡାଙ୍କ ନୃତ୍ୟରେ ଝୁମିଲେ ଦର୍ଶକ, ଶେଷରେ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା ।



## ପାଣିକୋଇଲିକୁ ଏନଏସି ମାନ୍ୟତା ଦେବାକୁ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ

ପାଣିକୋଇଲି, ୨୬।୮: କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଣିକୋଇଲିକୁ ଏନଏସି (ବିଜ୍ଞାପିତ ଅଂଚଳ ପରିଷଦ) ଅର୍ନ୍ତଭୁକ୍ତ କରିବାକୁ କୋରେଇ ବିଧାୟକ ଆକାଶ ଦାସନାୟକ ଓଡିଶା ସରକାରଙ୍କ ଗୃହ ନିର୍ମଣା ଓ ପୌର ଉନ୍ନୟନ ମନ୍ତ୍ରୀଙ୍କ ପତ୍ର ଦେଇଛନ୍ତି। ପୂର୍ବରୁ ପାଣିକୋଇଲି, ପଥରପଦା ଓ ଗୋଳେଇପୁରକୁ ନେଇ ୨୦ ହଜାରରୁ ଉର୍ଦ୍ଧ ଜନସଂଖ୍ୟା ବିଶିଷ୍ଟ ପାଣିକୋଇଲି ଏନଏସି ଘୋଷଣା କରାଇଥିଲା । ଏନଏସି ପାଇଁ ସମସ୍ତ ଭିତିଭୂମି ,ଠାରେ ଉପଲବ୍ଧ । ମାତ୍ର ଏବେର ସରକାର ୧୨ଟି ଏନଏସି ଘୋଷଣା କରିଥିବାବେଳେ ପାଣିକୋଇଲି ସେଥିରୁ ବାଦ ପଡିଛି । ପାଣିକୋଲିକୁ ଏନଏସି ଘୋଷଣଶ କରିବାକୁ ରାଜ୍ୟ ସରକାରଙଙ୍କ ନିକଟରେ ବିଧାୟକ ଦାବି କରିଛନ୍ତି ।

## ଅଟୋ ସହ ଧକ୍କା : ବାଇକ ଆରୋହୀ ଗୁରୁତର

କୋରେଇ,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଅମୃତ୍ୟା ଗ୍ରାମ୍ୟ ଉନ୍ନୟନ ରାସ୍ତାର ବର୍ତ୍ତମଣା ଅମୃତ୍ୟା ମଝି ବିଦ୍ୟା କଲେଜକୁ ଯିବା ରାସ୍ତା ନିକଟରେ ଏକ ଅଟୋ ସହ ବାଇକ ଧକ୍କା ଦେବା ଫଳରେ ବାଇକ ଆରୋହୀ ଜଣକ ଗୁରୁତର ହୋଇଥିବା ଜଣାପଡିଛି । ଗୁରୁତର ଯୁବକ ଜଣକ ହେଲେ କୋରେଇ ଥାନା ରଣପୁର ପଞ୍ଚାୟତ କଣ୍ଟାବଣିଆ ଗାଁର ଗୋଲଖ ତରେଇ ଙ୍କ ପୁଅ ଶେଖର (୩୫) । ଶେଖର ପାଣିକୋଇଲି ଆଡୁ ତାଙ୍କ ଘରକୁ ବାଇକ ଯୋଗେ ଆସୁଥିବା ବେଳେ ପାଣିକୋଇଲି ଅଭିମୁଖେ ଯାଉଥିବା ଅଟୋକୁ ଧକ୍କାଦେଇଥିଲା । ଫଳରେ ଶେଖର ଛିଟିକି କି ରାସ୍ତାରେ ପଡିଯାଇଥିଲା । ପଡିଯିବା ଦ୍ୱାରା ତାର ମୁଣ୍ଡରେ ଶକ୍ତ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା । ରାସ୍ତାରେ ଯାଉଥିବା ଲୋକେ ସେଠାରେ ଶେଖରକୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଡାକି ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ

## ଅରୁଣନଗର ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଲୁଟ

ମହାକାଳପଡ଼ା,(ସବ୍ୟୁ ):ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଅରୁଣନଗର ଶାଖାରୁ ଯଂତ୍ରାଂଶ ଚୋରି ହୋଇଥିବା ଜମ୍ବୁ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଛି । ସବୁଦିନ ଭଳି ସୋମବାର ବ୍ୟାଙ୍କ କର୍ମଚାରୀ ସମସ୍ତ ସ୍ଥାନରେ ସଠିକ ଭାବେ ତାଲା ପକାଇ ଶାଖା ବନ୍ଦ କରି ଘରକୁ ଯାଇଥିଲେ । ମାତ୍ର ରାତ୍ରିରେ ଦୂବୁର୍ତ୍ତ ମାନେ ବିଳମ୍ବିତ ରାତ୍ରିରେ ବ୍ୟାଙ୍କ ମୁଖ୍ୟ ଫାଟକ ଓ ମଝି ଫାଟକ ତାଲା କାଟି ବ୍ୟାଙ୍କ ରୁ ଲୁଟ ହୋଇଛି ।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ଆନ୍ଦୋଳନ ଜାରି



ନାଉଗାଁ ,( ସବ୍ୟୁ ): ସାରା ରାଜ୍ୟରେ ଓଡିଶା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ମାନଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବା ସମୟରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଦେଖିବାକୁ ମିଳିଛି । ଅଗଷ୍ଟ ୧୬ ତାରିଖରେ ଲୋଓ୍ୱେର ପିଏମଜି ମହାତ୍ମାଗାନ୍ଧୀ ମାର୍ଗରେ ଧାରଣା ଦେଇଥିଲା ସଙ୍ଘ । ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାପାଇଁ ଦାବି ରଖିଥିଲା, ମୁଖ୍ୟମନ୍ତ୍ରୀ ସଙ୍ଘ ସହିତ ଆଲୋଚନା କଲେନାହିଁ । ସଂଘର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ଅଗଷ୍ଟ ୧୮ ତାରିଖ ଠାରୁ ସାରା ରାଜ୍ୟରେ ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବମ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରଗ)ରହିଛି । ସଙ୍ଘର ଏକମାତ୍ର ଦାବି ୨୦୦୮ ରୁ ୨୦୧୮ ମସିହା ମଧ୍ୟରେ ପରିଚାଳନା ସମିତି ଦ୍ୱାରାନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ପ୍ରଦାନ କରିବା ! ଅଧ୍ୟାପକ କର୍ମଚାରୀ ମାନେ ଧାରଣାରେ ବସିବା ଦ୍ୱାରା ଶିକ୍ଷାଦାନ ବାଧାପ୍ରାପ୍ତ ହେବାକୁ ବସିଲାଣି । ସମସ୍ତ କଲେଜରେ ନୂତନ ଛାତ୍ରଛାତ୍ରୀ ଆଡିମିଶନ କରିଛନ୍ତି । ଆଗକୁ ପରୀକ୍ଷା ଥିବାରୁ ଛାତ୍ରଛାତ୍ରୀ ପଢିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟ ସରକାର ଏ ଦିଗରେ ଅତିଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରି ଅଧ୍ୟାପକ ମାନଙ୍କର ଦାବିକୁ ଯଥାର୍ଥ ଭାବି ସରକାରୀ ଅନୁଦାନ ଦିଗରେ ସଠିକ ପଦକ୍ଷେପ ନେବେ ବୋଲି କଟକ ବିଭାଗ ସଂଯୋଜକ ପପିନ୍ଦ୍ର ଲେଙ୍କା, ଜିଲ୍ଲା ସଂଯୋଜକ ଚଗଲି ଚରଣ ସ୍ୱାଇଁ ଆଶାବାଦୀ ଅଛନ୍ତି ।

## ରକ୍ତଦାନ ଶିବିର,୨୬ ୟୁନିଟ ସଂଗ୍ରହ

କୁଆଖିଆ ,(ସବ୍ୟୁ) :ସମାଜସେବୀ ଗୋଲଖ ସାମଲ ଙ୍କ ୧୧ ତମ ଶ୍ରାଦ ଦିବସ ଓ ରକ୍ତ ଦାନ ଶିବିର ଆଜି ବେଣି ପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟକ ଭାବେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ବିଧାୟକ ସୁଜାତା ସାହୁ, ଜିଲ୍ଲା ପରିଷଦ ସଭ୍ୟ ସୁନିତା ରାଉତ, ସରପଞ୍ଚ ସୁଜିତ କୁମାର ରାୟ, ବାଦଲ ଖୁଣ୍ଟିଆ, ଗୋଲାମ ଅଲ୍ଲୀ, ସମିତି ସଭ୍ୟ ସ୍ମୃତି ରେଖା ସାମଲ ଅତିଥି ଭାବେ ଯୋଗ ଦେଇଥିଲେ । ଯାଜପୁର ରେଡକ୍ରସ ଉଦ୍ୟମରେ ଗୋଲଖ ସାମଲ ସ୍ମୃତି ଉଦେଶ୍ୟରେ ୨୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ହେଲପିଂ ହ୍ୟାଣ୍ଡ ପ୍ରତିଷ୍ଠାତା ପ୍ରଶାନ୍ତ ଷଡ଼ଙ୍ଗୀ ଓ ଉମେଶ ସାହୁଙ୍କ ସହ ଗୌତମ ସାମଲ, ଗୌରାଙ୍ଗ ସାମଲ, ଗୋପାଳ ସାମଲ, ବୁଲୁ ଜେନା ଓ ଅନ୍ୟ ସଭ୍ୟ ବୃନ୍ଦ ଯୋଗ ଦେଇ ଶିବିର ପରିଚାଳନା କରିଥିଲେ ।

## ପାନୀୟ ଜଳ ଯୋଗାଣ ମେଗା ପ୍ରକଳ୍ପ ବିଷୟରେ ସମୀକ୍ଷା

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲାପାଳ ରଗୁରାମ ଆର ଆୟାରଙ୍କ ଜିଲ୍ଲାର ବିଭିନ୍ନ ବ୍ଲକ ଗୁଡିକରେ ପାନୀୟ ଜଳ ସମସ୍ୟା ସଂପର୍କରେ ସମୀକ୍ଷା ବୈଠକ କରାଯାଇଛି । ଏଥିରେ ଜିଲ୍ଲାରେ ବିଭିନ୍ନ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ମନ୍ଥର ଗତିରେ ଚାଲି ଥିବାରୁ କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା କରାଯାଇଛି । ଜିଲ୍ଲାର ମହାକାଳପଡା, ମାର୍ଶାଘାଇ, ଆଳି, ରାଜକନିକା, ଗରଦପୁର, ପଟ୍ଟାମୁଣ୍ଡାଇ, ରାଜନଗର ପ୍ରଭୃତି ଅଂଚଳରେ ଏଲ ଏଣ୍ଡ ଟି ଓ ଲକ୍ଷ୍ମୀ କମ୍ପାନୀ ଦ୍ୱାରା କରା ଯାଉଥିବା ପାନୀୟ ଜଳ ଯୋଗାଣ ମେଗା ପ୍ରକଳ୍ପ ଗୁଡିକୁ ତୁର' ସାରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛି' । ଏହି ପ୍ରକଳ୍ପ ଗୁଡିକର କାର୍ଯ୍ୟ ଶିଘ୍ର ସମାପ୍ତ ହେଲେ ଜନ ସାଧାରଣଙ୍କ ହିତରେ ଆସିବ । ଏଥି ସହିତ ଜିଲ୍ଲାର ବିଭିନ୍ନ ଗ୍ରାମ ଗୁଡିକରେ ଖରାପ ହୋଇ ପଡିଥିବା ନଳକୂପ, ଗଭୀ ନଳକୂପ ଗୁଡିକୁ ମରାତି କରି ଏହାକୁ ସୁପରିଚାଳନା କରିବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଥିବା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଗ୍ରାମୀୟ ଜଳ ଯୋଗାଣ ଅଧିକାରୀ, ପୁର୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ସମସ୍ତ ବିଡିଓ, ବ୍ଲକ ଜଳ ଯୋଗାଣ ଅଧିକାରୀ, ଏସଡିଓ ପ୍ରମୁଖ ଉପସ୍ଥିତ ଥିଲେ ।

## ଏସ. ଏନ କଲେଜରେ 'ନୂତନତା ଓ ଉଦ୍ୟମତା' ପ୍ରତିଯୋଗିତା

ରାଜକନିକା ,(ସବ୍ୟୁ) : ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ର ୩ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ନୂତନତା ଓ ଉଦ୍ୟମତା ଶୀର୍ଷକ ମୌଖିକ ଓ ପୋଷ୍ଟର ଉପସ୍ଥାପନା ଉପରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛ । କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ପ୍ରଯୁକ୍ତା ପ୍ରିୟଦର୍ଶିନୀଙ୍କ ସଂଯୋଜନାରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅଧକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ପଣ୍ଡା ସଭାପତିତ୍ୱ କରିଥିଲେ । ଏହି ଅବସରରେ ଶୀର୍ଷକକୁ ନେଇ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ହୋଇଥିଲା,ଯେଉଁଥିରେ ୨୦ ରୁ ଉର୍ଦ୍ଧ୍ୱ ପିଲା ଅଂଶ ଗ୍ରହଣ କରି ନୂତନ ଚିନ୍ତାଧାରା ଉପସ୍ଥାପନା କରିଥିଲେ । ଏହି ପ୍ରତିଯୋଗିତା ରେ ରୁପାଲୀ ବେହେରା, ସୋନାଲିକା ବିଶ୍ୱାଳ, ସରୋଜିନୀ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏବଂ ବାହ୍ୟ ବିଚାରକ ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ଅଧ୍ୟାପକ ବିକାଶ କୁମାର ନାୟକ, ସମ୍ମାନିତ ଅତିଥି ଓ ବିଚାରକ ମଣ୍ଡଳୀ ସଦସ୍ୟ ଭାବେ ପୁରାତନ ଛାତ୍ର ସଂସଦ ସଭାପତି ଅଜୟ କୁମାର ନାଥ, ଅନ୍ୟତମ ବିଚାରକ ମଣ୍ଡଳୀ ସଦସ୍ୟ ଭାବେ ରସାୟନ ବିଜ୍ଞାନ ବିଭାଗ ର ମୁଖ୍ୟ ପ୍ରଫେସର ଡ. ଫକୀର ଚନ୍ଦ୍ର ପ୍ରଧାନ,ଡ. ମିର୍ଜା ଇବ୍ରାହିମ ବେଗ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟ ଅଧ୍ୟାପକ ଅଧ୍ୟାପିକାମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ଡ. ମିଥିଳା ଦାସ, ପ୍ରଫେସର ସଞ୍ଜୟ କୁମାର ମହାନ୍ତି, ଡ. ଅଜୟ କୁମାର କୁଣ୍ଡ, ମନୋରଞ୍ଜନ ମଲ୍ଲିକ, ସୁରଜ କୁମାର ତନ୍ତୀ, ଶୁଚିସ୍ମିତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଅଧ୍ୟାପକ ସୟଦ ଟିକି ଧନ୍ୟବାଦ ଅର୍ପଣ କରିଥିଲେ ।

# ଦଶରଥପୁର ବନ୍ୟାଞ୍ଚଳ ବୁଲିଲେ ରାଜସ୍ୱ ମନ୍ତ୍ରୀ



ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକ କଷପା ପଞ୍ଚାୟତ ଅନ୍ତର୍ଗତ ପଛପଡା ଦରଘା ଠାରେ କାଣୀ ନଦୀରେ ହେଇଥିବା ଘାଇ ପାଖକୁ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହିତ ବଡ଼ଚଣା ବିଧାୟକ ଅମର ନାୟକ ,କୋରେଇ ବିଧାୟକ ଆକାଶ ଦାଶ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ,ବିଜେପି ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ, ବିଜେପି ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନ, ବିଜେପୀ ନେତ୍ରୀ ବବିତା ମଲ୍ଲିକ, ଜିଲ୍ଲାପାଳ ଅମ୍ବର କୁମାର କର, ଉପ ଜିଲ୍ଲାପାଳ,ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ , ଜଳ ସମ୍ପଦ ବିଭାଗ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ,ଡାକ୍ତରୀ ଟିମ୍ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହ ପୋଲିସ ପ୍ରଶାସନ ଉପସ୍ଥିତ ରହି ଘାଇ ସ୍ଥାନ ଦେଖିବା ସହ କ୍ଷୟ କ୍ଷତି ପରଖିବା ସହ ଲୋକ କିମିତି ଅଛନ୍ତି ବୁଝିଥିଲେ । ପରେ ବ୍ରହ୍ମଚାରି ପାଟଣା ଠାରେ ବୈତରଣି ଓ କାଣୀର ସଂଯୋଗ ସ୍ଥାନ ଦେଖିବା ସହ ବନ୍ଧ ମରାମତି କାର୍ଯ୍ୟ ସ୍ଥାୟୀ ପାଇଁ କହିବା ସହ ଜୟନ୍ତରା ପଞ୍ଚାୟତର ଥିବା ବନ୍ୟାରେ ଜଳବନ୍ଦୀମାନଙ୍କୁ ଦେଖି ସମସ୍ୟା ବୁଝିଥିଲେ । ସେଠୁ କଁୟା ପଞ୍ଚାୟତ ସ୍ଥିତ କଁୟାଗୋଲା ଯାଇ ପୋଲ ଉପରୁ ଛିଡ଼ା ହୋଇ ଝଡ଼ି ବଢ଼ି ଗାଁ ଧରମପୁର ଓ ଗହିରା ପାଳ ଗାଁର ଲୋକ ବନ୍ୟା ଜଳରେ କେମିତି ଅଛନ୍ତି ବୋଲି ପଚାରି ବୁଝିଥିଲେ । ବିଜେପି ନେତା ସବ୍ୟସଚୀ ଦାସ, ରମେଶ ଚନ୍ଦ୍ର ସାମଲ, ସୁବାସ ଚନ୍ଦ୍ର ମହାନ୍ତି, ଇନ୍ଦ୍ରଜିତ ଦାସ ,ପତିତପାବନ ମହାନ୍ତି, ପୁର୍ବତନ ସରପଞ୍ଚ ରାମ ଚନ୍ଦ୍ର ମଲ୍ଲିକ , ଚିନ୍ମୟୀ ପାଣ୍ଡବ , ସୈରେନ୍ଦ୍ର ସାମଲ , ବାପି ସାହୁ , ହର୍ଷ ବେହେରା, ପ୍ରସେସ ସୁତାରଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

## ୨୪ ଘଣ୍ଟିଆ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ

ଯାଜପୁର,(ସବ୍ୟୁ) :ଯାଜପୁର ଟାଉନ ସ୍ଥିତ ସର୍କିଟ ହାଉସ ରେ ଯାଜପୁର ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜିଲ୍ଲା ରେ ଆସିଥିବା ବନ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ବିଜେପି ପୂର୍ବତନ ସଭାପତି ଗୌତମ ରାୟ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସନାୟକ, ବଡଚଣା ବିଧାୟକ ଅମର ନାୟକ, ବିଂଝାରପୁର ବିଜେପି ନେତ୍ରୀ ବବିତା ମଲ୍ଲିକ ପ୍ରମୁଖ ରାଜସ୍ୱ ମନ୍ତ୍ରୀ ଙ୍କୁ ଭେଟି ସ୍ୱାଗତ କରିଛନ୍ତି । ଦଶରଥପୁର ବ୍ଲକ କସ୍ବା ଠାରେ ହେଇଥିବା କାଣୀ ନଦୀ ଘାଇ ପାଖକୁ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଝାରୀ ଯାଇ ଥିଲେ । ତାଙ୍କ ସାଙ୍ଗରେ ଜିଲ୍ଲାର ପ୍ରମୁଖ ବିଜେପି ନେତାମାନେ ଗସ୍ତରେ ଯାଇ ବନ୍ୟାଘେରରେ ଥିବା ଲୋକଙ୍କୁ ଭେଟିଥିଲେ । ବନ୍ୟା ପ୍ରପୀଡ଼ିତ ଅଂଚଳର ଲୋକମାନଙ୍କୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ, ପାଲ ସମେତ ଆବଶ୍ୟକୀୟ ସାମଗ୍ରୀ ତୁରନ୍ତ ପହଁଚାଇବା ହିତ ପଶୁ, ପକ୍ଷୀଙ୍କ ଖାଦ୍ୟ ସୁରକ୍ଷା ପ୍ରତି ଜିଲ୍ଲା ପ୍ରଶାସନ ଚବିଶ ଘଣ୍ଟିଆ ସେବା ଯୋଗାଇଦେବାକୁ ରାଜସ୍ୱ ମନ୍ତ୍ରୀ ଜିଲ୍ଲାପାଳ ଓ ସମସ୍ତ ଅଧିକାରୀଙ୍କୁ ନିର୍ଦେଶ ଦେଇଛନ୍ତି ।

## ବ୍ରାହ୍ମଣୀ ନଦୀ ରେଙ୍ଗାଲି ଡ୍ୟାମରେ ୩ ଗେଟ ଖୋଲା

ଧର୍ମଶାଳା,(ସବ୍ୟୁ) :ଉପରମୁଣ୍ଡରେ ବର୍ଷା ଲାଗିରହିବା ଫଳରେ ବ୍ରାହ୍ମଣୀ ଓ ତାର ଶାଖା ନଦୀ ଗୁଡିକ ଫୁଲିବାରେ ଲାଗିଛି । ରେଙ୍ଗାଲି ଡ୍ୟାମର ଜଳପତନ ବୃଦ୍ଧି ପାଉଥିବାରୁ ତିନୋଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ତେବେ ରେଙ୍ଗାଲିର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଆଜି ପୁର୍ବାହ୍ନ ସୁଦ୍ଧା ୧୨୨.୮୫ ମିଟର ଜଳସ୍ତର ରହିଥିବା ସରକାରୀ ଓ୍ୱେବ ସାଇଟରୁ ଜଣାପଡିଛି । ଏବେ ନଦୀର ୮,. ଫଳରେ ବ୍ରାହ୍ମଣୀ ଏବଂ ଏହାର ଶାଖା ଖରସ୍ରୋତା ଓ କେଲୁଅ ନଦୀରେ ଜଳପତନ ଧିରେ ଧିରେ ବଢୁଥିବା ଦେଖିବାକୁ ମିଳିଛି । ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ସନ୍ଧ୍ୟା ୭ ଟା ସୁଦ୍ଧା ୬୪.୨୦ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି । ତେବେ ଆଜି ରେଙ୍ଗାଲି ଡ୍ୟାମରେ ଜଳସ୍ତର ସ୍ଥିର ରହିଥିବାରୁ ଆଉ ଏକ ଗେଟ ଖୋଲିବାର ନାହିଁ ବୋଲି ଜାରକା ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି । ଆଜି ରାତିତମାମ ବ୍ରାହ୍ମଣୀ ଓ ଏହାର ଶାଖା ନଦୀ ଗୁଡିକର ଜଳସ୍ତର ଧିରେ ଧିରେ ବୃଦ୍ଧି ପାଇବାର ଆଶଙ୍କା ରହିଛି । ନଦୀକୁଳରେ ବସବାସ କରୁଥିବା ଲୋକମାନଙ୍କୁ ସତର୍କ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି । ଏହି ବନ୍ୟାଜଳରେ ବରୀ ଭଳି ତଳିଆ ଅଂଚଳରେ କ୍ଷତି ଘଟିବାର ସମ୍ଭାବନା ଦେଖାଦେଇଛି । ତେବେ ବ୍ରାହ୍ମଣୀର ଶାଖା କେଲୁଅ ନଦୀ ବଢୁଥିବାରୁ କୃଷ୍ଣଦାସପୁର- ବରୁଆଁ ରାସ୍ତାର ଭଗବାନପୁର ଠାରେ ରାସ୍ତା ଉପରେ ୨ ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି । ଫଳରେ ଉକ୍ତ ରାସ୍ତା ଦେଇ ଯାନବାହାନ ଚଳାଚଳବନ୍ଦ ରହିଛି । ସେହିପରି କୋଟପୁର ଫାଣି ନିକଟରେ ରହଥିବା ସ୍କୁଲ ଭିତରେ ବନ୍ୟାଜଳ ପ୍ରବେଶ କରୁଥିବାରୁ ସ୍କୁଲକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ କରିଦିଆଯାଇଛି । ଏହି ବନ୍ୟାରେ ବ୍ୟାପକ ଚାଷ ଜମି ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି । ତେବେ ଏଭଳି ଅବସ୍ଥାରେ ବର୍ଷା ପରିମାଣ ବୃଦ୍ଧି ପାଇଲେ ରେଙ୍ଗାଲିର ଆଉ ଏକ ଗେଟ ଖୋଲିବା ନେଇ ଆଶଙ୍କା କରାଯାଉଛି । ହେଲେ ଆଜି ଉପରମୁଣ୍ଡରେ ବର୍ଷା କମିଥିବାରୁ ଅନ୍ୟ ଏକ ଗେଟ ଖୋଲିବାର ନାହିଁ ବୋଲି ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବାରୁ ନଦୀ କୁଳିଆ ଲୋକେ ଆସ୍ୱସ୍ତୀ ଅନୁଭବ କରିଛନ୍ତି ।

## ନହଙ୍ଗ ପଂଚାୟତ ହରିଜନ ସାହି ରାସ୍ତା ଶୋଚନୀୟ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ ଅ'ର୍ଗତ ନହଙ୍ଗ ପଂଚାୟତର ହରିଜନ ବସ୍ତି ରାସ୍ତା ଶୋଚନୀୟ ହୋଇ ପଡିଥିବା ନେଇ ଶତାଧିକ ମହିଳା ଜିଲ୍ଲାପାଳଙ୍କ ଅଫିସ ଆଗରେଧାରଣା ଦେଇଥିଲେ । ହରିଜନ ବସ୍ତିର ୧୩ନଂ ଓ୍ୱାର୍ଡ ରାସ୍ତା ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ' ହେବ ଖାଲଖମା ଓ କାଦୁଆରେ ଭର୍ତି ହେବା ସହ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଛି । ଯାହା ଫଳରେ ଉକ୍ତ ବସ୍ତିକୁ ଜରୁରୀ କାଳୀନ ସେବା, ଆମ୍ବୁଲାନ୍ସ, ଦମକଳ, ସ୍କୁଲ ଗାଡି ଆଦୌ ଯାତାୟତ କରିପାରୁ ନହିଁ । ରାସ୍ତାରେ ସ୍କୁଲ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଓ ମହିଳା ମାନେ ଯାତାୟତ କରିପାରୁ ନାହାଁନ୍ତି । ଏଥି ସହିତ ରୋଗୀକୁ ମେଡିକାଲ ନେଇ ଯିବା ଆସିବା ମଧ୍ୟ କଷ୍ଟସାଧ ହୋଇ ପଡିଛି । ତୁର' ଏହି ରାସ୍ତା ନିର୍ମାଣ କରିବା ପାଇଁ ସରପଂଚ ବିଳାସିନୀ ସେଠୀ, ଶିବ ପ୍ରସାଦ ମଳିକ, ରଜନୀକା' ମଳିକ, ମମତା ଦାସ, ମୁଲା ଦାସ, ନିଗମାନନ୍ଦ ଦାସ, ଅଭୟ ଦାସ ପ୍ରମୁଖ ଜିଲ୍ଲପାଳଙ୍କୁ ଭେଟି ଦାବି କରିଛନ୍ତି ।

## ପ୍ରାକ୍ତନ ପ୍ରାଧ୍ୟାପକଙ୍କ ପରଲୋକ

ବ୍ୟାସନଗର,(ଜିପ୍ର): ବ୍ୟାସନଗର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ତଥା ବାଜିରାଉତ୍ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରବିନାରାୟଣ ପଣ୍ଡାଙ୍କ ପରଲୋକ ଘଟିଛି। ଗଲା୨ ମାସ ହେବ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରହିଥିଲେ। ସେ ଜଣେ ଛାତ୍ର ବତ୍ସଳ, ତଥା ଉଚ୍ଚ କୋଟିର ପ୍ରାଧ୍ୟାପକ ରହିଥିଲେ। ବ୍ୟାସନଗରର ବିଭିନ୍ନ ସଙ୍ଗଠନ ସହିତ ଓତଃ ପ୍ରୋତଃ ଭାବେ ଜଡିତ ଥିଲେ। ବରିଷ୍ଠ ନାଗରିକ ମଂଚ, ବ୍ୟାସନଗର ମହାବିଦ୍ୟାଳୟ ନିତ୍ୟ ଯୋକକାକ୍ଷାର ଜଣେ ନିୟମିତ ସଦସ୍ୟ ଥିଲେ। ତାଙ୍କ ପରଲୋକରେ ବରିଷ୍ଠ ଓକିଲ ସୁଧାଂଶୁ ଦାସ, ପୂର୍ବତନ ଅଧ୍ୟକ୍ଷ ସୌରଭମୟ ଦାସ, ଆଡଭୋକଟ ବିବେକାନନ୍ଦ ମହାନ୍ତି, ବିଜୟ କୁମାର ମହାନ୍ତି, ପତାଞ୍ଜଳି ଭାରତ ସ୍ୱାଭିମାନ ଜିଲ୍ଲା ପ୍ରଭାରୀ ବିବେକାନନ୍ଦ ଜେନା, ସହପ୍ରଭାରୀ ବିଭୀଷଣ ନାୟକ, ରାଜେଶ୍ କୁମାର ପତି, ପୂର୍ବତନ ପ୍ରାଧ୍ୟାପକ ପୁନ୍‌ପୁନ ଦାସ, ପୂର୍ବତନ ଅଧ୍ୟକ୍ଷ ସେଖ ଅବୁତାହିର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତ।

## ଏନ୍‌ଏସି ଦାବିରେ ସ୍ମାରକପତ୍ର ପ୍ରଦାନ ଆନ୍ଦୋଳନକୁ ସମର୍ଥନ ଦେଲେ ସାଂସଦ

କୁଜଙ୍ଗ ,(ସବ୍ୟୁ) :ଜଗତ୍‌ସିଂହପୁର ଜିଲ୍ଲାର କୁଜଙ୍ଗକୁ ଏନ୍‌ଏସି ଘୋଷଣା ଦାବିରେ ଆଜି ମଙ୍ଗଳବାର ସଚେତନ ନାଗରିକ ମଂଚ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କୁଜଙ୍ଗ ଭାରପ୍ରାପ୍ତ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଜୟଗୁରୁ ମନ୍ଦିର ପାଖରୁ କୁଜଙ୍ଗର ସଚେତନ ନାଗରିକମାନେ ଏକ ଶୋଭାଯାତ୍ରାରେ କୁଜଙ୍ଗ ବଜାର ପରିକ୍ରମା କରି ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଁଚିଥିଲେ। ସଚେତନ ନାଗରିକ ମଂଚର ଆବାହକ ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କୁଜଙ୍ଗର ସମସ୍ତ ପ୍ରତିକୂଳ ଅବସ୍ଥା ଥିବାବେଳେ କୁଜଙ୍ଗକୁ ଏନ୍‌ଏସି ଘୋଷଣା କରା ନଯିବା ଏକ ରାଜନୈତିକ ଚକ୍ରାନ୍ତ ବୋଲି ବକ୍ତାମାନେ କହିଥିଲେ। ଏଠାରେ ୫୦ ରୁ ଉର୍ଦ୍ଧ୍ୱ ସରକାରୀ ଅଫିସ୍, ଜିଲ୍ଲାସ୍ତରୀୟ ଅଦାଲତ, ଜେଲ୍ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଥିବା ବେଳେ ପାରାଦ୍ୱୀପ ବନ୍ଦରର ଅଭିବୃଦ୍ଧି ପାଇଁ କୁଜଙ୍ଗର ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ପୂର୍ବ ସରକାରରେ ଯେଉଁ ଏନ୍‌ଏସି ଗୁଡିକ ଘୋଷଣା ହୋଇଥିଲା ସେଥିରେ କୁଜଙ୍ଗର ସ୍ଥାନ ଥିଲା। କବି ପୀତାମ୍ବର ତରାଇ,ବାବୁରାମ ଚୌଧୁରୀ,ବିଷ୍ଣୁ ଚରଣ ମୁଦୁଲି, ମାୟାଧର ଦାସ, ପ୍ରିୟମ୍ବଦା ପାଣି, ଜିନ୍ମୟୀ ସାହାଣୀ, ସୁବାଷ ମହାପାତ୍ର, ରଞ୍ଜିତ୍ ବିଶ୍ୱାଳ,ମନୀନ୍ଦ୍ର ଗୁରୁ, ରାମଦାସ ମହାନ୍ତି, ମନୋଜ ପାତ୍ର, ହୃଷୀକେଶ ନାଥ ପ୍ରମୁଖ ଏନ୍‌ଏସି ମାନ୍ୟତା ଲାଭ ପାଇଁ ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ରାଜ୍ୟ ସରକାର ଏନ୍‌ଏସି ଘୋଷଣା ନକରିବା କୁଜଙ୍ଗ ବାସୀଙ୍କ ପାଇଁ ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି କହିଥିଲେ। ଏହି ଆନ୍ଦୋଳନ ଫଳରେ ରାଜ୍ୟ ସରକାର ଯଦି କୁଜଙ୍ଗକୁ ଏନ୍‌ଏସି ଘୋଷଣା ନକରନ୍ତି ତେବେ ଆସନ୍ତା ମାସରେ କୁଜଙ୍ଗ ବନ୍ଦ ଡାକରା ଦିଆଯାଇଛି। ଭାରପ୍ରାପ୍ତ ତହସିଲଦାର ଅଭିଷେକ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ। ଜଗତ୍‌ସିଂହପୁର ସାଂସଦ ଡ.ବିଭୂ ପ୍ରସାଦ ତରାଇଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ୍ କରି ଦାବି ପତ୍ର ପ୍ରଦାନ କରିଥିଲେ। ସାଂସଦ ଡ. ତରାଇ ଏହି ଆନ୍ଦୋଳନକୁ ସମର୍ଥନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଥିଲେ।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ଥାନା ଅଧିନ କଟିକଟା ଗ୍ରାମର ଶରତ ଚନ୍ଦ୍ର ଜେନାଙ୍କ ପୁତ୍ର ମୃତ୍ୟୁଞ୍ଜୟ ଜେନା (୨୪) ରବିବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ମଧ୍ୟ ଡ଼ାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ସେ ଜଣେ ପରୋପକାରୀ ଓ ସହଯୋଗୀ ପ୍ରକୃତିର ଯୁବକ ହୋଇଥିବାରୁ ତାଙ୍କର ମୃତ୍ୟୁରେ ଏହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇଥିଲେ । ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶବ ଦାହ କରାଯାଇଥିଲା । ଭାଇ ଜନ୍ମେଜୟ ଜେନା ମୁଖାଗ୍ନି ଦେଇଥିଲେ ।

## ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ନେଇ ବୃଦ୍ଧା ହଟହଟା



ମାହାଙ୍ଗା,(ସବ୍ୟୁ) :ଭଦ୍ରେଶ୍ୱର ପଂଚାୟତ ଅନ୍ତର୍ଗତ ଝାଡେଶ୍ୱରପୁର ଗ୍ରାମର କୁନ୍ତଳା ଦିବ୍ୟା ୯୮ ବର୍ଷ । ବର୍ତ୍ତମାନ ସେ ଡାକ୍ତରଖାନାରେ ଚିକିତ୍ସାଧୀନ ନା ଆଖିକୁ ଭଲ ଭାବେ ଦେଖାଯାଉଛି ନା ଆଙ୍ଗୁଳିର ଛାପ ଉଠୁଛି । ଯାହାଫଳରେ ତାଙ୍କର ଆଧାର କାର୍ଡ ହୋଇ ପାରୁନାହିଁ । ସେ ଭଦ୍ରେଶ୍ୱର ପଂଚାୟତ କାର୍ଯ୍ୟାଳୟ ଅଧିନରେ ସେ ବାର୍ଦ୍ଧକ୍ୟ ଭତ୍ତା ବ୍ୟାଙ୍କ ମାଧ୍ୟମରେ ପାଉଥିଲେ । ଗତ ଦୁଇ ମାସ ହେଲା ସେ ତାଙ୍କର ବାର୍ଦ୍ଧକ୍ୟ ଭତ୍ତା ଅର୍ଥ ପାଉ ନାହିଁ । ଯାହାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ସଂପର୍କରେ ସେ ପଂଚାୟତ କାର୍ଯ୍ୟାଳୟର ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହୁଛନ୍ତି ଯେ ବ୍ଲକ କାର୍ଯ୍ୟାଳୟରେ ଯାଇ ଏକ ଦରଖାସ୍ତ ବିଡିଓଙ୍କୁ ଦେଲେ ଆମେ ତାଙ୍କର ବାର୍ଦ୍ଧକ୍ୟ ଭତ୍ତାକୁ ପ୍ରତିମାସରେ ପଂଚାୟତ କାର୍ଯ୍ୟାଳୟରେ ପ୍ରଦାନ କରିବୁ । ଏଠାରେ ପ୍ରଶ୍ନ ଉଠୁଛି ଯେ ସଂପୃକ୍ତ ମହିଳା ଜଣକ ଶତାୟୁ ହୋଇଥିବାରୁ ସେ ଠିକ୍ ଭାବରେ ଚାଲି ପାରୁନାହାଁନ୍ତି କି ଗାଡିରେ ବସିପାରୁନାହାଁନ୍ତି । ଏ ପରିସ୍ଥିତିରେ କିଭଳି ଭାବେ ତାଙ୍କୁ ବ୍ଲକ କାର୍ଯ୍ୟାଳୟକୁ ନିଆଯିବ ଏପରିକି ପ୍ରତିମାସରେ କିପରି ପଂଚାୟତ କାର୍ଯ୍ୟାଳୟରୁ ସେ ଭତ୍ତା କିପରି ପାଇବେ ସେ ନେଇ ଚିନ୍ତାରେ ପରିବାର ଲୋକେ । ପୂର୍ବରୁ ଏ ସଂପର୍କରେ ମଧ୍ୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏଣୁ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ କୁନ୍ତଳା ଦିବ୍ୟାଙ୍କ ସମସ୍ୟା କିଭଳି ସମାଧାନ ହୋଇ ପାରିବ ସେଥିପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବ୍ୟାସନଗରରେ କୋରେଇ ବ୍ଲକସ୍ତରୀୟ ଏସିଡିସି ବୈଠକ

## ପ୍ରକଳ୍ପ କାମ ଶୀଘ୍ର ସାର : ବିଧାୟକ ଆକାଶ




ବ୍ୟାସନଗର,(ଜିପ୍ର): ବ୍ୟାସନଗର ସହରର ବ୍ୟାସଦେବ ଟାଉନ ହଲ ପରିସରରେ ମଙ୍ଗଳବାର ଏସିଡିସି (ବିଧାନ ସଭା । ନିର୍ବାଚନମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି )ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗ ଦେଇ କୋରେଇ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ କୋରେଇ ଏବଂ ବ୍ୟାସନଗର ମୁନିସିପାଲିଟିର ବିଭିନ୍ନ ଲାଇନ ଡିପାଟମେଂଟର ଅଧିକାରୀଙ୍କ ସହିତ ଆଲୋଚନା କରିବା ସହିତ ଅଂଚଳର ସାମଗ୍ରିକ ବିକାଶ ଦିଗରେ ତୃଟିପୂର୍ଣ୍ଣ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି କୋରେଇ ବ୍ଲକ୍ ରେ ବିଭିନ୍ନ ସବ ସେଂଟର ନିର୍ମାଣ କାର୍ଯ୍ୟ ଧିମା ହେଉଥିବା ନେଇ ସେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଏହା ସହିତ ଧୀମା କାର୍ଯ୍ୟ କରୁଥିବା ଏଜେନ୍ସୀ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେବା ସହିତ କାର୍ଯ୍ୟସ୍ଥଳରେ ସରକାରୀ ଭାବେ କୋଣସି ଅସୁବିଧା ଥିଲେ ତାହାର ତୁରନ୍ତ ସମାଧାନ କରିବାକୁ ତହସିଲଦାର ବ୍ୟାସନଗରଙ୍କୁ ନିର୍ଦ୍ଦେଶ ଦେଇଥିଲେ।ବର୍ଷା ଦିନ ନିମନ୍ତେ ଅଧାପନ୍ତରିଆ ରହିଥିବା ବିଶେଷକରି ରାସ୍ତା ନିର୍ମାଣ ଅଧାପନ୍ତରିଆ ରହିଥିବାରୁ ଉକ୍ତ ରାସ୍ତାରେ କ୍ରସର ଗୁଣ୍ଡ ପକାଇବା, କୋରେଇର ବିଭିନ୍ନ ଅଂଚଳରେ ଥିବା ଆର ଆଇ ଅଫିସ, ମେଡିକାଲ ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ମଧ୍ୟ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ପାଣିକୋଇଲିରେ ନିର୍ମିତ ହୋଇଥିବା ଆଶୁ ଚିକିତ୍ସା କେନ୍ଦ୍ର ଖୁବଶୀଘ୍ର ଲୋକାର୍ପଣ ହେବାକୁ ଥିବାବେଳେ ଏହାର ସୁବ୍ୟବସ୍ଥିତ କରିବାକୁ ଏହା ପରିସରରେ ଷ୍ଟାଫ୍ ଗୃହ ନିର୍ମାଣ କରିବାକୁ ଟେଣ୍ଡର କରିବାକୁ ଏବଂ ଡିପିଆର କରିବାକୁ ପୂର୍ତ ବିଭାଗକୁ ନିର୍ଦ୍ଦେଶ ଦେବା ସହିତ କୋରେଇ ଭବନ ନିର୍ମାଣ ନିମନ୍ତେ ବିଧାୟକ ଆନ୍ତରିକତା ଦେଖାଇବା ସହିତ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୫୦ଲକ୍ଷ ଏବଂ ପୂର୍ବ କାର୍ଯ୍ୟ ବକେୟାରୁ ୨୪ଲକ୍ଷ ମୋଟ ୭୪ ଲକ୍ଷ ବ୍ୟୟରେ ନୂତନ ଟେଣ୍ଡର କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାସନଗର ଏବଂ କୋଳେଇରେ ପାଣିକୋଇଲି ପୂର୍ତ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ସହିତ ବିଶେଷକରି ବ୍ୟାସନଗର ସହରର ରାସ୍ତା ଏବଂ ଡ୍ରେନ୍ ସମସ୍ୟା ସମାଧାନ ଦିଗରେ ବ୍ୟାସନଗର ମୁନିସିପାଲିଟିର ଅଧ୍ୟକ୍ଷ ସୁବାସ ବଳ ଜିଲ୍ଲାପାଳ ଏବଂ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏହି କାର୍ଯ୍ୟ ଦୁର୍ଗାପୂଜା ପୂର୍ବରୁ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋରେଇ ଏବଂ ବ୍ୟାସନଗରରେ ମଧୁବାବୁ ପେନସନ ଯୋଜନା, ବସ୍ତି ବାସିନ୍ଦାଙ୍କୁ ଗୃହ ପ୍ରଦାନ, ବିଦ୍ୟୁତ ଯୋଗାଣ ବିଶେଷ କରି ଫାୟାର ଷ୍ଟେସନ ମିଲିଟାରୀ ଛକ ଏବଂ ମିଲିଟାରୀ ଛକରୁ ଧବଳଗିରି ରାସ୍ତାରେ ରାତିରେ ଲାଇଟ୍ ଜଳୁନଥିବାରୁ ବିଧାୟକ ଅସନ୍ତୋଷ ବ୍ୟକ୍ତ କରିଥିଲେ। କୋରେଇ ଏବଂ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଗୃହ ନିମନ୍ତେ ଟେଣ୍ଡର ସରିଥିବାରୁ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଓ ସ୍କୁଲ, କଲେଜ ଏବଂ ମେଡିକାଲ ସ୍ଥାନକୁ ଅବରୋଧ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନ ଏବଂ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିକଟରେ ବ୍ୟାସନଗର ସହରରେ ଥିବା ବିଭିନ୍ନ ବିଦ୍ୟାଳୟର ଗୃହ ନିମନ୍ତେ ଟେଣ୍ଡର ସରିଥିବା ବେଳେ ତୁରନ୍ତ ଏନେଇ ସ୍ଥାନ ହସ୍ତାନ୍ତର କରିବା ସହିତ କାର୍ଯ୍ୟ ଆରମ୍ଭ କରିବାକୁ ତହସିଲଦାର ବ୍ୟାସନଗରଙ୍କୁ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି,ଉପ ଜିଲ୍ଲାପାଳ ତାପସ ରଂଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ,ବ୍ୟାସନଗର ମୁନିସିପାଲିଟିର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳେଇ, ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକଙ୍କ ସମେତ ଜିଲ୍ଲା,ମୁନିସିପାଲିଟି ଏବଂ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ, ବିଧାୟକ ଶ୍ରୀ ଆକାଶ ଦାସନାୟକ ଏବଂ ଅନ୍ୟ ଅଧିକାରୀମାନେ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଁଚି ମେଡିକାଲରେ ରହିଥିବା ବିଭିନ୍ନ ସମସ୍ୟା ବୁଲି ଦେଖିବା ସହିତ ଏବଂ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



କଣ୍ଟାପଡ଼ା ବ୍ଲକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ମାଙ୍ଗ ଗ୍ରାମର ପ୍ରଖ୍ୟାତ ଆୟୁର୍ବେଦ ଚିକିତ୍ସା ବିଶାରଦ ଡାକ୍ତର ସ୍ୱପ୍ନେଶ୍ୱର ପଣ୍ଡାଙ୍କ ଦ୍ୱାରା ଲିଖିତ 'ପଞ୍ଚକର୍ମ ଚିକିତ୍ସା ବିଜ୍ଞାନ' ପୁସ୍ତକ ଲୋକାର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ସିଡିଏମ୍ଓଙ୍କ ଆଲୋଚନା ସ୍ଥଗିତ ରହିଲା ଧାରଣା

ଫୁଲନଖରା,(ସବ୍ୟୁ): କଟକ ସଦର ଥାନା ଅଞ୍ଚଳର ଅଗ୍ରଣୀ ସାମାଜିକ ସଙ୍ଗଠନ ସହଯୋଗ ଓଡ଼ିଶାର କର୍ମକର୍ତ୍ତାମାନଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ପ୍ରଶାନ୍ତ କୁମାର ହୋତା ମହିଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସଂଗଠନର ପ୍ରତିଷ୍ଠାତା ସଭାପତି ଗଣେଶ ପ୍ରସାଦ ଦାଶଙ୍କ ନେତୃତ୍ୱରେ ଉପସଭାପତି ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ,ସମ୍ପାଦକ ପ୍ରକାଶ କୁମାର ନାୟକ,ସହ ସମ୍ପାଦକ ଅମିତ କୁମାର ପରିଜା ,ଯୁବ ସଂଗଠକ ଶଶୀଭୂଷଣ ଦାଶ,ହେମନ୍ତ କୁମାର ମଲ୍ଲିକ,ଧୀରେନ୍ଦ୍ର ସାହୁ,ପ୍ରକାଶ କୁମାର ଭୋଇ ପ୍ରମୁଖ ଏକ ପ୍ରତିନିଧି ଦଳ କଟକସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚି ମହିଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଥିଲେ । ପ୍ରାୟ ୩ ବର୍ଷ ହେବ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର,ଷ୍ଟାଫ ମାନଙ୍କ ନିମନ୍ତେ କ୍ୱାର୍ଟର,ମେଡ଼ିକାଲର ସ୍ୱଚ୍ଛତା,ନିରାମୟ ମେଡିସିନ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଠାରୁ ସନ୍ତୋଷଜନକ ପ୍ରତିଶ୍ରୁତି ମିଳିଥିବା ସଂଗଠନର ସଭାପତି ଶ୍ରୀଯୁକ୍ତ ଦାଶ ପରିପ୍ରକାଶ କରିଛନ୍ତି । ଯାହାଦ୍ୱାରା ସଂଗଠନ ତରଫରୁ ଦିଆଯାଇଥିବା ଶାନ୍ତିପୂର୍ଣ୍ଣ ଧାରଣାକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି ।

## ସୁନ୍ଦରଗ୍ରାମ ହାଇସ୍କୁଲ ବାର୍ଷିକ ସମାରୋହ ପ୍ରସ୍ତୁତ

କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ସୁନ୍ଦରଗ୍ରାମ ସରକାରୀ ହାଇସ୍କୁଲ ୭୫ତମ ବାର୍ଷିକ ଉତ୍ସବ ପ୍ଲାଟିନମ ଜୁବୁଲି ସମାରୋହ ପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂ.ଫଣିଭୂଷଣ ମହାନ୍ତି, ଶିକ୍ଷାବିତ ଭ୍ରମରବର ପ୍ରଧାନ, ସଚ୍ଚିଦ୍ରନାଥ ଦାସ, ବାବନଚରଣ ମହାନ୍ତି, ସୁଶାନ୍ତକୁମାର ଦାଶ, ସୁରେନ୍ଦ୍ରନାଥ ଛୋଟରାୟ, ରାମଚନ୍ଦ୍ର ମହାନ୍ତି ଆରତଭନ ମହାନ୍ତି, ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ବାର୍ଷିକ ଉତ୍ସବ ସମାରୋହ ପାଳନ ସଂକ୍ରାନ୍ତରେ ବୈଠକରେ ଆଲୋଚନା ହେବା ସହିତ ଅନାନ ବିଷୟରେ ସବିଶେଷ କାର୍ଯପନ୍ଥା ସ୍ଥିର ହୋଇଥିଲା। ଏହି ଅବସରରେ କମିଟିର ଏକ ଲୋଗ ଉନ୍ମୋଚିତ ହୋଇଥିଲା। କମିଟି ସଦସ ଓ ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀରାଧା ଜନ୍ମମହୋତ୍ସବ କମିଟିର ଚିତ୍ରାଙ୍କନ ପ୍ରତିଯୋଗିତା

ସାକ୍ଷୀଗୋପାଳ ,(ସବ୍ୟୁ): ଶ୍ରୀରାଧା ଜନ୍ମ ମହୋତ୍ସବ କମିଟି ସାକ୍ଷୀଗୋପାଳ ତରଫରୁ ସତ୍ୟବାଦୀ ମଣ୍ଡଳସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।କଳା ସଂସ୍କୃତି କୁ ଉଜ୍ଜୀବିତ କରି ରଖିବା ପାଇଁ ଚଳିତ ବର୍ଷ ଅୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଚଳିତ ବର୍ଷ ବିଭିନ୍ନ ପଞ୍ଚାୟତର ୧୪୬ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେବକ ସାହି ସ୍ଥିତ ଜାଗେଶ୍ୱରୀ ମଣ୍ଡପରେ ଆୟୋଜିତ ଏହି ପ୍ରତିଯୋଗିତାରେ ଗୁରୁ ନୀଳମଣି ଜେନା ଏବଂ ଗୁରୁ ରାଧା ବଲ୍ଲଭ ବରାଳ ଜୁରି ଭାବରେ ଯୋଗ ଦେଇ କୃତି ଛାତ୍ର ଛାତ୍ରୀଙ୍କ ଚୟନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଦିବାକର ମହାପାତ୍ର, ସାଂସ୍କୃତିକ ସମ୍ପାଦକ ବିଜୟ ମହାପାତ୍ର, ସଦସ୍ୟ ପ୍ରଫୁଲ୍ଲ କୁମାର ପଣ୍ଡା, ରବି ନାରାୟଣ ଷଡ଼ଙ୍ଗୀ ଏବଂ ଆଲୋକ ଖୁଣ୍ଟିଆ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ରସାୟନ ବିଜ୍ଞାନର ମୁଖ୍ୟ ଅଧ୍ୟାପକଙ୍କ ଅକାଳ ବିୟୋଗ

ବଳଙ୍ଗା, (ସବ୍ୟୁ): ସ୍ଥାନୀୟ ବଳଙ୍ଗା ମହାବିଦ୍ୟାଳୟର ରସାୟନ ବିଜ୍ଞାନର ମୁଖ୍ୟ ଅଧ୍ୟାପକଙ୍କର ମଙ୍ଗଳବାର ଅପରାହ୍ନରେ ଅକାଳ ବିୟୋଗ ଘଟିଛି।୧୯୯୩ ମସିହାରୁ ଅଧ୍ୟାପକ ରୂପେ ବଳଙ୍ଗା ମହାବିଦ୍ୟାଳୟରେ କାର୍ଯ୍ୟରତ ଥିଲେ ଏଂ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସୁଥିଲେ। ଅଧ୍ୟାପକ ବିକ୍ରମ କେଶରୀ ପ୍ରଧାନ ଭୁବନେଶ୍ୱର ସ୍ଥିତ ସିନ୍ଦୂରପଦା ବାସଭବନରେ ଅଚାନକ ଚେତା ହରାଇବା ଯୋଗୁ ତାଙ୍କୁ ପରିବାର ଲୋକେ ଏମ୍ସ ହସ୍ପିଟାଲକୁ ନେଇ ଯାଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ନିଜ ଘର ହେଉଛି ବାଣପୁର ଅଞ୍ଚଳର ଓଡ଼ଗାଁ। ତାଙ୍କର ଏହି ଅକାଳ ବିୟୋଗରେ ଲଙ୍ଗାରେ ଶୋକରେ ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏହି ଅକାଳ ବିୟୋଗରେ ନିମାପଡ଼ାର ବିଧାୟିକା ତଥା ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଶିକ୍ଷକଙ୍କ ସ୍ମୃତିଚାରଣ ସଭା

କଣାସ,(ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକ ବଡାଳ ଗ୍ରାମର ଶିକ୍ଷକ ସଦାଶିବ ହରିଚନ୍ଦନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ସ୍ମୃତିଚାରଣ ସଭା ନିଜସ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଯୁଧିଷ୍ଠିର ବଳିଆରସିଂହ ସଭାପତିତ୍ୱ କରିଥିବା ବେଳେ ଅତିଥିଭାବେ ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ , ଲକ୍ଷ୍ମୀକାନ୍ତ ସାମନ୍ତରାୟ ,ସରଶ୍ଚ ଚନ୍ଦ୍ର ବଳିଆରସିଂହ, ରବୀନ୍ଦ୍ର ତ୍ରିପାଠୀ, ଅଜୟ କୁମାର ସେଠୀ,ବିଜୟ କୁମାର ପ୍ରଧାନ, ନିର୍ମଳ ଚନ୍ଦ୍ର ସାମନ୍ତରାୟ,ସର୍ବେଶର ଜେନା, ମୃତ୍ୟୁଞ୍ଜୟ ଦକ୍ଷିଣରାୟ ,ଲମ୍ବୋଦର ବେହେରା,ଦିଲ୍ଲୀପ ଶ୍ରୀଚନ୍ଦନ ଓ ଭୀମସେନ ମାଝି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ହରିଚନ୍ଦନଙ୍କର ସ୍ମୃତିଚାରଣ କରିଥିଲେ ।ତାଙ୍କ ପୁତ୍ର ନବଜ୍ୟୋତି ହରିଚନ୍ଦନ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ଝିଅ ରଞ୍ଜିତା ହରିଚନ୍ଦନଙ୍କ ଲିଖିତ ପୁସ୍ତକ ବାପା ଅତିଥିମାନେ ଉନ୍ମୋଚନ କରିଥିଲେ ।ଶିକ୍ଷକ ଅଜୟ କୁମାର ବଳିଆରସିଂହ ମଞ୍ଚ ପରିଚାଳନା କରିଥିଲେ ।

# ଭାଣପୁର ଠାରେ ରାସ୍ତା ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ

ଫୁଲନଖରା,(ସବ୍ୟୁ) :କଟକ ମହାନଗର ନିଗମ ପକ୍ଷରୁ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ସିଏମସି ୫୮ ନମ୍ବର ୱାର୍ଡ ଭାଣପୁର ଗ୍ରାମର ଏନ ଏଚ ସର୍ଭିସ ରୋଡ଼ ଠାରୁ ବେହେରା ସାହି ଠାକୁର ଘର ପର୍ଯ୍ୟନ୍ତ କାର୍ଯ୍ୟ ହେବାକୁଥିବା ଢଳେଇ ରାସ୍ତା ଶିଳାନ୍ୟାସ କରିଛନ୍ତି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ଗୋପାଳପୁର ମଣ୍ଡଳ ବିଜେପି ସଭାପତି ନିହାର ରଞ୍ଜନ ପଣ୍ଡା, ତ୍ରିଲୋଚନ ପରିଡ଼ା, ପ୍ରମୋଦ କୁମାର ଓଝା, ରାଜେନ୍ଦ୍ର ପାତ୍ର, ମେୟରଙ୍କ କଟକ ସଦର ପ୍ରତିନିଧି ରଘୁ ପ୍ରସାଦ ଶତପଥୀ, ଶରତ ଚନ୍ଦ୍ର ଜେନା, ପ୍ରଶନ ପ୍ରଧାନ, ସତ୍ୟ ରଞ୍ଜନ ଦାସ ପ୍ରମୁଖ। ବିଧାୟକ ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟ ସାରି ଭାଣପୁର ଭଞ୍ଜ ସାହି ଶନି ମନ୍ଦିର ନିକଟସ୍ଥ ବରୁଣେଇ ସାଂସ୍କୃତିକ ମଣ୍ଡପକୁ ଫିତା କାଟି ଉଦଘାଟନ କରିଥିଲେ । ପରେପରେ ବିଧାୟକ ସେହି ଗ୍ରାମର ଅନ୍ୟ ଏକ ମନ୍ଦିର କାର୍ଯ୍ୟ ଶୁଭ ଦେବାସହ ନୂଆଗଡ଼ ସ୍ଥିତ ବାବା ଅନନ୍ତ ବଳିଆ ମହାବିଦ୍ୟାଳୟରେ ପହଂଚି କଲେଜର ବିଭିନ୍ନ ସମସ୍ୟା ବାବଦରେ କଲେଜର ପରିଚାଳନା କମିଟିସହ ଆଲୋଚନା କରିଥିଲେ। ସେହି କଲେଜର ଅଧକ୍ଷ କଲେଜର ଅର୍ଥକୁ ଆତ୍ମସାତ କରିଥିବା ଅଭିଯୋଗ ହୋଇଆସୁଥିଲା। ଏଥିରେ ସମ୍ପୃକ୍ତ ଥିବା ଅଧକ୍ଷଙ୍କୁ ତୁରନ୍ତ ବୈଷ୍କାର ସହ ତାଙ୍କୁ ଆରେଷ୍ଟ କରାଯିବ ବୋଲି ଉପସ୍ଥିତ ଥିବା କମିଟିର ସଦସ୍ୟଙ୍କୁ ପ୍ରତିଶୃତି ଦେଇଛନ୍ତି ।କଲେଜର ପାରିପାଶିକ ଅବସ୍ଥାକୁ ବୁଲି ଦେଖିବା ସହିତ ପଢୁଥିବା ଛାତ୍ରଛାତ୍ରୀ ଙ୍କୁ ସମସ୍ୟା ବାବଦରେ ପଚାରି ବୁଝିଥିଲେ ।ବିକ୍ରମ ଶତପଥୀ, ପୀତବାସ ମହାପାତ୍ର,ସନ୍ତୋଷ ସାମନ୍ତରାୟ, ପ୍ରସନ୍ନ ସାହୁ କାଳନ୍ଦୀ ରାଉତ, ସଞ୍ଜୟ ମହାପାତ୍ର, ଶ୍ରୀକାନ୍ତ ରାଉତସମେତ ଅଞ୍ଚଳ ବାସି ଉପସ୍ଥିତ ଥିଲେ।




## ବିଦ୍ୟାଳୟ ସମୁହ କ୍ରୀଡା ସଂଗଠନ ସାଧାରଣ ବୈଠକ

ନିମାପଡା,(ସବ୍ୟୁ): ନିମାପଡା ବିଦ୍ୟାଳୟ ସମୁହ କ୍ରୀଡା ସଂଗଠନର ସାଧାରଣ ବୈଠକ ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମନସ୍ୱିନୀ ଲେଙ୍କାଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ମୁଖ୍ୟ ଅତିଥିଭାବେ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା,ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ରଥ,ପ୍ରଧାନ ଶିକ୍ଷୟତ୍ରୀ ପ୍ରଣତୀ ଛୋଟରାୟ,ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଜେନା,କ୍ରୀଡା ସଂଗଠନର ସଂପାଦକ ରଣଜିତ କେଶରୀ ନାୟକ,କ୍ରୀଡା ଶିକ୍ଷକ ଜ୍ଞାନ ରଂଜନ ବାଘ,ବିଜେପି ନେତା ଯତୀନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ସଂଗଠନର ସଂପାଦକ ଶ୍ରୀ ନାୟକ ୨୦୨୪-୨୫ ଶିକ୍ଷାବର୍ଷର କ୍ରୀଡା ବିଭାଗର ବାର୍ଷିକ ବିବରଣୀ ପଠନ କରିଥିଲେ । ନିମାପଡା ମଣ୍ଡଳର କ୍ରୀଡାବିତ୍‌ମାନଙ୍କୁ ଆଗକୁ ବଢିବା ପାଇଁ ସେମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା ସହିତ ଉତ୍ସାହିତ କରି ଜିଲ୍ଲା ତଥା ରାଜ୍ୟସ୍ତରରେ କିଭଳି ସୁନାମ ଆଣି ପାରିବେ ସେ ସଂପର୍କରେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ନିମାପଡା ମଣ୍ଡଳର ୫୦ଟି ବିଦ୍ୟାଳୟର କ୍ରୀଡା ଶିକ୍ଷକ ,ଶିକ୍ଷୟତ୍ରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟତ୍ରୀମାନେ ସାମିଲ ହୋଇଥିଲେ । ଏହି ଅବସରରେ ବିଶିଷ୍ଟ କ୍ରୀଡାବିତ୍ ରାନୀ ପ୍ରଧାନଙ୍କ ସମେତ ନୂତନ କ୍ରୀଡା ଶିକ୍ଷକ,ଶିକ୍ଷୟତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

## ଅବ୍ୟବସ୍ଥା ଘେରରେ ଓଡିଶା ଗ୍ରାମ୍ୟବ୍ୟାଙ୍କ

ବାଲିପାଟଣା ,(ସବ୍ୟୁ): ରାଜଧାନୀ ଉପକଣ୍ଠ ବାଲିପାଟଣା ସ୍ଥିତ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଶାଖା ଅବ୍ୟବସ୍ଥା ଘେର ଦେଇ ଗତି କରୁଛି । କର୍ମଚାରୀ ଅଭାବରୁ ଗ୍ରାହକ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଥିବା ଜଣାପଡିଛି । ଏଠାରେ ପୂର୍ବରୁ ୫ ଜଣ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ମାତ୍ର ୨ ଜଣ କର୍ମଚାରୀ କାମ କରୁଛନ୍ତି । ଜଣେ ଶାଖା ପରିଚାଳକ ଭାବରେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ଜଣେ ଅର୍ଥ ଦେଣ ନେଣ କାର୍ଯ୍ୟ କରୁଛନ୍ତି । ବ୍ୟାଙ୍କର ଅନ୍ୟାନ କାର୍ଯ୍ୟ ଯଥା ଲୋନ ଦେବା , ନୂଆ ଆକାଉଣ୍ଟ ଖୋଲିବା , ଲୋନ ଆଦାୟ କରିବା ଏପରିକି ଟଙ୍କା ଉଠାଣ ପାଇଁ ସୁପାରିଶ କରିବା ପାଇଁ କର୍ମଚାରୀ ନାହାନ୍ତି । ଯେଉଁଥିପାଇଁ ଗ୍ରାହକ ବ୍ୟାଙ୍କ ରେ ଲମ୍ବା ଧାଡିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି । ଏଠାରେ ଡିଜି ସେଟ ନଥିବାରୁ ଲାଇନ କଟିଲେ ବ୍ୟାଙ୍କ ସେବା ଠପ କାରଣ । ଇନଭଟର ଅଛି ହେଲେ ସେ ଚାଲୁନାହିଁ ,ଯାହା ପାଇଁ କମ୍ପୁଟର ସର୍ଟ ଡାଉନ ହୋଇଯାଉଛି । ଶୀତତାପ ନିୟନ୍ତ୍ରଣ ର ବ୍ୟବସ୍ଥା ନ ଥିବାରୁ ଖରାଦିନେ ଗ୍ରାହକମାନେ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ବାଲିପାଟଣାର ବ୍ଲକ ,ଥାନା , ତହସିଲ ,ଉପନିବନ୍ଧକ , କଲେଜ , ବିଦ୍ୟାଳୟ ର ସମସ୍ତ କାର୍ଯ୍ୟ ଉକ୍ତ ବ୍ୟାଙ୍କ ଉପରେ ନିର୍ଭର କରିଥାଆନ୍ତି । ସେଥିପାଇଁ ବାଲିପାଟଣା ଅଞ୍ଚଳର ସମସ୍ତ ଗ୍ରାହକ ଉପସ୍ଥିତ ଅଧିକାରୀ ଙ୍କ ନିକଟରେ ଦାବି କରିଛନ୍ତି ଯେ ଯଥା ସମ୍ଭବ ଉକ୍ତ ସମାସ୍ୟା ସମାଧାନ କରନ୍ତୁ । ନଚେତ ଆଗାମି ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି କେହିଛନ୍ତି।

## ଆଜି ଠାରୁ ଜଙ୍କିଆ ପଲ୍ଲୀ ଉତ୍ସବ ଆରମ୍ଭ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ବାଲିଗାଡିଆ ଓଁ ଶ୍ରୀ ଗ୍ରୁପ ପୂଜା କମିଟି ତରଫରୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଗଣେଶ ପୂଜା ଅବସରରେ ଅଗଷ୍ଟ ମାସ ୨୭ ତାରିଖରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ୧୪ ତମ ଜଂକିଆ ପଲ୍ଲୀ ଉତ୍ସବ ୨୦୨୫ ସ୍ଥାନୀୟ ବାସନ୍ତୀ କ୍ଲବ ପଡ଼ିଆରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି କୃଷ୍ଣ ଚନ୍ଦ୍ର ନରେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ, ସୁରେନ୍ଦ୍ରନାଥ ଜେନା, ଦିଲ୍ଲୀପ ଶ୍ରୀଚନ୍ଦନ,ଚିନ୍ତାମଣି ବେହେରା, ଲୋକନାଥ ସାମନ୍ତରାୟ, ପ୍ରଶାନ୍ତ ଗଜେନ୍ଦ୍ର, ଆଲୋକ ଶ୍ରୀଚନ୍ଦନ, ସାଗର କହଲସିଂହ ଓ ଉମାକାନ୍ତ ସାମନ୍ତରାୟ ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ଉତ୍ସବରେ ରାମ ଦୋଳି, ଡ୍ରାଗନ ଟ୍ରେନ ସହିତ ଛୋଟ ପିଲାଙ୍କର ବିଭିନ୍ନ ଦୋଳି, ବିଭିନ୍ନ ପ୍ରକାର ଦୋକାନ ବଜାର,ସରକାରୀ ଷ୍ଟଲ ଲୋକମାନଙ୍କୁ ଆକର୍ଷଣ କରିବା ଉଦ୍ଦେଶ୍ୟରେ ଖୋଲିବାର ଅଛି। ସେହିପରି ପ୍ରତିଦିନ ମଣ୍ଡପରେ ରାଜ୍ୟ ଓ ରାଜ୍ୟ ବାହାର ର ବିଭିନ୍ନ କଳାକାରମାନେ ନିଜର କଳା ପ୍ରଦର୍ଶନ କରିବେ ବୋଲି କମିଟି ସଭାପତି ପ୍ରକାଶ କରିଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଅସ୍ତରଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଜନ ଶୁଣାଣୀକୁ ଆସୁଥିବା ଖବର ପ୍ରଚାରିତ ହେବା ପରେ ଜନ ସାଧାରଣଙ୍କ ଗହଳି ହୋଇ ଥିବାର ଦେଖିବାକୁ ମିଳିଥିଲା । ବିଶେଷ କରି ରାସ୍ତା, ରାଶନ କାର୍ଡ, ପାନୀୟଜଳ,ଭତ୍ତା,ଅବକାରୀ, ଜବର ଦଖଲ, ଭିର୍ଣ୍ଣକ୍ଷମ, ଜଳ ସମ୍ପଦ ଆଦି ଉପରେ ଲୋକମାନେ ଅଭିଯୋଗ ପତ୍ର ଦେବାପରେ, ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ଡାକି ତାହାର ସମସ୍ୟା ସହ ସମାଧାନ କିପରି କରାଯାଇ ପାରିବ ସେ ବିଷୟରେ ଅଲୋଚନା କରିଥଲେ। ଶିବିରରେ ୧୨୦ ଟି ଅଭିଯୋଗ ପତ୍ରବିଚାର ପାଇଁ ପଞ୍ଜିକରଣ କରା ଯାଇଥିଲା । ଏହି ଯୁଗ୍ମ ଜନ ଶୁଣାଣି ଶିବିର ରେ, ଏ ଡି ଏମ, ରାଜ କିଶୋର ଜେନା, ଏସ ଡି ଓ ସ୍ମୃତି ରଞ୍ଜନ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟ ରଞ୍ଜନ ପୃଷ୍ଟି,ବ୍ଲକ ଅଧକ୍ଷା ଆରତୀ ନାଏକ, ତାହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ପତି, ବି ଡି ଓ, ସସ୍ମିତା ବେହେରା ଉପଖଣ୍ଡ ପୋଲିସ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ରେଞ୍ଜର ମୋନାଲିଶା ମହାପାତ୍ର,ପ୍ରମୁଖ ଉପସ୍ଥିତ ରହି ଜନ ଶୁଣାଣିରେ ଭାଗ ନେବା ସହ ବିର୍ଭିନ୍ନ ବିଭାଗୀୟ ଅଧିକାରୀ ତଥା,ବ୍ଲକ କୃଷି ଅଧିକାରୀ ବି ଅର୍ପିତା, ବିଦୁତ ବିଭାଗ ର ମୁଖ୍ୟ ସ୍ମୃତି ରଞ୍ଜନ ବେହେରା, ଉଦ୍ୟାନ ବିଭାଗ ର ଯୁଗଳ କିଶୋର ବର୍ଲା, ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠି,ଡ଼କ୍ଟର ସଞ୍ଜୟ କୁମାର ପ୍ରଧାନ,ଅବକାରୀ ବିଭାଗ ନିମାପଡା ଅଧିକାରୀ ପ୍ରଭାକର ସେଠି,ଙ୍କ ସମେତ ଜିଲ୍ଲାର ସମସ୍ତ ଲାଇନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣି ସରିଲା ପରେ ଜିଲ୍ଲା ପାଳଙ୍କ ସହିତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ପିର ଜାହାନିଆଁ ବେଳାଭୂମି ପରିଦର୍ଶନ କରିଥିଲେ ।

## ଏନଏସି ଘୋଷଣା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଟାଙ୍ଗୀ,(ସବ୍ୟୁ): ବିଜେଡି ସରକାର ଘୋଷଣା କରିଥିବା ସତ୍ତ୍ୱେ ବିଜେପି ସରକାର ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀକୁ ଏନ ଏସି ମାନ୍ୟତା ପ୍ରଦାନରେ ଟାଳ ଟୁଳ ନୀତି ଅବଲମ୍ବନ କରୁଥିବାକୁ କେନ୍ଦ୍ର କରି ସୋମବାର ମଧ୍ୟାହ୍ନରେ ବିଜେଡି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଜେଡି କର୍ମୀମାନେ ଟାଙ୍ଗୀ ମଧୁମଙ୍ଗଳ ପଡିଆ ଠାରେ ସମବେତ ହୋଇ ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଟାଙ୍ଗୀର ମୁଖ୍ୟ ରାସ୍ତା ଦେଇ ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଦାବୀଙ୍କୁ ସମର୍ଥନ କରି ଉଦବୋଧନ ଦେଇଥିଲେ।ଚପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଖୋର୍ଦ୍ଧା ଜିଲା ପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ଆଇନ ଜୀବୀ ରମେଶ ଚନ୍ଦ୍ର ବେହେରା, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ପୂର୍ବତନ ସମିତି ସଭ୍ୟ ନୀଳକଣ୍ଠ ବେହେରା, ମାନସ ବଳିୟାରସିଂହ,ପୂର୍ବତନ ସରପଞ୍ଚ ସୁପ୍ରଭା ମହାପାତ୍ର,ଅଶୋକ ମହାପାତ୍ର,ମାଗୁଣି ନାୟକ,ଉପେନ୍ଦ୍ର ସାହୁ,କଳିଙ୍ଗ ବିଶ୍ୱାଳ,ମଂଣ୍ଟୁ ମହାନ୍ତି,କୁନା ନାୟକ,ଶାନ୍ତନୁ ପ୍ରଧାନ,ସୁରେନ୍ଦ୍ର ଦାସ ପ୍ରମୁଖଙ୍କ ନେତୃତ୍ୱରେ ପ୍ରାୟ ୭ଶହରୁ ଅଧିକ କର୍ମୀ ଟାଙ୍ଗୀକୁ ତୁରନ୍ତ ଏନ ଏ ସ ଘୋଷଣା ନ କଲେ ବ୍ଲକ ଅଫିସକୁ ଅଚଳ କରି ଦିଆଯିବ ବୋଲି ନାରାବାଜୀ କରିଥିଲେ। ପରେ ବିଡ଼ିଓ ରୁମାନା ଜାଫ୍ରିଙ୍କୁ ମୂଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ, ପଞ୍ଚାୟତ ପୁନର୍ଗଠନ ସମୟରେ ୨୦୧୭ମସିହାରେ ଜନସଂଖ୍ୟା ଭିତ୍ତିରେ ଟାଙ୍ଗୀକୁ ଦୁଇଟି ପଞ୍ଚାୟତରେ ବିଭକ୍ତ କରିବା ପାଇଁ ସମସ୍ତ ଆନୁସଙ୍ଗିକ ପ୍ରକ୍ରିୟା ଶେଷ ହୋଇଥିଲା। ଏନ ଏସି କରାଯିବ କହି କେତେକ ଅପରିଣାମଦର୍ଶୀ କୁହାଳିଆ ବ୍ୟକ୍ତିଙ୍କୁ ଯୋଗୁ ପଞ୍ଚାୟତ ବିଭାଜନ ହେଲା ନାହିଁ।ଫଳରେ ପଞ୍ଚାୟତକୁ ମିଳୁଥିବା ପର୍ଯ୍ୟାପ୍ତ ଆର୍ଥିକ ଅନୁଦାନରୁ ଟାଙ୍ଗୀ ବଞ୍ଚିତ ହେଲା।ଏଯାବତ ଏନଏ ସ ବି ଘୋଷିତ ହେଲାନାହିଁ। ଏଥିପାଇଁ ଥିବା ସମସ୍ତ ଆନୁସଙ୍ଗିକ ଯୋଗ୍ୟତା ଟାଙ୍ଗୀର ଥିବା ବେଳେ ଏହାକୁ ଅଣଦେଖା କରାଯାଉ ଥିବା ହେତୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଯାଇଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଖୁବ ଶୀଘ୍ର ଟାଙ୍ଗୀ ଏନ ଏ ସ ମାନ୍ୟତା ପାଇବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ ,(ସବ୍ୟୁ): ଉତ୍ତରାୟଣୀ ବିଦ୍ୟାପୀଠ , ସାତଶଙ୍ଖର ସଂସ୍କୃତ ଶିକ୍ଷକ ଅଜୟ କୁମାର ଷଡ଼ଙ୍ଗୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପିପିଲି ମଣ୍ଡଳ ଶିକ୍ଷାଧିକାରୀ ପୀତବାସ ସେଠୀ ଏବଂ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ମୋହନ ଭୁଜବଳ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ବସନ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ରୂପେ ଯଶୁଆପୁର ସରପଞ୍ଚ ଅକ୍ଷୟ କୁମାର ବେହେରା, ସମିତି ସଭ୍ୟ ରଶ୍ମି ରଞ୍ଜନ ଭଞ୍ଜ, ପୁରାତନ ଛାତ୍ର ସଂସଦ ସଭାପତି ଶିବସୁନ୍ଦର ଜେନା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୈକୁଣ୍ଠ ବିଶାଳ ଯୋଗଦାନ କରିଥିଲେ। ଶିକ୍ଷକ ଜୟନ୍ତ କୁମାର ମଲ୍ଲିକ ସମ୍ବର୍ଦ୍ଧନା ଉତ୍ସବରେ ସଭାମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ରାମଚନ୍ଦ୍ର ସାହୁ, ପୁଷ୍ପଲତା ସାହୁ, ଶୁଭଶ୍ରୀ ପ୍ରିୟଦର୍ଶିନୀ ମିଶ୍ର, ସାଗରିକା ଶତପଥୀ, ଅନନ୍ୟା ମିଶ୍ର, ବିଚିତ୍ରା ବେହେରା, ଶବର ରମେଶ କୁମାର, ଶଙ୍କର କୁମାର ମଲ୍ଲିକ, ସୁଧୀର କୁମାର ସାହୁ, ମନ୍ଦାକିନୀ ବେହେରା, ରମେଶ ଚନ୍ଦ୍ର ମେଷ୍ଟା ଏବଂ ଶୁଭକାନ୍ତ ଦାସଙ୍କ ସହଯୋଗ କରିଥିଲେ। ଅଜୟ କୁମାର ଷଡ଼ଙ୍ଗୀଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଶ୍ରୀମତୀ ପୁଷ୍ପଲତା ସାହୁ ମାନପତ୍ର ପାଠ କରିଥିଲେ ଏବଂ ସର୍ବଶେଷରେ ଶିକ୍ଷୟିତ୍ରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।।

# ସରାଟ ସେବା ସମବାୟ ସମିତିରେ କେନ୍ଦ୍ର ସମବାୟ ସଚିବ

ବାଲିପାଟଣା (ସବ୍ୟୁ): ପମ୍ପାଲୋ ପଞ୍ଚାୟତ ଅନ୍ତର୍ଗତ ସରାଟ ସେବା ସମବାୟ ସମିତିରେ ଭାରତ ସରକାରଙ୍କ ସମବାୟ ବିଭାଗ ଯୁଗ୍ମ ସଚିବ ଆନନ୍ଦ କୁମାର ଝା ପରିଦର୍ଶନ କରିଛନ୍ତି।ଏହି ଅବସରରେ ଶ୍ରୀଯୁକ୍ତ ଝା ସମିତି ପରିସରରେ ଏକ ଓମ ଫେଡ ସାମଗ୍ରୀ ବିକ୍ରୟ କେନ୍ଦ୍ର,ଜନସେବା କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି।ସମିତିର ସଭାପତି ଭାରତ ଭୂଷଣ ମହାନ୍ତି,ସମ୍ପାଦକ ପ୍ରଭୁ ପ୍ରସାଦ ଜେନା,ଅଭିଷେକ ସ୍ୱାଇଁ ଓ ସୁଜିତ କୁମାର ସାହୁ ପ୍ରମୁଖ ଙ୍କ ସହିତ ଅନ୍ୟାନ୍ୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ ବିଭାଗ ର ବରିଷ୍ଠ ଅଧିକାରୀ ସିଦ୍ଧାର୍ଥ ଦାସ,ଲକ୍ଷ୍ମୀଧର ସୁବୁଦ୍ଧି,ବିଶ୍ୱରଂଜନ ଦାସ, ଅଳକାନନ୍ଦା ଦାସ,ସାରଥୀ ଶତପଥୀ,ପ୍ରିୟବ୍ରତ ପଣ୍ଡା,ପ୍ରକାଶ ସେଠୀ,ଦିବ୍ୟରଞ୍ଜନ ପ୍ରଧାନ, ଶକ୍ତିପ୍ରସନ୍ନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ଚଳିତବର୍ଷ ପୂଜାକମିଟିଙ୍କୁ ମିଳିବ ଶ୍ରୀ ଗଣେଶ ସମ୍ମାନ

ବାଲକାଟି,(ସବ୍ୟୁ):ପାର୍ବଣରତ୍ନର ଆଗମନରେ ଗାଁ ଠାରୁ ସହର ପର୍ଯ୍ୟନ୍ତ ଚଳଚଞ୍ଚଳ ।ଆଉ ଦିନକ ପରେ ଧରାପୃଷ୍ଠକୁ ଆସିବେ ବିଘ୍ନବିନାଶକ ଶ୍ରୀ ଗଣେଶ। ଏହି ପରିପ୍ରେକ୍ଷୀରେ ଏକ ନୂତନ ଚିନ୍ତାଧାରା ନେଇ ଶାନ୍ତିସ୍ତୁପ ପ୍ରିଣ୍ଟ ମେ ଗ୍ରିନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ ଉତ୍କଳ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ବାଲିଅନ୍ତା ବ୍ଲକର ବିଭିନ୍ନ ଅଞ୍ଚଳରେ ହୋଇଥିବା ପୂଜାକମିଟିକୁ ଶ୍ରୀ ଗଣେଶ ସମ୍ମାନରେ ସମ୍ମାନିତ କରାଯିବ । ସୁନ୍ଦର ମୂର୍ତ୍ତି, ସାଜସଜା, ପରିଷ୍କାର ପରିଚ୍ଛନ୍ନତା, ଶାନ୍ତିଶୃଙ୍ଖଳା ଏବଂ ସମାଜକୁ ଦେଉଥିବା ଉତ୍ତମ ବାର୍ତ୍ତା ଭିତ୍ତିକ ଏହି ପାଞ୍ଚଟି ଦିଗକୁ ଲକ୍ଷ କରି ସମ୍ପୃକ୍ତ ପୂଜାକମିଟିକୁ ସମ୍ମାନିତ କରାଯିବ ବୋଲି ଚଢେଇବର ସ୍ଥିତ ମା' ବୁଢ଼ୀ ଠାକୁରାଣୀଙ୍କ ପ୍ରାଙ୍ଗଣରେ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେହିପରି ଆସନ୍ତା ୨୭ ତାରିଖରୁ ଅଞ୍ଚଳର ମୂର୍ତ୍ତିକାର, ଚିତ୍ରଶିଳ୍ପୀ ମାନେ ଆୟୋଜକଙ୍କ ସହ ଏକ ସ୍ୱତନ୍ତ୍ର ଦଳ ବ୍ଲକର ଅଞ୍ଚଳରେ ଥିବା ବିଭିନ୍ନ ପୂଜାକମିଟି ପରିଦର୍ଶନ କରିବେ । ଏଥିରେ ପ୍ରଥମ ୫ ଗୋଟି ପୂଜାକମିଟିକୁ ଶ୍ରୀ ଗଣେଶ ସମ୍ମାନରେ ସମ୍ମାନିତ କରାଯିବ । ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପୂଜାକମିଟିକୁ ଯଥାକ୍ରମେ ୫ ହଜାର, ୩ ହଜାର, ୨ ହଜାର, ୧୫୦୦, ଏବଂ ୧ ହଜାର ଟଙ୍କା ପୁରସ୍କୃତ କରାଯିବ ।ସାମ୍ବାଦିକ ସମ୍ମିଳନୀରେ ଶାନ୍ତିସ୍ତୁପର ସମ୍ପାଦକ ରଞ୍ଜନ ମହାପାତ୍ର, ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ଦୀନବନ୍ଧୁ ଭୋଇ, ଉତ୍କଳ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ଗୋବିନ୍ଦ ବେହେରା, ମନୋଜ ବେହେରା, ସରୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



# ଜବାହର ନବୋଦୟ ବିଦ୍ୟାଳୟରେ ଜାତୀୟ ମହାକାଶ ବିଜ୍ଞାନ ଦିବସ

କୋଣାର୍କ ,(ସବ୍ୟୁ): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଜବାହର ନବୋଦୟ ବିଦ୍ୟାଳୟ ପକ୍ଷରୁ ଜାତୀୟ ମହାକାଶ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ନବୋଦୟ ବିଦ୍ୟାଳୟର ଅଧକ୍ଷ ଡଃ ବିଶ୍ୱନାଥ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ଡକ୍ଟର ବିଭୂ ପ୍ରସାଦ ତରାଇ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି ଙ୍କ ବଳିଷ୍ଠ ନେତୃତ୍ୱରେ ଦେଶରେ ମହାକାଶ ବିଜ୍ଞାନ କ୍ଷେତ୍ରରେ ଅନେକ ସଫଳତା ଓ ସଂସ୍କାର ଅଣାଯାଇ ଯୁବ ପିଢିମାନଙ୍କ ଆଗ୍ରହ ପଢାଇବା ଲାଗି ଇସ୍ରୋ ଭାରତୀୟ ମହାକାଶ ହାକାଥନ ଓ ରୋବୋଟିକ୍ସି ଚ୍ୟାଲେଞ୍ଜ ସୃଷ୍ଟି କରିପାରିଛି। ଦେଶରେ ଚନ୍ଦ୍ରାୟନ - ୩ ସଫଳତା ହାସଲ ପରେ ଚନ୍ଦ୍ରାୟନ - ୪ ଉତକ୍ଷେପଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ମହାକାଶ ବିଜ୍ଞାନ ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀମାନେ ଏଥିରେ ନିଜକୁ ସାମିଲ କରି ଏହାର ସଫଳ ରୂପାୟନ ଓ କାର୍ଯ୍ୟକାରିତା ଉପରେ ଅଧ୍ୟୟନ ଓ ଗବେଷଣାମୂଳକ କାର୍ଯ୍ୟରେ ଦୃଢ ଇଚ୍ଛାଶକ୍ତି ଜାଗ୍ରତ କରିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଜଗତସିଂହପୁର ସାଂସଦ ଡକ୍ଟର ତରାଇ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ନବୋଦୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଆରକେ ମାଧବ, ଭୁବନେଶ୍ୱର ସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମର ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଭାରତୀୟ ମହାକାଶ ବିଜ୍ଞାନ ଓ ଚନ୍ଦ୍ରାୟନର ସଫଳତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ସାଂସଦଙ୍କ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରତିନିଧି ରାକେଶ ବିଶ୍ୱାଳ, କୋଣାର୍କ ବିଜେପି ମଣ୍ଡଳ ସଭାପତି ଗୋପୀନାଥ ସ୍ୱାଇଁ, ସାଂସଦଙ୍କ କୋଣାର୍କ ଏନଏସି ପ୍ରତିନିଧି ମଙ୍ଗରାଜ ମୁଦୁଲିଙ୍କ ସମେତ ବିଜେପିର ଯୁବ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନବୋଦୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ପରିଚାଳନା କରିଥିଲେ।



(ଶ୍ରୀମଦ୍ଭଗବଦ୍ ଗୀତା ୧୮/୨୪)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**ଯତ୍ତୁ କାମେପ୍ସୁନା କର୍ମ ସାହଂକାରେଣ ବା ପୁନଃ ।**
**କ୍ରିୟତେ ବହୁଳାୟାସଂ ତଦ୍ରାଜସମୁଦାହୃତମ୍ ।। ୨୪ ।।**

( ରାଜସଂ କର୍ମାହ)–ପୁନଃ (କିନ୍ତୁ) କାମେପ୍ସୁନା (ଫଳଂ ପ୍ରାପ୍ତୁମିଚ୍ଛତା) ବା ସାହଂକାରେଣ (ସସ୍ମଃ କୋଦ୍ଧନ୍ୟଃ ଶ୍ରୋତ୍ରିୟଃ ଅସ୍ତି ଇତ୍ୟେବଂ ବିରୁଢ଼ାହଂକାରଯୁକ୍ତେନ) ବହୁଳାୟାସଂ (ଅତିକ୍ଳେଶଯୁକ୍ତଂ) ଯତ୍ ତୁ କର୍ମ କ୍ରିୟତେ (ସମ୍ପଦ୍ୟତେ), ତତ୍ (କର୍ମ) ରାଜସଂ ଉଦାହୃତଂ ।।୨୪ ।।

# ମାନସିକତାରେ ପରିବର୍ତ୍ତନ ଲୋଡ଼ା

ଏବେ ପରିବର୍ତ୍ତନର ଧାରା ବଦଳିଛି–ସୁଅ ବି ବଦଳିଛି । କିନ୍ତୁ ଯେଉଁମାନେ ପରିବର୍ତ୍ତନରେ ବିଶ୍ୱାସୀ ବା ଯେଉଁମାନେ ପରିବର୍ତ୍ତନ ଚାହାନ୍ତି, ସେମାନେ କ'ଣ ଏବର ନୂଆ ଦୁନିଆଁର ଧାରା ସହିତ ତାଙ୍କ 'ମାନସିକତା'ରେ ପରିବର୍ତ୍ତନ ଘଟାଇ ପାରୁଛନ୍ତି ? ଗତ କାଲି ପର୍ଯ୍ୟନ୍ତ 'ବିବାହ' କହିଲେ ଯାହା ବୁଝା ଯାଉଥିଲା– 'ଏବେ ତ ସେୟା ବୁଝା ଯାଉନାହିଁ । ଗତ କାଲି ପର୍ଯ୍ୟନ୍ତ ରଜ ଦୋଳି, ଗୁଆ ଖୋଳପା, ପୋଡ଼ପିଠାର ସୁଆଦ ମନରେ ଯେଉଁ ଚମକ ଆଣୁଥିଲା, ତାହା ବଦଳି ଯାଇଛି ଆପଣା ଛାଏଁ ଆଧୁନିକତାର ଚାପରେ, ବୈଷୟିକ ବିଦ୍ୟାରେ, ଜ୍ଞାନର ହଟଚମଟରେ' । ( ଭବିଷ୍ୟ ଦୃଷ୍ଟି:ପରିବର୍ତ୍ତନ ଓ ଗଣତାନ୍ତ୍ରିକତା, ଆଚାର୍ଯ୍ୟ ଭାବାନନ୍ଦ ରଚନାବଳି, ସମ୍ବାଦ ବିତର୍କ, ସମ୍ପାଦନା– ଦେବ ପ୍ରସାଦ ଦାଶ, ମୟୂର ପବ୍ଲିକେଶନ, ଭୁବନେଶ୍ୱର) ।

ସେ ଦିନର ଡକ୍ଟର ଭାବଗ୍ରାହୀ ମିଶ୍ର ଓ ଏବର ଆଚାର୍ଯ୍ୟ ଭାବାନନ୍ଦ ଏକଦା ଯୁକ୍ତରାଷ୍ଟ୍ର ଆମେରିକାରେ ଆନ୍‌ଥ୍ରୋପଲଜି ( ମାନବ ବିଜ୍ଞାନ ବା ନୃତତ୍ତ୍ୱ ବିଜ୍ଞାନ)ରେ ପ୍ରଫେସର ଥିଲେ । ପରେ ସେ ଓଡ଼ିଶା ଫେରି ଆସିଲେ । ରାଜ୍ୟ ସରକାର ତାଙ୍କୁ କୌଣସି ପଦପଦବୀରେ ରଖିବେ ବୋଲି ପ୍ରତିଶ୍ରୁତି ଦେଇ ତାହା ପାଳନ କଲେ ନାହିଁ । ମାତ୍ର ସାହିତ୍ୟ ସାଧନା ସହିତ ବିଭିନ୍ନ ଗବେଷଣା ସମେତ ବିଭିନ୍ନ ସମ୍ବାପତ୍ରରେ ଲେଖୁ ଲେଖୁ ସେ ବଡ଼ ଗୋଟାଏ କଲ୍ୟୁମନିଷ୍ଟ ହୋଇଗଲେ । ଓଡ଼ିଆରେ ଅନୁକରଣ କରି ତାହାକୁ ସ୍ତମ୍ଭକାର କୁହାଯାଉଥିଲେ ମଧ୍ୟ ଆଚାର୍ଯ୍ୟ ଭାବାନନ୍ଦ 'ସମ୍ବାଦପତ୍ର–ଲେଖକ' ଭାବେ ତାହାର ନୂତନ ସଂଜ୍ଞା ନିରୂପଣ କରିଛନ୍ତି । ବିଭିନ୍ନ ସମ୍ବାସଦପତ୍ରରେ ତାଙ୍କର ନୂତନ ଧର୍ମୀ ଏହି ଲେଖାଗୁଡ଼ିକ ବିଷୟରେ ବେଶ୍ ଚର୍ଚ୍ଚା ହେଉଥିଲା ଅଶୀ ଦଶକରେ । ଏବେ ସେ ଶଯ୍ୟାଶାୟୀ, ଏଇ ଭୁବନେଶ୍ୱର ଖାରବେଳ ନଗରରେ ।

ଏହି ପରିବର୍ତ୍ତନର ଧାରା ବିଷୟରେ ସେ ଯାହା ସୂଚନା ଦେଇଛନ୍ତି, ଆମ ସାମାଜିକ ଜୀବନରେ ତାହା ହିଁ ସତ୍ୟ ବୋଲି ମନେହୁଏ । ଆମର ସାମାଜିକ ପ୍ରଥା ଓ ପରମ୍ପରା ଏବେ ଆମକୁ ପ୍ରଭାବିତ କରି ପାରୁନାହିଁ । ସମାଜପତି ବା ଘରର ମୁରବୀ, ଅଭିଭାବକଙ୍କ କଥାର ଗୁରୁତ୍ୱ ଆଉ ଆଗ ପରି ନାହିଁ । ଆମ ମାନସିକତାରେ ପରିବର୍ତ୍ତନ ହୋଇଥିବା ଏବେ ପରିଲକ୍ଷିତ ହୋଇଛି । ବିଶିଷ୍ଟ ସାହିତ୍ୟିକ ଓ ଦାର୍ଶନିକ ସ୍ୱର୍ଗୀୟ ନିତ୍ୟାନନ୍ଦ ମହାପାତ୍ରଙ୍କର 'ପତ୍ର ଓ ପ୍ରତିମା' ନାମକ ଏକ ଅଦ୍ୱିତୀୟ ପୁସ୍ତକ ରହିଛି । ସମ୍ଭବତଃ ଏହି ପୁସ୍ତକଟି ଏବେ 'ଉତ୍କଳ ବିଶ୍ୱବିଦ୍ୟାଳୟ'ର ପାଠ୍ୟକ୍ରମରେ ସ୍ଥାନ ପାଇଛି । ଏହି ପୁସ୍ତକରେ 'ବିବାହ' ବିଷୟରେ ସ୍ୱର୍ଗୀୟ ମହାପାତ୍ର ଠାଏ ଲେଖିଛନ୍ତି– 'ବିବାହ'– ସୁନ୍ଦର ଶବ୍ଦଟିଏ । କିନ୍ତୁ ଅନେକେ ଏହାର ଗୁରୁତ୍ୱ ଓ ଦାୟିତ୍ୱ ନ ବୁଝି ଏ ବ୍ୟୁହଦ୍ୱାରରେ ପ୍ରବେଶ କରି ପରେ ବିପଦଗ୍ରସ୍ତ ହୁଅନ୍ତି । ବାସ୍ତବିକ ଏହା ଗୋଟିଏ ଚକ୍ରବ୍ୟୁହ । ଯୁବକ ଉଭୟ ଆଗାମନିର୍ଗମ ପଥ ନ ଜାଣି ପ୍ରବେଶ କଲେ ଅଭିମନ୍ୟୁ ପରି ହେବାର ସମ୍ଭାବନା ଅଧିକ । ତା' ଅପେକ୍ଷା ବରଂ ବିଭା ନ କରିବା ଭଲ । କିନ୍ତୁ ଯେଉଁମାନେ କହନ୍ତି– 'ଏ ଦିଲ୍ଲୀକୁ ଲଡ୍ଡୁ– ଯୋ ଖାୟା, ସୋ ପସ୍ତାୟା, ଯୋ ନହିଁ ଖାୟା ୱୋ ଭି...' ମୁଁ ସେମାନଙ୍କ ସହିତ ଏକମତ ନୁହେଁ । ଯଦି ଏହା ସତ୍ୟ ହୋଇଥାଏ, ବରଂ ଖାଇ ପସ୍ତାଇବା ଭଲ । କାରଣ ନ ଖାଇଲେ ବି ତ ପସ୍ତାଇବାକୁ ପଡ଼ିବ । ଯଦି ପସ୍ତାଇବା ଅପରିହାର୍ଯ୍ୟ, ତେବେ ବିବାହର ଅଭିଜ୍ଞତାରୁ ବଞ୍ଚିତ ହେବ କାହିଁକି ମନୁଷ୍ୟ ?'

ଆମର ଚିନ୍ତାନାୟକମାନେ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ସେମାନଙ୍କର ମତାମତ ଦେଇଛନ୍ତି । କେବଳ ବିବାହ ସମ୍ପର୍କରେ ଆମର ମାନସିକତା ଓ ସେଇ ନେଇ ପରିବର୍ତ୍ତନ ଓ ସଂସ୍କାର ବିଷୟରେ ଏଠାରେ କିଛି ଉଲ୍ଲେଖ କରିବାକୁ ଚାହୁଁଛି । କାରଣ ସର୍ବୋଚ୍ଚ ଅଦାଲତ ଆମର, ବିବାହ ନ କରି ମଧ୍ୟ ଏକତ୍ର ସହବାସ ପାଇଁ ଯେଉଁ ରାୟର ପଥ ପ୍ରଦର୍ଶନ କରିଛନ୍ତି, ତାହା ଅନେକ କ୍ଷେତ୍ରରେ ସଫଳ ହୋଇ ନଥିବା ପରି ମନେ ହେଉଛି । ବିବାହ ପରି ଏକ ପବିତ୍ର ବନ୍ଧନକୁ ଏଡାଇ ଦେଇ କାମନା ବାସନା ପରିପୂର୍ଣ୍ଣ ଏକତ୍ର ସହବାସ ପାଇଁ ଅନୁମତି (Living Together) ଅନେକ ଯୁବକ ଓ ଯୁବତୀଙ୍କୁ ବିପଥଗାମୀ କରୁଛି । ଏହାର ଭୂରି ଭୂରି ଦୃଷ୍ଟାନ୍ତ ଆମ ସମାଜରେ ଦେଖିବାକୁ ମିଳୁଛି । ଏବେ ପରସ୍ପରକୁ ଘୃଣା କରିବା ସହିତ ପୁରୁଷମାନେ ମହିଳାଙ୍କୁ ହତ୍ୟା କରୁଥିବା ଘଟଣା ବିରଳ ନୁହେଁ ଆମ ସମାଜରେ ।

ଆଗପରି ପ୍ରସ୍ତାବ ଅନୁଯାୟୀ ନିର୍ବନ୍ଧ ପରେ ଯୁବକ ଓ ଯୁବତୀ ବିବାହ ବନ୍ଧନରେ ଆବଦ୍ଧ ହେଉଥିଲେ । ପରିବର୍ତ୍ତିତ ପରିସ୍ଥିତିରେ ନିଜ ଗୋତ୍ରରେ ମଧ୍ୟ ବିବାହ ସମ୍ଭବ ହୋଇଛି । ପ୍ରେମ ବିବାହ ବା ଅନ୍ୟ ଜାତିରେ ବିବାହ ମଧ୍ୟ ଦୋଷାବହ ବୋଲି ଏବେ ଧରାଯାଉ ନାହିଁ । ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଯେଉଁ ବ୍ୟବଧାନ ପୂର୍ବେ ଥିଲା, ସେ ବ୍ୟବଧାନ ସଙ୍କୁଚିତ ହୋଇଗଲାଣି । ଝିଅମାନେ ଏବେ ଆତ୍ମନିର୍ଭରଶୀଳ ହେବାରୁ ବିବାହ କ୍ଷେତ୍ରରେ ସେମାନଙ୍କ ଇଚ୍ଛାକୁ ହିଁ ପ୍ରାଥମିକତା ବୋଲି ଗ୍ରହଣ କରାଗଲାଣି । ଅଥଚ ମାନସିକତାରେ ପରିବର୍ତ୍ତନ ବିଶେଷ ଭାବେ ହୋଇ ନଥିବାରୁ, ଏବେ ଆତ୍ମହତ୍ୟା, ହତ୍ୟା ଓ ମାନସିକ ରୋଗ ଯୁବକଯୁବତୀଙ୍କୁ ଗ୍ରାସ କରୁଛି । ଏହା ଶୁଭ ଲକ୍ଷଣ ନୁହେଁ । ତେଣୁ, ଆମ ମାନସିକତାର ପରିବର୍ତ୍ତନ ଲୋଡ଼ା । ଏହା ଆମ ସମାଜ ପାଇଁ ଏବେ ସବୁଠାରୁ ବେଶି ଆବଶ୍ୟକତା ବୋଲି ମନେ ହୋଇଥାଏ ।

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ,ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭିନ୍ନ ଦୃଷ୍ଟିରେ ଗଣେଶ



ଦିଲ୍ଲୀପ ଶତପଥୀ



ପ୍ରଭୁ ଗଜାନନ,ବିଘ୍ନେଶ୍ୱର ପୁଣି ଜ୍ଞାନଦାତା ତାଙ୍କ ବିଷୟରେ କିଛି ଲେଖିବା ତାଙ୍କ କୃପା ବିନା ଅସମ୍ଭବ ମନେହୁଏ । ବ୍ୟାସଦେବଙ୍କ ମୁଖ ନିଃସୃତ ମହାଭାରତର ରଚୟିତା ତାହା ପୁଣି ନିଜ ଭଗ୍ନ ଦନ୍ତରେ ସେହି ପାର୍ବତୀ ନନ୍ଦନଙ୍କ ବିଷୟରେ ବର୍ଣ୍ଣିତ ଅନେକ କଥା ଶିବ ପୁରାଣ, ଗଣେଶ ପୁରାଣ, ମୁଦଗଲ ପୁରାଣରୁ ଜଣାପଡ଼େ । ମାତା ପାର୍ବତୀଙ୍କ ଦେହ ମଳୁଖ ପିତୁଳାରୁ ଜନ୍ମ ନେଇଥିବା ଗଣେଶ, ପରବର୍ତ୍ତୀ ସମୟରେ ନିଜ ପିତା ଶିବଙ୍କ ତ୍ରିଶୂଳରେ ଶିର ହରାଇ, ହସ୍ତୀ ମୁଣ୍ଡ ଧାରଣ କରି ଗଜାନନ ନାମ ପାଇଥିଲେ । 'ଗ'ର ଅର୍ଥ ମୋକ୍ଷ ପ୍ରାପ୍ତି ପାଇଁ ସମାଧିରେ ଥିବା ଯୋଗୀ । 'ଜ'ର ଅର୍ଥ ଜୀବନ ପ୍ରତି ସାଂସାରିକ ଦୃଷ୍ଟିକୋଣ । ଅର୍ଥାତ୍ ସଂସାର ଭିତରେ ମୋକ୍ଷପ୍ରାପ୍ତି ସମ୍ଭବ କରାଇପାରନ୍ତି ଗଜାନନ । ଗଣେଶ ଗଜାନନ ରୂପରେ ହିଁ ସର୍ବତ୍ର ପରିଚିତ । ବିଘ୍ନହନ୍ତା ରୂପରେ ମଧ୍ୟ ତାଙ୍କୁ ପୂଜା କରାଯାଏ । ସେ ହେଉଛନ୍ତି ଆଦ୍ୟପୂଜିତ ଓ ବିଘ୍ନେଶ,ବୁଦ୍ଧି, ବିଦ୍ୟା ବା ଜ୍ଞାନର ଦେବତା, ବିଦ୍ୟାଦାତା । ପ୍ରତ୍ୟେକ ଶୁଭ କର୍ମ / ପୂଜାର ପ୍ରାରମ୍ଭରେ ପୂଜିତ ହୁଅନ୍ତି ଓ ବିଦ୍ୟାରମ୍ଭରେ ମଧ୍ୟ ତାଙ୍କରି ଆବାହନ କରାଯାଇଥାଏ । ଗଣେଶଙ୍କ ଅନ୍ୟ କେତେକ ନାମ ହେଲା : ସୁମୁଖ, ବିଘ୍ନହର୍ତ୍ତା, ବିଘ୍ନହର, ଧୂମ୍ରକେତୁ, ଗଣାଧ୍ୟକ୍ଷ, ବ୍ରହ୍ମଣସ୍ପତୀ, ବିଘ୍ନେଶ୍ୱର ଓ ଶୂର୍ପକର୍ଣ୍ଣ ଇତ୍ୟାଦି ।

ଶାସ୍ତ୍ର ମତେ ଗଣେଶଙ୍କ ଦ୍ୱାଦଶନାମ: ଏକଦନ୍ତ, କୃଷ୍ଣପିଙ୍ଗାକ୍ଷ, ଗଣପତି, ଗଜବକ୍ର, ଗଜାନନ, ବକ୍ରତୁଣ୍ଡ, ବିକଟ, ବିଘ୍ନରାଜେନ୍ଦ୍ର, ବିନାୟକ, ଧୂମ୍ରବର୍ଣ୍ଣ, ଭାଲଚନ୍ଦ୍ର, ଲମ୍ବୋଦର ।

ଗଣେଶଙ୍କୁ ଆଦିଦେବ ମଧ୍ୟ କୁହାଯାଏ । ଚାରି ଯୁଗରେ ଗଣପତିଙ୍କର ଚାରି ଅବତାର ବିଷୟରେ ମଧ୍ୟ ବର୍ଣ୍ଣନା ଅଛି ।

ସତ୍ୟ ଯୁଗରେ ଋଷି କଶ୍ୟପ ଓ ଅଦିତିଙ୍କ ଘରେ ମହଙ୍କତ ବିନାୟକ ରୂପରେ ଜନ୍ମ ନେଇ ଦେବାନ୍ତକ ଓ ନରାନ୍ତକ ନାମକ ରାକ୍ଷସଙ୍କୁ ବଧ କରିଥିଲେ ।

ତ୍ରେତୟା ଯୁଗରେ ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଉମାଙ୍କ ଘରେ ଜନ୍ମି,ଗଣେଶ ରୂପରେ ଜନ୍ମସିନ୍ଧୁ ନାମକ ରାକ୍ଷସଙ୍କୁ ବଧ କରିବା ସହ ବ୍ରହ୍ମାଙ୍କ ପୁତ୍ରି ଦ୍ୱୟ ରିଦ୍ଧି ଓ ସିଦ୍ଧିଙ୍କୁ ବିବାହ କରିଥିବାର ପୁରାଣରେ ବର୍ଣ୍ଣିତ । (ଦକ୍ଷିଣ ଭାରତୀୟ ପରମ୍ପରାରେ ଗଣେଶଙ୍କୁ ବ୍ରହ୍ମଚାରୀ ରୂପରେ ଚିତ୍ରିତ କରାଯାଇଛି) ।

ଦ୍ୱାପର ଯୁଗରେ ଗଣେଶ ରୂପରେ ପାର୍ବତୀଙ୍କ ପୁତ୍ର ଭାବରେ ପୁରାଣରେ ବର୍ଣ୍ଣିତ ।

କଳି ଯୁଗରେ ଭବିଷ୍ୟ ପୁରାଣ ଅନୁସାରେ ଧୂମ୍ରକେତୁ ରୂପରେ ଅବତାର କଥାବର୍ଣ୍ଣିତ ଅଛି ।

ଗଣେଶଙ୍କ ବାହାନ ହେଉଛି ମୂଷିକ ଏବଂ ଧାରଣ କରିଥିବା ଅସ୍ତ୍ର ହେଉଛି ପରଶୁ, ପାଶ, ଅଂକୁଶ । ଗଣେଶ ଆରାଧନା ମନ୍ତ୍ର ହେଉଛି, 'ଗଂ ଗଣପତୟେ ନମଃ, ଗଣେଶାୟ ନମଃ '।

ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ଦିନ ବିନାୟକ ବ୍ରତ ପାଳିତ ହୁଏ । ଏହି ବ୍ରତର ମାହାତ୍ମ୍ୟ ସ୍କନ୍ଧ ପୁରାଣରେ ବର୍ଣ୍ଣିତ ରହିଛି । ବିନାୟକ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ 'ଗୋମତୀ ନଦୀ କୂଳରେ ସୂତ ମୁନି ଅନ୍ୟ ଋଷିମାନଙ୍କର ଜିଜ୍ଞାସାକୁ ପ୍ରଶମନ କରି ବିନାୟକ ବ୍ରତ ପାଳନ କଲେ ମନୁଷ୍ୟମାନେ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି, ସୁତ–ସୌଭାଗ୍ୟ–ସଂପଦ ଲାଭ କରି ପାରିବେ' । ଏହି ବ୍ରତର ବିଧିବିଧାନ ସ୍ୱୟଂ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ବ୍ରତ ପାଳନ କରି ଯୁଧିଷ୍ଠିର ରାଜ୍ୟ ଫେରି ପାଇଥିଲେ । ସେଥିପାଇଁ ଗଣପତିଙ୍କର ନାମ ସିଦ୍ଧି ବିନାୟକ ।

ତାହେଲେ ଲେଖାର ଶୀର୍ଷକ ଭଣ୍ଡ ଗଣପତି ବା ଭଣ୍ଡ ଗଣେଶ କିଏ? ତାଙ୍କ ପୂଜା କେଉଁଠି ହୁଏ? ମହାପ୍ରଭୁ ଜଗନ୍ନାଥଙ୍କ ମାଦଳା ପାଞ୍ଜି, ଗବେଷକ, ଐତିହାସିକମାନଙ୍କ ଲେଖା ଏବଂ କିମ୍ବଦନ୍ତୀରୁ ଜଣାଯାଏ ଓଡ଼ିଶା ଇତିହାସର ସବୁଠାରୁ ପ୍ରଭାବଶାଳୀ ରାଜା ଥିଲେ ଗଙ୍ଗ ବଂଶୀୟ ରାଜା ଗଜପତି ପୁରୁଷୋତ୍ତମ ଦେବ । ତାଙ୍କ ସମୟରେ ଓଡ଼ିଶାର ଭୂଖଣ୍ଡ କୃଷ୍ଣା ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଦକ୍ଷିଣ ଭାରତର କିଛି ଅଂଶ ଗଜପତିଙ୍କ ଅଧୀନରେ ନ ଥିଲେ ମଧ୍ୟ ସେହି ରାଜବଂଶଗୁଡିକ ସହ ପୁରୁଷୋତ୍ତମଙ୍କ ଭଲ ସମ୍ପର୍କ ଥିଲା । ଉତ୍କଳର ଅଧିପତିମାନଙ୍କ ଭଳି ଗଜପତି ପୁରୁଷୋତ୍ତମଙ୍କ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ରହିଥିଲା ଅଟଳ ଭକ୍ତି । ଆଧୁନିକ ତାମିଲନାଡୁ ପ୍ରଦେଶ ଅନ୍ତର୍ଗତ କାଞ୍ଚି ରାଜା ସାଲ୍ୱ ନରସିଂହଙ୍କ କନ୍ୟା ପଦ୍ମାବତୀଙ୍କ ସହିତ ପୁରୁଷୋତ୍ତମ ଦେବଙ୍କର ପ୍ରେମ ସମ୍ପର୍କ ଗଢିଉଠି ଥିଲା । କାଞ୍ଚି ରାଜାଙ୍କର ସମ୍ମତି ମଧ୍ୟ ଥିଲା, ହେଲେ ଗଜପତିଙ୍କ ନିମନ୍ତ୍ରଣ କ୍ରମେ କାଞ୍ଚି ରାଜ୍ୟର ମହାମନ୍ତ୍ରୀ ମହାପ୍ରଭୁଙ୍କ ରଥଯାତ୍ରା ଦେଖୁଥିବା ସମୟରେ ଆମର ପାରମ୍ପରିକ ଛେରା ପହଁରା ପଦ୍ଧତିକୁ ପୁରୁଷୋତ୍ତମ ଅନୁସରଣ କରି ସେବା କରୁଥିବାର ଦେଖି ଏହାକୁ ସାଧାରଣ ଝାଡୁଦାରର କର୍ମ ଭାବି କାଞ୍ଚିର ରାଜା ସାଲ୍ୱ ନରସିଂହ ଗଜପତିଙ୍କୁ ବ୍ୟାଖ୍ୟା କରିଥିଲେ । କାଞ୍ଚି ମହାରାଜ ତୁରନ୍ତ ପଦ୍ମାବତୀଙ୍କ ବିବାହ ପ୍ରସ୍ତାବ ଖଣ୍ଡନ କରି ସ୍ୱୟଂବର ପଦ୍ଧତିରେ କରିବାକୁ ସ୍ଥିର କରିଥିଲେ । ପୁରୀ ରାଜା ଗଜପତିଙ୍କ ନିକଟକୁ ନିମନ୍ତ୍ରଣ ବି ଦେବା ଉଚିତ ମନେକରି ନଥିଲେ । ପରବର୍ତ୍ତୀ ସମୟରେ ଏହି କାରଣ ନେଇ ଉତ୍କଳ ଓ କାଞ୍ଚି ମଧ୍ୟରେ ବିବାଦ ହୋଇଥିଲା । କାଞ୍ଚି ରାଜାଙ୍କୁ ଉପଯୁକ୍ତ ଶିକ୍ଷା ଦେବାପାଇଁ ପୁରୁଷୋତ୍ତମ ଦେବ ମନସ୍ଥ କରିଥିଲେ, ଯାହା ସମୟ କ୍ରମେ ଯୁଦ୍ଧରେ ରୂପାନ୍ତରିତ ହୋଇଥିଲା । ଯୁଦ୍ଧରେ ଗଜପତି ପରାଜୟ ବି ବରଣ କରିଥିଲେ । ହେଲେ ମହାପ୍ରଭୁ ଜଗନ୍ନାଥ ବଳଭଦ୍ରଙ୍କ ସହାୟତାରେ ଉତ୍କଳର ଦୁର୍ଦ୍ଧର୍ଷ ପାଇକ ସେନା କାଞ୍ଚି ରାଜାଙ୍କୁ ପରାସ୍ତ କରିବା ପରେ ରାଜଜେମା ରୂପାମ୍ବିକା ପଦ୍ମାବତୀଙ୍କୁ ଉତ୍କଳ ନେଇ ଆସିଥିଲେ । ତାଙ୍କ ସହ କାଞ୍ଚିଗଡ଼ରେ ପୂଜିତ ମା' ତାରିଣୀ (ଯେ ଏବେ କେନ୍ଦୁଝରଜିଲ୍ଲା ଘଟଗାଁରେ ଉପାସିତ), ସାକ୍ଷୀ ଗୋପୀନାଥ) (ପ୍ରଥମେ ଖୋର୍ଦ୍ଧା ରଥୀପୁରଗଡ଼ ଶ୍ରୀନହର, ପରେ ଗଡ଼ କନ୍ତଳବାଇ ଓ ଏବେ ସାକ୍ଷୀଗୋପାଳରେ ଅବସ୍ଥାପିତ) ଏବଂ କାଞ୍ଚି ଗଣେଶଙ୍କୁ ସାଥିରେ ଆଣିଥିଲେ । ଲୋକକଥା ଅନୁଯାୟୀ ଯେହେତୁ ଏ ହେଉଛନ୍ତି ଶୃଙ୍ଗାର ଗଣେଶ, ଏଣୁ ଏହାଙ୍କର ଏହି ମୁଦ୍ରା ପାଇଁ କାଞ୍ଚି ରାଜା କେବେ ପରାସ୍ତ ହେଉ ନ ଥିଲେ । ଯେତେ ସୈନ୍ୟ ପ୍ରାଣ ହରାଉଥିଲେ ସେତେ ସୈନ୍ୟ ପୁଣି ଜନ୍ମ ହେଉଥିଲେ। ଯେଉଁଥିପାଇଁ ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶରେ ଏହି ଗଣେଶଙ୍କୁ ହରଣ ପୂର୍ବକ ଉତ୍କଳ ଅଣାଯିବ। ପରେ କାଞ୍ଚି ରାଜାଙ୍କ ସୈନ୍ୟବଳ ହ୍ରାସ ପାଇଥିଲା ଓ ଉତ୍କଳର ପାଇକ ସେନା ବିଜୟୀ ହୋଇଥିଲା ।

ଶ୍ରୀଜଗନ୍ନାଥ ମନ୍ଦିରରେ ଗଣପତି ଉପାସନା ପ୍ରାଚୀନ କାଳରୁ ରହିଛି । କୁହାଯାଏ, ମନ୍ଦିର ନିର୍ମାଣ ସମୟରୁ ହିଁ ଇନ୍ଦ୍ରଦ୍ୟୁମ୍ନ ଦେବ ନାନା ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ପ୍ରଥମେ ପଣ୍ଡିତମାନଙ୍କ ପରାମର୍ଶ କ୍ରମେ ପ୍ରଥମେ ଚାର ଗଣେଶ ସ୍ଥାପନ କରି ଆବାହନ କରିଥିଲେ, ପରେ ପରେ ବକ୍ରତୁଣ୍ଡ ପ୍ରତିମା (ଦକ୍ଷିଣା ବର୍ତ୍ତୀ ଶୁଣ୍ଢ) ସ୍ଥାପିତ ହୋଇଥିଲେ । ବଟ ବୃକ୍ଷ ମୂଳରେ ଶ୍ରୀ ଗଣେଶଙ୍କୁ ଆଦ୍ୟ ଦେବ ହିସାବରେ ସ୍ଥାପନା କରାଯାଇଛି, ଯାହାଙ୍କୁ ଶ୍ରୀମନ୍ଦିର ବେଢ଼ା ପରିକ୍ରମା ଅଥବା ଜଗନ୍ନାଥ ଦର୍ଶନ ସମୟରେ ପ୍ରଥମ ଦର୍ଶନ କରିବାର ବିଧି ଅଦ୍ୟାବଧି ରହିଛି । ସେ ହେଉଛନ୍ତି ଶ୍ରୀମନ୍ଦିରରେ ପୂଜା ପାଉଥିବା ସର୍ବପ୍ରାଚୀନ ଗଣେଶ । କଳା ମୁଗୁନି ପଥରରେ ନିର୍ମିତ ଏହି ଗଣେଶ ମୂର୍ତ୍ତି ହେଉଛନ୍ତି ଶ୍ରୀମନ୍ଦିରରେ ପୂଜା ପାଉଥିବା ଅନ୍ୟ ପ୍ରସ୍ତର ବିଗ୍ରହମାନଙ୍କ ମଧ୍ୟରୁ ସର୍ବବୃହତ୍ । ଦକ୍ଷିଣ ଭାରତୀୟ ଶୈଳୀରେ ଏହି ମୂର୍ତ୍ତି ନିର୍ମାଣ ହୋଇଛନ୍ତି । ବଟ ଗଣେଶଙ୍କୁ ଆରାଧନା କରି ଅତିବଡ଼ି ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରିଥିଲେ । ଯାହା ଆଜି ପ୍ରତି ଓଡ଼ିଆ ଘରେ ପୂଜା ପାଉଛି । ମା' ବିମଳାଙ୍କ ପାର୍ଶ୍ୱରେ ନଟ ଗଣେଶ ( ନୃତ୍ୟ ମୁଦ୍ରାରେ) ପୂଜା ପାଆନ୍ତି । ଏମିତି ଦେଖିବାକୁ ଗଲେ ଶ୍ରୀମନ୍ଦିର ଭିତର ବେଢାରେ ୨୩ଟି ଗଣେଶ ଓ ବାହାର ବେଢାରେ ୨୨ ଟି ଗଣେଶ ସମୁଦାୟ ୪୫ ଟି ଗଣେଶ ମୂର୍ତ୍ତି ପୂଜା ପାଆନ୍ତି ଯାହା ଅନ୍ୟ ଏକ ଆଶ୍ଚର୍ଯ୍ୟ ପୃଥିବୀରେ କେଉଁଠି ମଧ୍ୟ ଦେଖା ଯାଏନି ।

ସାଧାରଣ ଭାବେ ଯେଉଁଭଳି ଗଣେଶଙ୍କ ମୂର୍ତ୍ତି କଳ୍ପନା କରାଯାଏ, କାଞ୍ଚି ଗଣେଶ ବା ଭଣ୍ଡ ଗଣେଶ ମୂର୍ତ୍ତି ସେପରି ନୁହନ୍ତି । ଏ ଗଣେଶଙ୍କର ୪ଟି ହାତ । ଗୋଟିଏ ପାଦ ଭୂମିକୁ ସ୍ପର୍ଶ କରୁଥିବା ବେଳେ ଆଉ ଗୋଟିଏ ଗୋଡ଼ ମୋଡ଼ି ବସିବା ମୁଦ୍ରାରେ ରହିଛି । ଏହି ଗଣେଶଙ୍କ ବାମ ଜଙ୍ଘରେ ସିଦ୍ଧିଦେବୀ ବସିଛନ୍ତି । (ଗବେଷକଙ୍କ ମତରେ ସିଦ୍ଧିଦେବୀ ଗଣେଶଙ୍କ ପତ୍ନୀ ଅନ୍ୟ କିଛି ଗବେଷକ ଭିନ୍ନ ମତ ଦିଅନ୍ତି,ସେମାନଙ୍କ ମତରେ ଗଣେଶଙ୍କ କୋଳରେ ରହିଥିବା ଦେବୀ ଯେ, ସିଦ୍ଧିଦେବୀ ସେ ନେଇ କୌଣସି ପ୍ରମାଣ ନାହିଁ)

ହାତରେ ଭଗ୍ନଦନ୍ତ, ଜପାମାଳ ଓ ପରସୁ ଧାରଣ କରିଥିବା ଏହି ବିଗ୍ରହ ହେଉଛନ୍ତି ଶୃଙ୍ଗାର ବିଗ୍ରହ । ଏହାଙ୍କୁ କାମଦ ଗଣେଶ ଏବଂ ତନ୍ତ୍ର ଓ ଶକ୍ତି ଗଣେଶ ମଧ୍ୟ କୁହାଯାଏ । ଆଉ ଏକ ଜନଶ୍ରୁତି ଅନୁସାରେ ଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ଉଚ୍ଛିଷ୍ଟ କରି ପକାଉଥିବାରୁ ଏହାଙ୍କର ଅନ୍ୟ ନାମ ଉଚ୍ଛିଷ୍ଟ ଗଣପତି ।

କାଞ୍ଚି ବିଜୟରୁ ପ୍ରାପ୍ତ ତିନି ଦେବ ବିଗ୍ରହଙ୍କ ମଧ୍ୟରୁ ସବୁଠାରୁ ରସସ୍ୟମୟ ଥିଲେ କାଞ୍ଚି ଗଣପତି । ଲୋକକଥା କୁହେ କାଞ୍ଚି ରାଜାଙ୍କୁ ଭଣ୍ଡାଇ ଦେଇ ଉତ୍କଳ ଚାଲି ଆସିଥିବାରୁ ଏହାଙ୍କ ଅନ୍ୟନାମ ହେଉଛି ଭଣ୍ଡ ଗଣପତି । କଥାରେ ଅଛି ଯାହା ପୁଅ ବାବାଜୀ ହୋଇ ଘର ଛାଡି ଚାଲିଯାଏ, ତା' ପରିବାର କାଞ୍ଚି ଗଣେଶଙ୍କ ଶରଣାପନ୍ନ ହେଲେ ସନ୍ନ୍ୟାସୀ ପୁଅ ଘର ମୁହାଁ ହୋଇଥାଏ ବା ଘରକୁ ଫେରି ଆସିଥାଏ । ଭାରତର ଏହି ବିରଳ ଗଣେଶ ପ୍ରତିମାଙ୍କ ଯାହା ଶ୍ରୀମନ୍ଦିର ଭିତର ବେଢ଼ାରେ ସ୍ଥାପିତ ହୋଇଛନ୍ତି ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଛପଟେ ଥିବା ଏକ ମାରଦା(ବାଡ଼ିଆ ଆଟୁ) ଶୈଳୀର ମନ୍ଦିରରେ ଏହାଙ୍କୁ ସ୍ଥାପନ କରାଯାଇଛି । ଶ୍ରଦ୍ଧାଳୁମାନେ ଏହାଙ୍କୁ ଭଣ୍ଡ ଗଣେଶ ବା କାଞ୍ଚି ଗଣେଶ ଭାବେ ପୂଜା କରିଥା'ନ୍ତି ।

**ମାତୃ ପିତୃ କୃପା ୫୦୮, ନୂଆସାହି**
**ନୂଆପଲ୍ଲୀ, ଭୁବନେଶ୍ୱର ୭୫୧୦୧୨**
**ମୋ– ୯୪୩୭୧୭୫୭୬୪**

# ପରିବେଶ ସୁରକ୍ଷା ଓ ବିକାଶର ସମନ୍ୱୟ-୨



ତେଜେଶ୍ୱର ପଟ୍ଟନାୟକ

ପରିବେଶର ସୁରକ୍ଷା ପାଇଁ ଆମ ଦେଶରେ କି ପ୍ରକାର ପଦକ୍ଷେପ ନିଆଯାଇଛି, ତାହା ଅତି ପ୍ରାସଙ୍ଗିକ ମନେ ହୁଏ । ଆମ ଦେଶରେ ମଧ୍ୟ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ଆଇନ ପ୍ରଣୟନ ଜନ ଅନ୍ଦୋଳନ ଷାଠିଏ ଓ ସତୁରୀ ଦଶକରୁ ଆରମ୍ଭ ହେଇଛି । ଅନେକ ଆଇନ ଦେଶରେ ପରିବେଶ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିଲେ ସୁଦ୍ଧା ତାହା ଠିକ୍ ଭାବରେ କାର୍ଯ୍ୟକାରୀ ହେଉନାହିଁ ଏବଂ ଏହାର ବିଶେଷ ସଫଳତା ମିଳି ପାରୁନାହିଁ । ୧୯୭୪ ମସିହାରେ ଜଳ ଆଇନ (Water Act of 1974)ଜଳ ପ୍ରଦୂଷଣ ରୋକିବା ପାଇଁ ମଞ୍ଜୁରୀ ପାଇଥିଲା । ଏହି ଆଇନ ଯୋଗୁଁ ପ୍ରତି ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (Pollution Control Board) ପ୍ରତିଷ୍ଠା ହେଇଛି । କିନ୍ତୁ ଏସବୁ ଅଧିକ ଫଳପ୍ରସୁ ହୋଇପାରି ନାହିଁ । ପରିବେଶ କର୍ମୀମାନେ ଅଭିଯୋଗ କରିଥାନ୍ତି, ବଡ଼ ବଡ଼ ଶିଳ୍ପପତି, ଶାସନ ଗାଦିରେ ବସିଥିବା ରାଜନୈତିକ ଦଳର ମୁଷ୍ଟିମେୟ ନେତା ଓ ଅମଲାତନ୍ତ୍ରର କିଛି ଅଫିସରଙ୍କ ସଲାସୁତୁରାରେ ଅନେକ ପ୍ରକଳ୍ପକୁ ଅନୁମୋଦନ ମିଳିଯାଇ ଥାଏ । ଉଲ୍ଲେଖଯୋଗ୍ୟ ଯେ ,ଦୀର୍ଘ ପାଞ୍ଚ ଦଶନ୍ଧି ପୂର୍ବେ ୧୯୭୩ ମସିହାରେ ଚିପ୍କୋ ଆନ୍ଦୋଳନ (Chipko Movement) ଅଧୁନା ଉତ୍ତରାଖଣ୍ଡ ରାଜ୍ୟରେ ଆରମ୍ଭ ହୋଇଥିଲା । ବନ୍ୟ ସମ୍ପଦର ବିନାଶ ଏବଂ ଗଛ କାଟିବାକୁ ସେଠାକାର ଗ୍ରାମବାସୀମାନେ ବିଶିଷ୍ଟ ପରିବେଶବିତ୍ ସୁନ୍ଦରଲାଲ ବହୁଗୁଣାଙ୍କ ନେତୃତ୍ୱରେ ଘୋର ବିରୋଧ କରିଥିଲେ ।

ଏହି ଅନ୍ଦୋଳନରେ ଭାଗ ନେଇ ଗ୍ରାମବାସୀମାନେ ଗଛଗୁଡ଼ିକୁ ଆଲିଙ୍ଗନ କରି ରାଜ୍ୟ ସରକାରଙ୍କୁ ଗଛ କାଟିବା ପାଇଁ ବାରଣ କରିଥିଲେ । ଏହି ଆନ୍ଦୋଳନର ପ୍ରଭାବରେ ଭାରତ ସରକାର ଜଙ୍ଗଲ ନୀତିକୁ ପୁନଃ ବିଚାର କରିବାକୁ ବାଧ୍ୟ ହୋଇଥିଲେ ।

ଅନ୍ୟ ଏକ ଉଲ୍ଲେଖନୀୟ ଜନ ଆନ୍ଦୋଳନ ନର୍ମଦା ନଦୀ ବଞ୍ଚାଅ ଅନ୍ଦୋଳନ (Narmada Bachao Andolan) ରୂପେ ସେ ସମୟରେ ସାରା ବିଶ୍ୱରେ ଆଲୋଡନ ସୃଷ୍ଟି କରିଥିଲା ।

୧୯୮୫ ମସିହାରେ ଆରମ୍ଭ ହୋଇଥିବା ଏହି ଜନ ଆନ୍ଦୋଳନ ମୁଖ୍ୟତଃ ନର୍ମଦା ନଦୀ ଉପରେ ନିର୍ମାଣ ହେଉଥିବା ବୃହତ୍ ବନ୍ଧଗୁଡ଼ିକ, ବିଶେଷତଃ ସରଦାର ସରୋବର ଡ୍ୟାମ୍‌ର ନିର୍ମାଣର ବିରୋଧ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ଏବଂ ବିସ୍ଥାପିତ ସମୁଦାୟମାନଙ୍କର ଅଧିକାର ସୁରକ୍ଷା ଏବଂ ପରିବେଶ ସମସ୍ୟାଗୁଡ଼ିକ ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏହି ଆନ୍ଦୋଳନ ବିଶିଷ୍ଟ ସାମାଜିକ କର୍ମୀ ଓ ସମାଜସେବୀ ମେଧା ପାଟକରଙ୍କ ନେତୃତ୍ୱରେ ଚାଲିଥିଲା ଏବଂ ଏଥିରେ ଆଦିବାସୀ, ଚାଷୀ, ପରିବେଶବିତ୍ ଏବଂ ମାନବ ଅଧିକାର କର୍ମୀମାନେ ଅଂଶଗ୍ରହଣ କରିଥିଲେ ଓ ବିସ୍ଥାପନ, ପରିବେଶୀୟ କ୍ଷତି ଏବଂ ଡ୍ୟାମ୍ ପ୍ରକଳ୍ପମାନଙ୍କ ଦ୍ୱାରା ହେଉଥିବା ମାନବ ଅଧିକାର ଉଲ୍ଲଂଘନ ବିଷୟରେ ଜନ ସଚେତନତା ସୃଷ୍ଟି କରିପାରିଥିଲା । ଉକ୍ତ ଆନ୍ଦୋଳନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହେଉଛି ଯେ ବିଶ୍ୱ ବ୍ୟାଙ୍କ୍ (World Bank) ଉପରେ ସରଦାର ସରୋବର ଡ୍ୟାମ୍ ପ୍ରକଳ୍ପ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ଅନୁମୋଦନ ବନ୍ଦ କରିବାକୁ ନିଷ୍ପତ୍ତି ନେଇ ଥିଲା । ଭାରତ ସରକାରଙ୍କ ପରିବେଶ ନୀତି ଏହି ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହେଇଛି ।

ପରିବେଶୀୟ ରାଜନୀତି କେବଳ ରାଜନୈତିକ ଚର୍ଚ୍ଚାର ବିଷୟ ନୁହେଁ, ଏହା ମାନବ ଜୀବନ ଏବଂ ପରିବେଶ ମଧ୍ୟରେ ସମନ୍ୱୟ ରଖିବା ପାଇଁ ପ୍ରୟାସ ରଖିଥାଏ । ଯଦି କ୍ଷମତାସୀନ ଦଳ କେନ୍ଦ୍ର ବା ରାଜ୍ୟରେ ହେଉ, ଯଦି ସମସ୍ତ ନିୟମଗୁଡ଼ିକୁ ଆନ୍ତରିକତା ସହ ପାଳନ କରନ୍ତି, ତେବେ ଆଗାମୀ ଭବିଷ୍ୟତ ପିଢ଼ି ଏକ ସୁସ୍ଥ ଜୀବନଯାପନ କରିପାରିବେ ବୋଲି ଆଶା କରାଯାଏ । ତେବେ ପ୍ରଶ୍ନ ଉଠେ ପ୍ରଦୂଷଣ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଗୁରୁତ୍ୱର ସହ ବିଚାର କରି ଉଚିତ ପଦକ୍ଷେପ ନେଉଛନ୍ତି କି ?

ଭାରତ ବିଶ୍ୱର ଏକ ଦୃଢ଼ ଓ ଶକ୍ତିଶାଳୀ ଅର୍ଥନୈତିକ ରାଷ୍ଟ୍ର ଭାବେ ଦ୍ରୁତ ଗତିରେ ଅଗ୍ରସର ହେଉଥିବାବେଳେ, ପରିବେଶ ସୁରକ୍ଷା ଏକ ମୁଖ୍ୟ ରାଜନୈତିକ ଏବଂ ସାମାଜିକ ପ୍ରସଙ୍ଗରେ ପରିଣତ ହୋଇଯାଇଛି । ପରିବେଶଜନିତ ସମସ୍ୟାକୁ ଅଗ୍ରାଧିକାର ଦେବା ଉଚିତ । କାରଣ ଏଥିରେ ଆମ ଭବିଷ୍ୟତ ପିଢ଼ିର ସ୍ୱାର୍ଥ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଜନ କଲ୍ୟାଣକାରୀ ବିକାଶକୁ କେହି ବିରୋଧ କରିବା ଉଚିତ ନୁହେଁ । କିନ୍ତୁ, ସରକାର ଉଭୟ ସାମାଜିକ ନ୍ୟାୟ ଓ ସ୍ଥାୟୀ ବିକାଶ (sustsinable development)ଉପରେ ଦୃଷ୍ଟି ଦେବା ଆବଶ୍ୟକ । ମାତ୍ରାଧିକ୍ୟ ଖଣିଜ ପଦାର୍ଥ ଉତ୍ତୋଳନ ଓ ପ୍ରାକୃତିକ ସଂସାଧନର ଅବକ୍ଷୟ ଉପରେ ଧ୍ୟାନ ଦେବା ବାଞ୍ଛନୀୟ । ଅବଶ୍ୟ, ଭାରତ ସରକାର ପରିବେଶ ସୁରକ୍ଷା ଏବଂ ପ୍ରାକୃତିକ ସମ୍ବଳର ସଂରକ୍ଷଣ ଓ ସଦୁପଯୋଗ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନୀତି ଏବଂ ଆଇନ ପ୍ରଣୟନ କରିଛନ୍ତି । ପ୍ରଥମତଃ ପରିବେଶ ସୁରକ୍ଷା ଏବଂ ନିୟନ୍ତ୍ରଣ ପାଇଁ ଏକ ସ୍ୱତନ୍ତ୍ର ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ଗଠନ କରିଛନ୍ତି ।

ଜଙ୍ଗଲର ସୁରକ୍ଷା ପାଇଁ ସବୁଜ ଭାରତ ମିଶନ ଏବଂ ଜାତୀୟ ବନୀକରଣ ଯୋଜନାକୁ ସରକାର କାର୍ଯ୍ୟକାରୀ କରୁଛନ୍ତି । ପ୍ରତ୍ୟେକ ଘରେ ସୌର ଶକ୍ତିର ବ୍ୟବହାର ପାଇଁ ବର୍ତ୍ତମାନର କେନ୍ଦ୍ର ସରକାର ବଜେଟରେ ଏକ ନୂତନ ବ୍ୟୟ ବରାଦ ମଧ୍ୟ ଆରମ୍ଭ କରିଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଭାରତରେ ପରିବେଶ ଅବନତିର ଅନ୍ୟ ଏକ ପ୍ରମୁଖ କାରଣ ଦୁର୍ନୀତି ଏବଂ ରାଜନୈତିକ ସ୍ୱାର୍ଥ ଅଟେ । କିଛି ରାଜନେତା, ଅଧିକାରୀ ଏବଂ କର୍ପୋରେଟ୍ ହାଉସ ପରିବେଶୀୟ ଆଇନକୁ ମଧ୍ୟ ଉଲ୍ଲଂଘନ କରି ନିଜ ସ୍ୱାର୍ଥ ହାସଲ କରିବା ପାଇଁ ଉଦ୍ୟମ କରି ଚାଲିଛନ୍ତି ।

ଅନେକ ଅବୈଧ ଖଣିଜ ଖନନ ଦ୍ୱାରା ଜଙ୍ଗଲର ବିନାଶ, ଜଳ ପ୍ରଦୂଷଣ ଏବଂ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦର ବିନାଶ ହେଉଛି । ଖଣି ମାଫିଆମାନେ କିଛି ପ୍ରଭାବଶାଳୀ ରାଜନେତାଙ୍କ ଛତ୍ରଛାୟା ତଳେ ରହି ଅବୈଧ ଖଣି ଖନନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଏଥିପାଇଁ ପରିବେଶ ବି ଦୂଷିତ ହେଉଛି ମସରକାର ମାଫିଆ ଓ ଦୁର୍ନୀତି ଗ୍ରସ୍ତ ନେତା ଓ ଅଫିସରମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ । ପରିବେଶକୁ ଭାରତୀୟ ସଂସ୍କୃତିରେ ମଧ୍ୟ ବିଶେଷ ସମ୍ମାନ ଦିଆଯାଇଛି । ଆମ ଦେଶର ଆଦିବାସୀ ସମ୍ପ୍ରଦାୟ ପରିବେଶ ସହ ସୁନ୍ଦର ସମନ୍ୱୟ ରଖି ଆଦିମ କାଳରୁ ଚଳିଆସୁଛନ୍ତି । ପର୍ବତ, ଜଙ୍ଗଲ , ଗଛ ଲତା ଓ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ସେମାନେ ଅଧିକ ଯତ୍ନବାନ ଅଟନ୍ତି । ଅନେକ ଜଙ୍ଗଲ ଜମି ଗୁଡିକୁ ବିକାଶର ଦ୍ୱାହି ଦେଇ ,ବଡ଼ ବଡ଼ ପ୍ରକଳ୍ପ ପାଇଁ ପରିବେଶ ଆଇନର ଉଲ୍ଲଂଘନ କରାଯାଉଛି, ଏହାଦ୍ୱାରା ସ୍ଥାନୀୟ ବାସିନ୍ଦା ବିସ୍ଥାପିତ ହେଉଛନ୍ତି । ଅନିୟନ୍ତ୍ରିତ ସହରୀକରଣ ଓ କ୍ରମାଗତ ଶିଳ୍ପାନୟନ ଆମ ଦେଶର ଜୈବ ବିବିଧତାକୁ ପ୍ରଭାବିତ କରୁଛି ।

**ତେଣୁ ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ବିକାଶ ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଆବଶ୍ୟକ । ପରିବେଶ ମନ୍ତ୍ରାଳୟ, କେନ୍ଦ୍ର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକୁ ଅଧିକ କ୍ଷମତା ଏବଂ ସ୍ୱାଧୀନତା ଦିଆଯାଉ । ୨୦୨୪ ମସିହାରେ, ଜାତୀୟ ସବୁଜ ଟ୍ରିବ୍ୟୁନାଲ ଆଇନରେ (National Green Tribunal Act ) ସଂଶୋଧନ କରାଯାଇ ଟ୍ରିବ୍ୟୁନାଲକୁ ଅଧିକ କ୍ଷମତା ପ୍ରଦାନ କରାଯାଇଥିଲା, ଯାହା ଫଳରେ ପରିବେଶ ନିୟମ ଖିଲାପକାରୀଙ୍କ ଉପରେ ଜରିମାନା ହୋଇ ପାରୁଛି । ଏହି ଟ୍ରିବ୍ୟୁନାଲ ୨୦୧୦ ମସିହାରେ ସ୍ଥାପନ ହେଇଥିଲା ଏବଂ ଏହା ପରିବେଶ ସୁରକ୍ଷା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ଜଡିତ ସମସ୍ତ ବିବାଦର ସମାଧାନ କରେ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ।** କିନ୍ତୁ ଜରିମାନା ଦଣ୍ଡ ଦ୍ୱାରା ସମସ୍ୟାର ସମାଧାନ ହେଇଯିବିନି । ପରିବେଶକୁ ଦୂଷିତ କରୁଥୁବା ବ୍ୟକ୍ତି ବା ସଂସ୍ଥା ବିରୋଧରେ ଶୂନ୍ୟ ସହନଶୀଳତା ନୀତିକୁ ଆପଣେଇ ବା ଦରକାର । ଏକ ସ୍ୱଷ୍ଟ ଏବଂ ଉତ୍ତରଦାୟୀ ବ୍ୟବସ୍ଥା ଜରିଆରେ ସରକାରୀ ଏକ କଡା ବାର୍ତ୍ତା ଦେବା ଦରକାର । ସ୍ଥାନୀୟ ଅଧିବାସୀମାନଙ୍କୁ ସଭା ସମିତି ମାଧ୍ୟମରେ ପରିବେଶ ସମ୍ବନ୍ଧୀୟ ସଚେତନତାରେ ପ୍ରଭାବିତ କରାଯିବା ଉଚିତ ।

ଯଦି ଏହି ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଯାଏ, ତେବେ ଭାରତରେ ପରିବେଶର ଅବକ୍ଷୟକୁ ରୋକି ପାରିବାରେ ଆମେ ସଫଳ ହେବା । ପରିବେଶର ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ମୁକାବିଲା କରିବା ପାଇଁ ଆନ୍ତର୍ଜାତିକସ୍ତରରେ କିଛି ସଙ୍ଗଠନ ଯଥା ବ୍ରିକସ (BRICS ) ଓ ଜି –୨୦ (G- ୨୦) ର ରାଷ୍ଟ୍ର ନେତାମାନେ ପ୍ରୟାସ କରୁଛନ୍ତି । ଆମେ ସଚେତନ ନାଗରିକ ଭାବେ ପରିବେଶକୁ ସୁରକ୍ଷିତ ରଖିବା, ଯଦ୍ୱାରା ଆମର ଭବିଷ୍ୟତ ବଂଶଧର ଏକ ସୁନ୍ଦର ସବୁଜ ପୃଥିବୀରେ ଉନ୍ନତ ମାନର ଜୀବନଯାପନ କରିପାରିବେ, ନଚେତ ଆମେ ଉତ୍ତରଦାୟୀ ରହିବା । ବାୟୁ ଓ ଜଳର ପ୍ରଦୂଷଣକୁ ହ୍ରାସ କରିବା ,ପାଣି ଓ ଶକ୍ତିର ଅପଚୟକୁ ରୋକିବା ଓ ନିୟମିତ ବୃକ୍ଷ ରୋପଣ କରିବା ଦିଗରେ ପ୍ରତ୍ୟେକ ବ୍ୟକ୍ତି ଦାୟିତ୍ୱସମ୍ପନ୍ନ ହେବା ଦରକାର ଏବଂ ନିଜକୁ ଜଣେ ପରିବେଶ କର୍ମୀ ଭାବେ ଉତ୍ସର୍ଗ କରିବା ଉଚିତ ।

**ପୂର୍ବତନ ଉପ ମହାପ୍ରବନ୍ଧକ**
**ବ୍ୟାଙ୍କ ଅଫ ଇଣ୍ଡିଆ,କଳିଙ୍ଗ ବିହାର,**
**ଭୁବନେଶ୍ୱର,ମୋ–୯୨୬୨୨ ୯୬୨୯୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବନ୍ୟା...

ହେବ ବୈତରଣୀ ନଦୀ କୂଳ ଲଘିଂବାରୁ ଆଖଣ୍ଡଳମଣି-କୁଆଖିଆ ୨୦ନମ୍ବର ଜାତୀୟ ରାଜପଥର ଦେଢକିମି ଯାଏଁ ୨/୩ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଛି । ୨ଟି ପର୍ଯ୍ୟଟନସ୍ଥଳୀ ଆଖଣ୍ଡଳମଣି ଓ ଯାଜପୁରର ବିରଜା କ୍ଷେତ୍ରକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ୧୪ଟି ଗାଁ ବନ୍ୟାଘେରରେ ରହିଛି । ସେହିପରି ଦୋହରା ପାଟଣା ଓ ବୋଡକ ତଳିଆ ଅଂଚଳରେ ବନ୍ୟାପାଣି ପଶିବାରୁ ଗାଁ ଦାଣ୍ଡରେ ଲହଡ଼ି ମାରୁଛି ପାଣି । ୪ଟି ପଞ୍ଚାୟତର ଶହଶହ ଏକର ଚାଷଜମି ଜଳମଗ୍ନ ହୋଇଥିବାବେଳେ ଗୃହପାଳିତ ପଶୁ ଓ ବାତ୍ୟା ଆଶ୍ରୟସ୍ଥଳୀ ଓ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି । ଏପରିକି ଅନେକ ସ୍ଥାନରେ ନଦୀବନ୍ଧ ଦୁର୍ବଳ ରହିଥିବାରୁ ସ୍ଥାନୀୟ ନଦୀକୂଳିଆ ଲୋକ ପାଳିକରି ଜଗି ରହୁଛନ୍ତି । ତାହା ସହ ମୁଆ, ସନ୍ତରା, ସିଙ୍ଗିପୁର, ବାଡୋଳ, ସାନପଙ୍କି, ପାଲଟପୁର, ବାଙ୍କମୁଆ ଆଦି ୧୫ଟି ଗାଁ ବାହ୍ୟ ଜଗତରୁ ବିଛିନ୍ନ ହୋଇରହିଛି । ସେହିପରି ବନ୍ୟାପାଣି ବାବା ଆଖଣ୍ଡଳମଣିଙ୍କ ମନ୍ଦିର ସମ୍ମୁଖରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ପ୍ରବେଶ କରିବାରୁ ମୁଖ୍ୟ ଜଳଘାଟ ବୁଡି ଯିବାରୁ ଘାଟ ସମ୍ମୁଖରେ ଥିବା ବୃଷବ ଅଧିକାଂଶ ଭାଗ ବୁଡିଯାଇଛି । ଅନ୍ୟପଟେ ଆରଡି ପୀଠରୁ ତିହିଡି ଓ ଚାନ୍ଦବାଲି ରାସ୍ତାରେ ମୁଆଘୋଷରା ସତସଙ୍ଗ ଘୋଷରାରେ ୩ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯାତାୟତ ବାଧାପ୍ରାପ୍ତ ହେବା ଫଳରେ ବିଚ୍ଛିନ୍ନାଞ୍ଚଳର ଲୋକମାନେ ଆବଶ୍ୟକୀୟ ସାମଗ୍ରୀ ପାଇଁ ଦେଶୀଡଙ୍ଗା ଓ ଟ୍ରାକଫର ସାହାଯ୍ୟରେ ବିପଦପୂର୍ଣ୍ଣ ଭାବେ ଆସୁଥିବାର ଦେଖିବାକୁ ମିଳିଛି । ବିପନ୍ନମାନେ କିପରି ଭାବେ ରହିଛନ୍ତି ସେଥିପାଇଁ ଚାନ୍ଦବାଲି ବିଧାୟକ ବେ୍ୟାମକେଶ ରାୟ ଜଳ ବନ୍ଦି ହୋଇ ରହିଥିବା ମୁଆ, ସନ୍ତରା, ପାଲଟପୁର, ବାଡୋଳ, ସିଙ୍ଗିପୁର, ସାନପଙ୍କି, ବୋଡକ, ସାଠିବାଙ୍କୁଡା ଆଦି ୪ ପଂଚାୟତର ବନ୍ୟା ସ୍ଥିତି ବୁଲି ଦେଖିବା ସହ ବିପନ୍ନଙ୍କ ସହ କଥା ହୋଇଥିଲେ ।

## ସ୍ଥିତି...

ବର୍ତ୍ତମାନର ସ୍ଥିତି ସଂପର୍କରେ ସମୀକ୍ଷା କରି ବନ୍ୟା ମୁକାବିଲା ଏବଂ ଜୀବନ ସୁରକ୍ଷା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ନିଆଯାଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି । ଜନସାଧାରଣଙ୍କର ଜୀବନକୁ ସୁରକ୍ଷା ଦେବା ଆମର ସର୍ବୋତ୍ତମ କାର୍ଯ୍ୟ ବୋଲି ରାଜ୍ୟପାଳ କହିବା ସହିତ ବନ୍ୟା ସମୟରେ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଆଗୁଆ ସକ୍ରିୟ ପଦକ୍ଷେପ ନେବାକୁ ଆହ୍ୱାନ ଜଣାଇଥିଲେ ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ-ତଥା-ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓ ରଂଜନ କୁମାର ସିଂହ, ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ, ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ମନୀଷ ଅଗ୍ରୱାଲଙ୍କ ସମେତ ଜଳ ସଂପଦ ବିଭାଗର ଇଂଜିନିୟର ଇନ ଚିଫ୍ ଓ ମୁଖ୍ୟ ଯନ୍ତ୍ରୀମାନେ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବିଭାଗୀୟ ଅଧିକାରୀମାନେ ବନ୍ୟା ପ୍ରଭାବିତ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲ୍ଲାର ସ୍ଥିତି ଏବଂ ସଂପୃକ୍ତ ଜିଲ୍ଲା ପ୍ରଶାସନକୁ ଜାରି କରାଯାଇଥିବା ତଦାରଖ ବ୍ୟବସ୍ଥା ଓ ପରାମର୍ଶ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ନଦୀ ଅବବାହିକାର ସ୍ଥିତି, ବନ୍ୟା ଏବଂ ପ୍ରବଳ ବର୍ଷାର ମୁକାବିଲା ପାଇଁ ପ୍ରସ୍ତୁତି, ଆଶ୍ରୟସ୍ଥଳର ବ୍ୟବସ୍ଥା ଏବଂ ରିଲିଫ୍ ସହାୟତା ସଂପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ । ବନ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ଉତ୍ସର୍ଗୀକୃତ ପ୍ରୟାସ ଏବଂ ସଂକଟ ସମୟରେ ପ୍ରଭାବିତ ଲୋକଙ୍କୁ ଅତ୍ୟାବଶ୍ୟକୀୟ ସେବା ଯୋଗାଇ ଦେବାର କାର୍ଯ୍ୟାବଳୀ ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ । ବ୍ୟାରେଜ ନିର୍ମାଣ କରି ଉଦ୍‌ବୃତ୍ତ ଜଳର ସୁପରିଚାଳନା ନିମନ୍ତେ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏହା ହେଲେ ଉଦ୍‌ବୃତ୍ତ ଜଳ ନିକଟବର୍ତ୍ତୀ ଗାଁ ପୋଖରୀକୁ ନିଆଯାଇପାରିବ ଏବଂ ଏହାଦ୍ୱାରା ବନ୍ୟା ନିୟନ୍ତ୍ରଣ ମଧ୍ୟ ହୋଇପାରିବ ବୋଲି କହିଥିଲେ ।

ଏଦିଗରେ ଦୀର୍ଘକାଳୀନ କାର୍ଯ୍ୟନୀତି ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରି ସାରା ରାଜ୍ୟରେ ଜଳ ଅବବାହିକାର ଆନ୍ତଃ-ସଂଯୋଗୀକରଣ ସଂକ୍ରାନ୍ତରେ ପରାମର୍ଶ ଦେଇଥିଲେ । ଜଳ ପ୍ରଣାଳୀ ସଂଯୋଗୀକରଣ ଦ୍ୱାରା ବନ୍ୟା ପ୍ରବଣ ଅଂଚଳରୁ ଜଳକ୍ଲିଷ୍ଟ ଅଂଚଳକୁ ଉଦ୍‌ବୃତ୍ତ ଜଳକୁ ନିଆଯାଇପାରିବ, ଯଦ୍ୱାରା ବନ୍ୟା ବିପଦ ହ୍ରାସ ପାଇବ, ଜଳ ସେଚନରେ ଉନ୍ନତି ଆସିବ, ଭୂତଳ ଜଳସ୍ତର ବୃଦ୍ଧି ପାଇବାରେ ସହାୟକ ହେବ, ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରାଯାଇପାରିବ ବୋଲି ରାଜ୍ୟପାଳ କହିଥିଲେ । ନଦୀ ପ୍ରଣାଳୀଗୁଡ଼ିକର ଏବଂ ଇଣ୍ଟରଲିଙ୍କିଙ୍ଗ୍ ଉପରେ ବିଚାର ବିମର୍ଷ /ଅଧ୍ୟୟନ କରି କାର୍ଯ୍ୟନୀତି ପ୍ରସ୍ତୁତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରସ୍ତୁତି ରହିଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିବା ସହିତ ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ ।

## ମତାମତ...

ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଏକ ଆଧୁନିକ ଫିଡ୍‌ବ୍ୟାକ୍ ସିଷ୍ଟମ 'ଆମ ଶାସନ' ବ୍ୟବସ୍ଥାର ଶୁଭାରମ୍ଭ କରି ଏହା କହିଛନ୍ତି ।

'ଆମ ଶାସନ' ହେଉଛି ଆଧୁନିକ ଟେକ୍ନୋଲୋଜିର ଉପଯୋଗରେ ପ୍ରସ୍ତୁତ ହୋଇଥିବା ଏକ ଅତ୍ୟାଧୁନିକ ଫିଡ୍‌ବ୍ୟାକ୍ ସିଷ୍ଟମ । ଏହା ଜରିଆରେ ଉଭୟ ଅନ୍‌ଲାଇନ ଓ ଅଫଲାଇନ୍ ପ୍ଲାଟଫର୍ମରେ ଜନ ସାଧାରଣ ସେମାନଙ୍କ ମତାମତ ବା ପରାମର୍ଶ ଦେଇ ପାରିବେ । ଓଡିଶା ସରକାରଙ୍କ ୱେବସାଇଟ ଓ ହ୍ୱାଟ୍ସଆପ୍ ଚାଟ୍‌ବଟ୍ ୭୪୦୦୨୨୧୯୦୩, ଟୋଲ୍ ଫ୍ରି ନମ୍ବର ୧୪୪୭୧ ଜରିଆରେ ନିଜ ଅଭିଯୋଗ ଓ ପରାମର୍ଶ ପ୍ରଦାନ କରାଯାଇ ପାରିବ । ଏହା ସହିତ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ଉଚ୍ଚ ପ୍ରଶାସନିକ ଅଧିକାରୀ ମାନେ ମଧ୍ୟ ଟେଲିଫୋନ୍ ଜରିଆରେ ମତାମତ ଗ୍ରହଣ କରିବେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ଶାସନ ପ୍ରଶାସନରେ ସ୍ୱଚ୍ଛତା, ପାରଦର୍ଶିତା, ଦାୟିତ୍ୱବୋଧତା ଓ ଉତ୍ତରଦାୟିତ୍ୱତା ଆଣିବ । ଆମ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ କମ୍ କରିବାରେ ଏହା ସହାୟକ ହେବ ବୋଲି ସେ କହିଥିଲେ ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାତ୍ମା ଗାନ୍ଧୀଙ୍କ ଭାଷାରେ, "ନିଜକୁ ପାଇବାକୁ ହେଲେ ଅନ୍ୟ ମାନଙ୍କ ସେବାରେ ନିଜକୁ ହଜାଇ ଦେବାକୁ ହେବ" । ଏହି ଆଦର୍ଶରେ ଆମ ସରକାର ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣ ମାନଙ୍କ ସେବାରେ ନିଜକୁ ହଜାଇ ଦେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟେକ୍ନୋଲୋଜିର ବ୍ୟବହାର କରି ଦେଶରେ ଦୁର୍ନୀତିର ପ୍ରଭାବ କମ୍ କରିପାରିଛନ୍ତି । ଜନଧନ, ଆଧାର ଓ ମୋବାଇଲର ଉପଯୋଗ ହେବାପରେ ସରକାରଙ୍କ ପକ୍ଷରୁ ଲୋକଙ୍କ ପାଖକୁ ଟଙ୍କାଟିଏ ଗଲେ, ଲୋକ ପୁରା ଟଙ୍କାଟିଏ ହିଁ ପାଉଛନ୍ତି । ବାଟମାରଣା ନାହିଁ । ମୋଦୀଜୀଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ସୁଶାସନ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସେ କହିଥିଲେ । ମୋଦୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ନିଜକୁ 'ବସ୍' ବୋଲି ନଭାବି ଲୋକଙ୍କ ସେବକ ଭାବରେ କାମ କରୁଛୁ ।

ଶାସନ ପ୍ରକ୍ରିୟାରେ ଜନସାଧାରଣଙ୍କ ସକ୍ରିୟ ଭାଗିଦାରୀ ହିଁ ଆମ ପାଇଁ ସମ୍ପତ୍ତି । ଆମ ଶାସନ ବ୍ୟବସ୍ଥା ବର୍ତ୍ତମାନ ସମୟ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଲୋକଙ୍କ ମତାମତକୁ ସମ୍ମାନ ଜଣାଇ ବିଧିବ୍ୟବସ୍ଥାରେ ଆବଶ୍ୟକୀୟ ପରିବର୍ତ୍ତନ କରାଯିବ ।

ସୂଚନା ଯୋଗ୍ୟ ଯେ, ବର୍ତ୍ତମାନ ଅନଲାଇନ ଜରିଆରେ ସରକାର ୩୨ଟି ବିଭାଗର ୪୨୮ଟି ସେବା ଯୋଗାଇ ଦେଉଛନ୍ତି । ଆମ ଶାସନ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୮ଟି ବିଭାଗର ୧୩ଟି ସେବା ପାଇଁ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ଆରମ୍ଭ କରାଯାଇଛି ।

ଏଗୁଡିକ ହେଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ତ୍ୟୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମଧୁବାବୁ ପେନ୍‌ସନ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା ଯୋଜନା, ଅନୁସୂଚିତ ଜନଜାତି ଓ ଜାତି ବିଭାଗର ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଶୀଅନ୍ନ ଓ ସିଏମ୍ କିଷାନ ଯୋଜନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଧାନ ସଂଗ୍ରହ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଇନ୍ ପେସେଣ୍ଟ ଓ ଆଉଟ୍ ପେସେଣ୍ଟ ସେବା ଓ ଆୟୁଷ୍ମାନ ବୟୋବନ୍ଦନା ଯୋଜନା ଏବଂ ଗୃହ ବିଭାଗର ଏତଲା, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ପ୍ରଦାନ ଓ ପିଟିସନ ।

ଏହି କାର୍ଯ୍ୟକ୍ରମରେ ଅନ୍‌ଲାଇନ୍ ଜରିଆରେ ବିଭିନ୍ନ ଜିଲ୍ଲାର ଅଧିକାରୀ ଓ ହିତାଧିକାରୀ ମାନେ ଯୋଡିହୋଇଥିଲେ । ମୁଖ୍ୟମନ୍ତ୍ରୀ କେତେଜଣ ହିତାଧିକାରୀଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ । ସେମାନେ ହେଲେ କଳାହାଣ୍ଡିର ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀ ମୁଙ୍ଗେ ଧାରୁଆ, ଜଗତସିଂହପୁରର ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ଫକୀର ଦାସ, କନ୍ଧମାଳ ଜିଲ୍ଲାର ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାର ହିତାଧିକାରୀ ଦଶମ ଶ୍ରେଣୀ ଛାତ୍ରୀ ଜ୍ୟୋସ୍ନାରାଣୀ ଦେହୁରୀ ଏବଂ ବଲାଙ୍ଗୀର ଜିଲ୍ଲାର ଆୟୁଷ୍ମାନ ବୟୋବନ୍ଦନା ହିତାଧିକାରୀ ଗୀରିଶ କୁମାର ସିଂହଦେଓ ।

ସେମାନେ ସମସ୍ତେ କହିଥିଲେ ଯେ, ସରକାରଙ୍କ ଯୋଜନାର ସୁଫଳ ସେମାନେ ସୁବିଧାରେ ପାଉଛନ୍ତି । ଏସବୁ ପାଇବା ପାଇଁ ସେମାନଙ୍କୁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡିନାହିଁ । ସରକାରୀ ଅଧିକାରୀ ମାନେ ସେମାନଙ୍କୁ ସବୁ ପ୍ରକାର ସହଯୋଗ ଯୋଗାଇ ଦେଉଛନ୍ତି ।

କାର୍ଯ୍ୟକ୍ରମର ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ଇଲୋକ୍ଟ୍ରୋନିକ୍ସ ଓ ଆଇ.ଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଲେ ଯେ, ଲୋକଙ୍କୁ ସୁଶାସନ ଦେବା ପାଇଁ ସୂଚନା ପ୍ରଯୁକ୍ତି ସମନ୍ୱିତ ଏହି ଫିଡ୍‌ବ୍ୟାକ୍ ମେକାନିଜମ୍ ଆରମ୍ଭ କରାଯାଇଛି । ସୁଶାସନ ଦିଗରେ ଲୋକଙ୍କ ସରକାରଙ୍କ ଏହା ଏକ ନୂଆ ପଦକ୍ଷେପ ବୋଲି ସେ କହିଥିଲେ । ଆମ ଶାସନ ପୋର୍ଟାଲ ଜରିଆରେ। ଲୋକମାନଙ୍କର ମତାମତ ରେକର୍ଡ କରାଯିବ ଏବଂ ସେମାନଙ୍କର ଅଭିମତକୁ ସମ୍ମାନ ଦିଆଯିବ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଯୋଗୁ ଏହା ସମ୍ଭବ ହୋଇ ପାରିଛି ବୋଲି ସେ କହିଥିଲେ ।

କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱତୀ ଏସ୍. ପ୍ରମୁଖ ଉପସ୍ଥିତ ଥିଲେ । ଓକାକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ପ୍ରଦୀପ ରାଉତ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ।

## ଓଡ଼ିଶା...

ଶକ୍ତି ମନ୍ତ୍ରଣାଳୟ ମାଧ୍ୟମରେ ଗ୍ରାମୀଣ ସ୍ଥାନୀୟ ସଂସ୍ଥା (ଆରଏଲବି)/ ପଞ୍ଚାୟତିରାଜ ପ୍ରତିଷ୍ଠାନ (ପିଆରଆଇ) ପାଇଁ ରାଜ୍ୟଗୁଡ଼ିକୁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ଜାରି କରିବାକୁ ସୁପାରିସ କରିଥାନ୍ତ । ଗୋଟିଏ ବର୍ଷରେ ୨ଟି କିସ୍ତି ଆକାରରେ ଏହି ଆବଣ୍ଟିତ ଅନୁଦାନ ସୁପାରିସ ଏବଂ ଜାରି କରାଯାଇଥାଏ । ସମ୍ବିଧାନର ଏକାଦଶ ସୂଚୀରେ ଉଲ୍ଲିଖିତ ଅଣତିରିଶ (୨୯) ବିଷୟ ଅଧୀନରେ ସ୍ଥାନ-ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ଆରଏଲବି / ପିଆରଆଇଗୁଡ଼ିକ ଏହି ଅନୁଦାନ ବ୍ୟବହାର କରିବେ । ତେବେ ଏହାକୁ ଦରମା ଏବଂ ଅନ୍ୟାନ୍ୟ ଖର୍ଚ୍ଚରେ ଉପଯୋଗ କରାଯିବ ନାହିଁ । ମୌଳିକ ସେବା ପାଇଁ ଅନୁବନ୍ଧିତ ଅନୁଦାନଗୁଡ଼ିକ ଉପଯୋଗ କରାଯାଇପାରିବ । ଏହି ସେବାଗୁଡ଼ିକରେ ସ୍ୱଚ୍ଛତା ଏବଂ ଖୋଲା ମଳମୁକ୍ତ ସ୍ଥିତିକୁ ବଜାୟ ରଖିବା, ଘରୋଇ ବର୍ଜ୍ୟବସ୍ତୁର ପରିଚାଳନା ଏବଂ ଉପଚାର, ବିଶେଷ କରି ମାନବ ମଳ ଏବଂ ପଙ୍କ ପରିଚାଳନା ସାମିଲ ରହିଛି ।ଏହାବ୍ୟତୀତ ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ଏବଂ ଜଳ ପୁନଃଚକ୍ରଣକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ।

## ଅମଳା...

ସହ ଆଲୋଚନା ପାଇଁ ସଂଘର ପ୍ରତିନିଧିଙ୍କୁ ଡକାଯାଇଥିଲା । ବୈଠକରେ କୌଣସି ଲିଖିତ ପ୍ରତିଶ୍ରୁତି ମିଳିନଥିଲା । ଗତକାଲି ସଂଘ ପକ୍ଷରୁ କୁହାଯାଇଥିଲା ଯେ ସରକାର ଲିଖିତ ପ୍ରତିଶ୍ରୁତି ଦେଲେ ଆମେ ପରବର୍ତ୍ତୀ ପଦକ୍ଷେପ ନେବୁ । ତେବେ ଆଜି ସଂଘ ପକ୍ଷରୁ କୁହାଯାଇଛି ଯେ ବନ୍ୟା ପରିସ୍ଥିତି ଓ ପଶ୍ଚିମଓଡ଼ିଶାର ଗଣପର୍ବ ନୂଆଖାଇରେ ଯେପରି ଲୋକ ହଇରାଣ ନ ହୁଅନ୍ତି ସେଥିପାଇଁ ସରକାରଙ୍କ ସହ ଆଲୋଚନା କରି ଆନ୍ଦୋଳନକୁ ସ୍ଥଗିତ ରଖାଗଲା । ସରକାର କହିଛନ୍ତି ଯେ ଦାବି ଉପରେ ତର୍ଜମା ଚାଲିଛି ।

## ନୂଆଖାଇ...

(ଶୁକ୍ରବାର) ଦିନଟିକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ପାଇଁ ଛୁଟି ଘୋଷଣା କରିଛନ୍ତି । ଏହା ପରିବର୍ତ୍ତେ ସେପ୍ଟେମ୍ବର ୧୩ ତାରିଖ, ଦ୍ୱିତୀୟ ଶନିବାରକୁ କାର୍ଯ୍ୟଦିବସ ଭାବେ ଘୋଷଣା କରାଯାଇଛି ।

## ବୈଷ୍ଣୋଦେବୀ...

ଯୋଗୁ ବନ୍ୟା ଆସିବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏପର୍ଯ୍ୟନ୍ତ ୯ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଶହ ଶହ ଘର କ୍ଷତିଗ୍ରସ୍ତ ହୋଇଛି ।

ଇନ୍ଦ୍ରପ୍ରସ୍ଥ ଭୋଜନାଳୟ ନିକଟରେ ଏହି ଅଘଟଣ ଘଟିଥିଲା । ଅପରାହ୍ନ ୩ଟା ସୁଦ୍ଧା ଏହି ଭୂସ୍ଖଳନ ହୋଇଥିଲା । ମାତା ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ଯିବାକୁ ଥିବା ୧୨କିମି ରାସ୍ତାର ଅଧା ବାଟରେ ଏହି ଭୂସ୍ଖଳନ ହୋଇଛି । ପୂର୍ବରୁ ହିମକୋଟି ଟ୍ରେକ୍ ରାସ୍ତାକୁ ବନ୍ଦ କରିଦିଆଯାଇଥିଲା । ଶ୍ରଦ୍ଧାଳୁମାନେ ପୁରୁଣା ରାସ୍ତାରେ ଅପରାହ୍ନ ୧.୩୦ ଯାଏ ଯାତାୟତ କରୁଥିଲେ । ଏବେ ଯାତ୍ରାଟିକୁ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି । ସେହିଭଳି ଡୋଡାରେ ବାଦଲଫଟା ବର୍ଷା ଯୋଗୁ ପୂର୍ବରୁ ୯ ଜଣଙ୍କର ମୃତ୍ୟୁ ଘଟିଥିଲା । ବାଦଲଫଟା ବର୍ଷା ଯୋଗୁ ଆକସ୍ମିକ ବନ୍ୟା ମାଡି ଆସିଥିଲା । ଫଳରେ ଏଭଳି ଘଟଣା ଘଟିଛି । ଅଧିକାଂଶ ସ୍ଥାନରେ ନେଟ୍‌ୱାର୍କ ଆସୁନାହିଁ । ଅନେକ କ୍ଷୟକ୍ଷତି ଘଟିଛି । ଉତ୍ତର ରେଳବାଇ ପକ୍ଷରୁ କଟରା, ଉଦମପୁର ଓ ଜମ୍ମୁ ରେଳ ଷ୍ଟେସନରୁ ୧୮ ଟ୍ରେନ୍‌କୁ ବାତିଲ କରିଦିଆଯାଇଛି । ପ୍ରାୟ ସମସ୍ତ ପ୍ରମୁଖ ନଦୀରେ ଜଳସ୍ତର ବିପଦସଙ୍କେତ ନିକଟତର ହୋଇଛି । ତଳିଆ ଅଞ୍ଚଳର ରାସ୍ତା ବୁଡି ଯାଇଛି । କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି ଯେ ଲୋକମାନେ ପାର୍ବତ୍ୟ ଅଞ୍ଚଳ ଓ ଜଳାଶ୍ରୟ ଠାରୁ ଦୂରରେ ରୁହନ୍ତୁ । ପହଲଗାମ୍‌ର ବେତାବ ଭାଲିରେ ମଧ୍ୟ ୫.୬ ଫୁଟର ଜଳ ମାଡି ଆସିଥିଲା । ସେହିଭଳି ସେସ୍ନାକ ନଲ୍ହାରେ ଜଳସ୍ତର ୬.୨ ଫୁଟରେ ପହଞ୍ଚିଛି । ସରକାରୀ ଭାବେ ଝେଲୁମ୍ ନଦୀର ଜଳସ୍ତର ବଢୁଥିବା ନେଇ ସତର୍କ କରାଇ ଦିଆଯାଇଛି । ମଙ୍ଗଳବାର ସନ୍ଧ୍ୟାରୁ ଲଗାତର ବର୍ଷା ଲାଗି ରହିଛି । ଏହି ଅବସରରେ ଜମ୍ମୁ ଓ ଶ୍ରୀନଗରର ୨୫୦ କିମି ରାଜପଥରେ ପ୍ରତିଶେଧମୂଳକ ବ୍ୟବସ୍ଥା ମୂଳକ ଯାତାୟତକୁ ବନ୍ଦ କରିଦିଆଯାଇଛି । ଭୂସ୍ଖଳନ ପରେ ପଥର ଖଣ୍ଡ ଆଦି ରମ୍‌ବାନ୍ ଜିଲ୍ଲାରେ ଦେଖିବାକୁ ମିଳୁଛି ।


**PARADIP PORT AUTHORITY**
**e-TENDER CALL NOTICE**
**No. EM/PED-22/2025**
No.EM/PED/TECH-03/2025/689 Date: 19/08/2025
Name of the work: Management of Power Distribution System of Paradip Port Authority. Estimated Cost: **Rs.15,33,15,228/-** only excluding GST. Last date & time of submission of bid: **dt.24/09/2025 up to 18:00 Hrs.** Refer our website for details https://eprocure.gov.in/eprocure/app.
Sd/- Executive Engineer (E), PED-II
Paradip Port Authority
PPA/PR/33/2025-26 dtd.25.08.2025

**AFFIDAVIT**
I, Gouranga Charan Mallik, resident of At/Po-Fakirpada, Ps-Cuttack Sadar, Dist-Cuttack, Pin-754100 Odisha declare by this affidavit No-7403, dated-28.05.2025 that now onwards I shall be known as **GOURANGA CHARAN MALLICK** for all future purposes.

**AFFIDAVIT**
By virtue of an affidavit sworn before Executive Eagistrate, Bhubaneswar, Affidavit No- 40, on Dtd. 25.08.2025. I, Puspanjali Rout, W/o- Suranjan Rout, Resident of At- Banamalipur, Po-Durdura, Ps- Nayagarh, Dist-Nayagarh, Pin-752094, Odisha Declare that I have changed my son's name from **Sreash Rout** to **Shreyansh Rout**. Henceforth, He shall be known as **Shreyansh Rout** for all purposes.
Sd/- Puspanjali Rout

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, dated 25.08.2025 I, Alpana Manjari Sundhi, Resident of At/Po- Godapalasa, Ps- Jashipur, Dist- Mayurbhanja, Odisha, Pin -757091. declare that I have changed my name from **Alpana Manjari Baipai** to **Alpana Manjari Sundhi**. Henceforth, She shall be known as **Alpana Manjari Sundhi** for all purposes.
Sd/- Alpana Manjari Sundhi

**AFFIDAVIT**
By virtue of an affidavit sworn before Notary Public, Sambalpur dated 22nd August 2025, I, **Awadhesh Prasad**, R/o: SDO Colony, P.O: Hirakud, Dist.: Sambalpur (Odisha) PIN-768016, declare that I have changed my name from **Abdesh Prasad Singh** to **Awadhesh Prasad**. Henceforth, I Shall be known as **Awadhesh Prasad** for all purpose.
Awadhesh Prasad

**BRAHMAPUR MUNICIPAL CORPORATION**
C-961
No. 12503 Date : 25.08.25
**REQUEST FOR PROPOSAL**
Sealed RFP are invited to be reached from Professional agencies for **"Operation and Management of Goshala at Gosaninuagon and Hugulapata" under Brahmapur Municipal Corporation.** The detailed terms & conditions are available on our office website **www.berhampur.gov.in**. The last date of receipt of RFP in this office by 10.09.2025 by 05:00 PM and will be opened on 11.09.2025 at 11:00 AM in the office of undersigned.
The Authority reserves the right to accept or reject any RFP without assigning any reason thereof.
Sd/- Commissioner
OIPR : 13035/11/0060/2526 Brahmapur Municipal Corporation

**AFFIDAVIT**
I, Srikanta Behera, S/O-Shabar Behera, At/P.O.-Kiapada, Via-Brahmangan, P.S.- Basudevpur, Dist. Bhadrak, Pin-756165 declare by this Affidavit before the Executive Magistrate Basudevpur Bearing no-5925 dated. 30.7.2025 that onwards I shall be known as Sukanta Behera for all future purposes.

**CUTTACK MUNICIPAL CORPORATION**
C-970
**"e" PROCUREMENT NOTICE**
**Tender ID : 2025_ORULB_117311**
**Bid Reference N. MC(CMC)CTC_Div-I, No7/2025-26**
**Tender Call Notice No. 10232 (PW) Date. 26.08.2025**

| | | |
|---|---|---|
| Name of Works | : | Civil Works |
| No of Works | : | 12 Nos. |
| Bid Value | : | Rs. 3.52 Lakh to Rs. 29.68 Lakh |
| Period of Completion | : | One Calendar Months to Three Calendar Months. |
| Date and Time schedule | : | |

| Start | End | Opening |
|---|---|---|
| 3.00 PM on dt. 28.08.2025 | 5.00 PM on dt. 09.09.2025 | 11.00 A.M. on dt. 12.09.2025 |

Tender Details : can be seen in the procurement portal : **www.tendersorissa.gov.in**
Sd/- Executive Engineer, City Div-I
OIPR : 13031/11/0204/2526

**ZILLA PARISHAD, BOUDH**
**ADVERTISEMENT**
CAD-1610
**No. 2319 Date 22.08.2025**
Sealed tenders are invited from reputed Manpower Agencies/ Service Providers to provide 23 nos. (18 nos. for Blocks & 5 nos. for Zilla Parishad) for handling MGNREGS and RH related works for a period of one year on contract basis. The engaged of Manpower Agencies/Service Provider Firm shall be made through two Bid systems i.e. Technical & Financial Bid separately. The Technically qualified Manpower Agencies / Service Providers Firms can only participate in the Financial Bid.
For details please visit our website in www.boudh.odisha.gov.in.
1. Last date of receipt of Sealed Bid is on 15.09.2025 up to 5.00 PM through Registered/ Speed Post only.
2. Opening of Bid papers is on dated 16.09.2025 at 12.30 PM
Sd/- Chief Development Officer-cum-EO,
OIPR : 19234/11/0006/2526 Zilla Parishad, Boudh

Government of Odisha
Department of Women & Child Development
Lokaseva Bhawan, Sachivalaya Marg,
Bhubaneswar, PIN: 751001
g-
**NOTICE**
No. WCD-CW-MISC-0050-2017- 21785/WCD, Date 26.08.2025
SUB: APPLICATION FOR SELECTION AS CHAIRPERSON AND MEMBER OF THE CHILD WELFARE COMMITTEE
In pursuance of the provisions contained under section 27 of the Juvenile Justice (Care and Protection of Children) Act, 2015 along with section 9 of the Juvenile Justice (Care and Protection of Children) Amendment Act, 2021 read with Rules 22 and 105 of Odisha Juvenile Justice (Care and Protection of Children) Rules, 2018, applications in the prescribed format are hereby invited from eligible and intending applicants for the positions of Chairperson/Members of the Child Welfare Committee (in short "CWC") in respect of 3 CWCs of 3 districts i.e. Jajpur, Puri and Nabarangpur. The details of eligibility criteria, other conditions and format for application are available in the website of this Department, https://wcd.odisha.gov.in which may be accessed /downloaded.
Applications in the format prescribed along with self-attested copies of relevant certificates/ documents etc. kept in a sealed cover superscribed with the words Application for Selection as Chairperson/Member of the Child Welfare Committee" may be sent by Speed Post. / Registered Post so as to reach the office of the District Child Protection Unit [DCPU] of the District concerned during the office hours on any working day on or before 5 PM of 9th September, 2025.
Director, ICDS & SW-cum-Member Secretary,
OIPR : 33001/11/0108/2526 State Level Selection Committee

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DMD, SUBARNAPUR .
E-347
(DISTRICT TUBERCULOSIS CENTRE,SLBARNAPUR WING)
Advt. No. 425 / NTEP/2025 Dated 26.08.25
**Expression of Interest for Empanelment of X-Ray Services**
Sealed proposals are invited from interested eligible agencies/vendors for empanelment to provide X-Ray services for Intensified TB Elimination Campaign in Subarnapur District. The eligible criteria, the detail requirement and the formats for submission of proposals are set forth in the following RFP document which can be downloaded from the website: **www.subarnapur.odisha.gov.in**
Interested agency fulfilling the eligibility criteria may submit their proposal (s) separately as per application format. The details of proposal (s) completed in all respect & super scribed with "Expression of interest for empanelment to provide X-Ray services for Intensified TB Elimination Campaign in Subarnapur District". The agencies have to submit their proposals to the office of the CDM & PHO, Subarnapur which should reach on or before 10.09.2025 till 05.00 P.M. through Speed post / Regd. Post only. Incomplete application in any form is liable for rejection. The undersigned reserves the right to reject any or all the proposals without assigning any reason thereof.
OIPR : 10118/11/0011/2526 Sd/- CDM & PHO-Cum-DMD, Subarnapur

Government of Odisha
Department of Social Security & Empowerment of Persons with Disabilities
No. 9757/SSEPD, Dated : 26.08.2025
SSEPD-OE-MISC-0007-2024
gg-
**Tender Notice**
E-Tender for Selection of Outsourcing Manpower Service Provider Agency for engagement of Outsourcing Personnel for undertaking various Technical and Administrative Assignments as per the following schedule. The detailed scope of work is annexed at Exhibit-A.

| Sl. No. | Items | Date & Time |
|---|---|---|
| (a) | Bid Submission Start Date | 26.08.2025 |
| (b) | Last date of receipt of Bids | 10.09.2025 upto 5.00 PM (Through e-procurement portal:https://tendersorissa.gov.in) |
| (c) | Opening of Technical Bid | 11.09.2025 at 11.00 AM |
| (d) | Technical Presentation | Will be communicated through Email Website Notice |
| (e) | Opening of Financial Bid | Will be communicated through Email Website Notice |

The interested vendor can participate in the project as per the scope of work mentioned in the tender. The bidder has to give the Earnest Money Deposit (EMD) of **Rs.2,63,088/-(Rupees Two Lakh Sixty Three Thousand Eighty Eight) only** (online) i.e. 2% of Contract Value (online) as per the instruction available in the e-procurement portal (www.tendersodisha.gov.in) at the time of bidding. The registered MSME bidderare exempted from EMD as per FDOM No.21926,
OIPR : 46001/11/0063/2526 Sd/- Under Secretary to Government

Office of the Chief District Medical & Public Health Officer, Khordha
(Department of Health & FW, Govt, of Odisha)
Advertisement No : 13261/DPMUKHD Date : 22.8.25
E-352
**ADVERTISEMENT/NOTICE**
Applications are invited from the contractual employees of National Health Mission (NHM), already engaged and continuing in the following posts under OSH & FW Society in other districts of Odisha and are desiring to be posted in Khordha district against the vacancies as mentioned below.

| Sl. No. | Name of the Post | Vacancy |
|---|---|---|
| 1 | Counselor (NTCP-1, NRC-1) | 2 |
| 2 | Dental Technician (DEIC) | 1 |
| 3 | Senior Tuberculosis Laboratory Supervisor (STLS) | 1 |
| 4 | Urban Data Manager | 1 |
| 5 | Data Assistant-cum-Accountant (DAA) | 1 |

Interested in-house candidates of NHM only are requested to attend the Walk-In-Interview with the prescribed Application format along with the NOC and experience certificate issued by the concerned CDM & PHO and all certificates & Mark Sheets in support of age, qualification & experience etc. They should bring all original documents/ certificates/ Mark Sheets for verification. Selection shell be made on the highest length of incumbency in the same post under the OSH&FW Society. The application format, general information and instruction & other details can be obtained from the district website https://khordha.odisha.gov.in and the candidate should attend the Walk-In-Interview at the DTU, Office of the Chief District Medical & Public Health Officer, Khordha on dated 17-09-2025. The candidates are requested to register their names from 10.00 AM to 12.00 Noon, failing which their candidature shall not be considered Vacancies shown above are provisional and may change during the time of posting. Incomplete application in any form is liable for rejection. The undersigned reserves the right to accept / reject any/ all application and modify / cancel the advertisement without assigning any reason thereof. Status of the selection process will be web hoisted in the District website and no personal query will be entertained. No TA/ DA shall be admissible for attending the said Walk-In-Interview.
OIPR : 10029/11/0014/2526 Sd/- CDM&PHO, Khordha



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଇପ୍‌ସିତା ବିଜୁ ଛାତ୍ର ଜନତା ଦଳର ସଭାପତି, ଚିନ୍ମୟ ବିଜୁ ଯୁବ ଜନତା ସଭାପତି

ଭୁବନେଶ୍ୱର, (ସବ୍ୟୁ) : ବିଜୁ ଜନତା ଦଳର ଛାମୁଆ ସଂଗଠନ କ୍ଷେତ୍ରରେ ନୂଆ ନିଯୁକ୍ତି ଦିଆଯାଇଛି। ଇପ୍‌ସିତା ସାହୁଙ୍କୁ ବିଜୁ ଛାତ୍ର ଜନତା ଦଳର ସଭାପତି ଓ ଚିନ୍ମୟ ସାହୁଙ୍କୁ ବିଜୁ ଯୁବ ଜନତାର ସଭାପତି ଭାବେ ଦଳର ସଭାପତି ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ନିଯୁକ୍ତି ପରେ ଉଭୟ ଚିନ୍ମୟ ଓ ଇପ୍‌ସିତା ନବୀନଙ୍କୁ ଭେଟି ତାଙ୍କ ଆଶୀର୍ବାଦ ଲୋଡିଛନ୍ତି। ଏହାଛଡା ଛାତ୍ର ବ୍ୟାପାର କମିଟି ଲାଗି ବରିଷ୍ଠ ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ



ଦେବୀ ରଞ୍ଜନ ତ୍ରିପାଠୀ, ସୁଭାଶିଷ ଖୁଣ୍ଟିଆ ଓ ସୌଭିକ୍ ବିଶ୍ୱାଳଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ଯୁବ ବ୍ୟାପାର କମିଟି ଲାଗି ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ, ରାଜେନ୍ଦ୍ର କୁମାର ସାହୁ, ଅମରେସ ପତ୍ରି ଓ ସଞ୍ଜୀବ ମହାନ୍ତିଙ୍କୁ ଦାୟିତ୍ୱ ମିଳିଛି।

## ରମାଦେବୀ ବିଶ୍ୱବିଦ୍ୟାଳୟରେ

# 'ଶକ୍ତିର ମହିଳା: ଦୁଇ ସଭ୍ୟତାର ଏକା କାହାଣୀ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର: (ସବ୍ୟୁ) : ମହିଳା ସଶକ୍ତିକରଣ ଏକ ସ୍ୱପ୍ନ ନୁହେଁ, ଜୀବନ୍ତ ବାସ୍ତବତା ହେବା ଉଚିତ । ସଭ୍ୟତାର ଆରମ୍ଭରୁ ଆଜି ଯାଏ ମହିଳାମାନେ ପ୍ରଗତିରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ମହିଳାଙ୍କ ବିକାଶରେ ହିଁ ସମାଜର ବିକାଶ ହେବ। ସୋମବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'ଶକ୍ତିର ମହିଳା: ଦୁଇ ସଭ୍ୟତାର ଏକା କାହାଣୀ' ପୁସ୍ତକର ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏପରି କହିଛନ୍ତି। ବିଶ୍ୱ ବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ସମ୍ମାନିତ ଅତିଥି ଭାରତରେ ଅବସ୍ଥାପିତ ଗ୍ରୀସ୍ ରାଷ୍ଟ୍ରଦୂତ ଆଲିକି କୁଚମିତପୁଲୁ କହିଲେ, ଏହି ପୁସ୍ତକ ଦୁଇଟି ସଂସ୍କୃତି ମଧ୍ୟରେ ଏକ ସୁସ୍ପଷ୍ଟ ଆଲୋଚନାକୁ ଦର୍ଶାଉଛି।

ଏହା ମହିଳାଙ୍କ ଆତ୍ମସମ୍ମାନକୁ ସୂଚାଉଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ, କୁଳସଚିବ ମନଟିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁସ୍ତକକୁ ବିଶ୍ୱବିଦ୍ୟାଳୟର ରମାଦେବୀ ଚେୟାର ପ୍ରଫେସର ସୁଚେତା ପ୍ରିୟବାଦିନୀ ଓ ଆଦିତ୍ୟ ବିର୍ଲା ଗ୍ରୁପର ହିଣ୍ଡାଲକୋର ଉପାଧ୍ୟକ୍ଷ ଡ. ଲୋପାମୁଦ୍ରା ପ୍ରିୟଦର୍ଶିନୀ ମିଳିତ ଭାବେ ଲେଖିଛନ୍ତି। ପୌରାଣିକ କାହାଣୀଠୁ ଆଧୁନିକ ଯୁଗ ଯାଏ ପରିବର୍ତ୍ତନ ଆଣିବାରେ ମହିଳାଙ୍କ ଶକ୍ତି, ତ୍ୟାଗ ଓ ନେତୃତ୍ୱକୁ ଏହି ପୁସ୍ତକରେ ସ୍ଥାନ ଦିଆଯାଇଛି। କାର୍ଯ୍ୟକ୍ରମରେ ପ୍ରଫେସର ସୁଚେତା ପ୍ରିୟବାଦିନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ.ଲୋପାମୁଦ୍ରା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ । ବିଶ୍ୱବିଦ୍ୟାଳୟର ଏମ୍‌ଆରଡିସିର ଗବେଷଣା ସହାୟକ ଯଜ୍ଞସେନୀ ସଂଚାଳନା କରିଥିଲେ ।

# ଘଟଗାଁ ମା ତାରିଣୀ ପୀଠ ସମନ୍ୱିତ ବିକାଶ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ମା'ଙ୍କ ମନ୍ଦିରକୁ ତିନିପଟୁ ତିନୋଟି ରାସ୍ତା ସଂଯୋଗ କରାଯିବ

ଭୁବନେଶ୍ୱର, (ସବ୍ୟୁ): ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଘଟଗାଁ ମା ତାରିଣୀଙ୍କ ପୀଠର ସମନ୍ୱିତ ବିକାଶ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଘଟଗାଁ ମା ତାରିଣୀ ମନ୍ଦିର ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି । ଏଥିପାଇଁ ୨୧୫ କୋଟି ଟଙ୍କା ବିନିଯୋଗ କରାଯିବ । ଏହି ବୈଠକରେ ମନ୍ଦିରର ଚତୁଃପାର୍ଶ୍ୱ ଅଞ୍ଚଳର ବିକାଶ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତାମତ ନିଆଯାଇଥିଲା । ଭକ୍ତ, ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ସୂଚନାଯୋଗ୍ୟ ଯେ, ମନ୍ଦିର ଚତୁଃପାର୍ଶ୍ୱର ଉନ୍ନତି ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ମତାମତ ନେବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।



ଆଲୋଚନାରୁ ଜଣାପଡ଼ିଛି ଯେ, ମା'ଙ୍କ ମନ୍ଦିରକୁ ହରିଚନ୍ଦନପୁର ପଟୁ, କେନ୍ଦୁଝର ପଟୁ ଏବଂ ପାଣିକୋଇଲି ପଟୁ ତିନୋଟି ରାସ୍ତାର ବିକାଶ କରାଯିବ । ଏହି ତିନୋଟି ରାସ୍ତାରେ ପାର୍କିଂ, ଭୋଗ ଦୋକାନ ଏବଂ ଅନ୍ୟାନ୍ୟ ଯାତ୍ରୀ ସୁବିଧା ମଧ୍ୟ ଉପଲବ୍ଧ କରାଯିବ । ସମସ୍ତ ରାସ୍ତାରେ ସୁଦୃଶ୍ୟ ତୋରଣ ନିର୍ମାଣ କରାଯିବ । ମନ୍ଦିର ନିକଟରେ ଏକ ବଡ଼ ଯଜ୍ଞମଣ୍ଡପ ତଥା କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ । ମା'ଙ୍କ ମହିମା ଓ ମା'ଙ୍କ ପୀଠ ସ୍ଥାପନର କିମ୍ବଦନ୍ତୀକୁ ପ୍ରଦର୍ଶିତ କରିବା ପାଇଁ କୋଣାର୍କ ଢାଞ୍ଚାରେ ଏକ ବଡ଼ ବ୍ୟାଖ୍ୟାନ କେନ୍ଦ୍ର (Interpretation Centre) ନିର୍ମାଣ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି । ଏଥିସହିତ ମନ୍ଦିର ନିକଟରେ ପ୍ରସ୍ତାବିତ ଯାତ୍ରୀନିବାସର ଭବିଷ୍ୟତ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା । ମନ୍ଦିର ନିକଟରେ ସୁବ୍ୟବସ୍ଥିତ ଭୋଗ ଏବଂ ଅନ୍ୟାନ୍ୟ ଦୋକାନ ନିର୍ମାଣ ସହିତ ଘଟଗାଁରେ ଥିବା ସରକାରୀ ଡାକବଙ୍ଗଳାର ଉନ୍ନତିକରଣ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଆଜି ବୈଠକରେ ସ୍ଥାନୀୟ ବୁଦ୍ଧିଜୀବୀ ଦେଇଥିବା ମତାମତ ଓ ପରାମର୍ଶ ଅନୁଯାୟୀ ପ୍ଲାନରେ ସଂଶୋଧନ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ, ଏଣ୍ଡାଓମେଣ୍ଟ କମିଶନର, ଓବିସିସିର ସର୍ବୋଚ୍ଚ ଯନ୍ତ୍ରୀ ତଥା ପରିଚାଳନା ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ଏବଂ ଘଟଗାଁ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।

## ଜେନେରାଲି କେନ୍ଦ୍ରୀୟ ବୀମା ଦ୍ୱାରା ସ୍ୱାସ୍ଥ୍ୟ ଏକ୍ସଟ୍ରା ବୀମା ଦିଗରେ ବିଶାଳ ପଦକ୍ଷେପ

ଭୁବନେଶ୍ୱର, (ସବ୍ୟୁ) : ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ୍ ପକ୍ଷରୁ ହେଲ୍ଥ ଏକ୍ସଟ୍ରା ନାମକ ଏକ ନୂଆ ଅଫରର ଶୁଭାରମ୍ଭ କରାଯାଇଛି । ଏକ ବିସ୍ତୃତ ସ୍ୱାସ୍ଥ୍ୟ ବୀମା ଯୋଜନା, ହେଲଥ ଏକ୍ସଟ୍ରାରେ ଡାକ୍ତରଖାନାରେ ଭର୍ତି ହେବା ପୂର୍ବରୁ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତି ହେବା ପୂର୍ବରୁ ଖର୍ଚ୍ଚ, ସଡ଼କ ଆମ୍ବୁଲାନ୍ସ ଖର୍ଚ୍ଚ, ଆଧୁନିକ ଚିକିତ୍ସା, ଆୟୁଷ ଚିକିତ୍ସା ଏବଂ ଓପିଡି ସୁବିଧା ସହିତ ଅତିରିକ୍ତ ଅନ୍ୟାନ୍ୟ ମୂଲ୍ୟ ଯୁକ୍ତ ସେବା ଏବଂ ସୁସ୍ଥତା ଯତ୍ନ ଅନ୍ତର୍ଭୁକ୍ତ ହେବ । ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ବିତରଣ ଅଧିକାରୀ ରମିତ୍ ଗୋୟଲ ହେଲ୍ଥ ଏକ୍ସଟ୍ରାର ଶୁଭାରମ୍ଭ ଅବସରରେ କହିଛନ୍ତି ଯେ "ବର୍ତ୍ତମାନର ଆକଳନରୁ ଜଣାପଡୁଛି ଯେ ଭାରତର ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା କୌଣସି ପ୍ରକାରର ସ୍ୱାସ୍ଥ୍ୟ ବୀମାରୁ ବଂଚିତ ଅଛନ୍ତି ।

# ହାଇଟେକ୍ ହସ୍ପିଟାଲ୍ ସୃଷ୍ଟି କଲା ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ

ଭୁବନେଶ୍ୱର (ସବ୍ୟୁ): ବଲାଙ୍ଗିରର ଅରୁଣ କୁମାର ସାହୁ (ବୟସ-୭୬) ଅତି ଜରୁରୀ ସ୍ୱାସ୍ଥ୍ୟ ଅବସ୍ଥାରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଆସି ପହଁଞ୍ଚିଥିଲେ। ବିଶିଷ୍ଟ ହୃଦ୍‌ବକ୍ଷ ଶଲ୍ୟ ଚିକିତ୍ସକ ଡକ୍ଟର ପି.କେ ଦାଶଙ୍କ ତତ୍ୱାବଧାନରେ ଚିକିତ୍ସା ଆରମ୍ଭ ହୋଇଥିଲାବେଳେ ତାଙ୍କ ହାର୍ଟରେ ଥିବା ୪ଟି ଭଲ୍‌ଭ୍‌ରୁ ଗୋଟିଏ ଭଲ୍‌ଭ୍ ସଂପୂର୍ଣ୍ଣ ରୂପେ ନଷ୍ଟ ହୋଇ ସାରିଥିଲା। ଯେଉଁଥିପାଇଁ ତାଙ୍କର ମସ୍ତିଷ୍କକୁ ରକ୍ତ ପ୍ରବାହ ହେଉନଥିବାରୁ ମୁଣ୍ଡ ଅତିଶୟ ଭାବରେ ବୁଲାଇ କଚାଡି ହୋଇ ପଡି ଯାଉଥିଲେ। ଏହି ଅବସ୍ଥାରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରୀ ଦଳମାନେ ତାଙ୍କ ସହିତ କଥାବାର୍ତ୍ତା ପରେ ତାଙ୍କୁ ପଚରାଗଲା ଯେ ଆମେ ଆପଣଙ୍କର ଓପନ୍ ହାର୍ଟ ସର୍ଜରୀ କରିପାରିବୁ ଏବଂ ବିନା ଅପରେସନ୍‌ରେ ବି ହୋଇପାରିବ କିନ୍ତୁ ସେ ଅପରେସନ୍ କରିବା ପାଇଁ ଯେତେବେଳେ ଡରିଲେ ସେତେବେଳେ ସୁଦକ୍ଷ ଚିକିତ୍ସାବିତ୍ ଡକ୍ଟର ପି.କେ ଦାଶଙ୍କ ତତ୍ୱାବଧାନରେ କାର୍ଡିଆକ୍ ଆନାସ୍ଥେଟିଷ୍ଟ ଡ. ସତ୍ୟ ସ୍ୱରୂପ ପଟ୍ଟନାୟକ, ସିଟିଭିଏସ୍ ଡ. ସ୍ମୃତି ରଞ୍ଜନ ସାହୁ, ଡ. ଶିବ ଶଙ୍କର କର, ଡ. ସୁମିତ, ଡ. ଜ୍ଞାନ ରଞ୍ଜନ ନାୟକ, ଡ. ସିଦ୍ଧାର୍ଥ ଶ୍ରୀତମ ପଟ୍ଟନାୟକ, ଡ. ଦୀପକ ନାରାୟଣ ଲେଙ୍କା ଦୀର୍ଘ ଘଣ୍ଟା କାଳ ତାଙ୍କର ଭଲ୍‌ଭ୍‌କୁ ପୁନଃସ୍ଥାପନ




କରି ତାଙ୍କ ମସ୍ତିଷ୍କକୁ ରକ୍ତ ପ୍ରବାହ ସଠିକ୍ ରୂପେ ଚାଲିଥିବାବେଳେ ଏବେ ରୋଗୀଜଣଙ୍କ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏଥିପାଇଁ ରୋଗୀ ଅରୁଣ କୁମାର ସାହୁଙ୍କର ସମସ୍ତ ପରିବାର ସଦସ୍ୟ ଡାକ୍ତରଙ୍କୁ ଶତକୋଟି ପ୍ରଣାମ ଜଣାଇଛନ୍ତି। ଏହି ଅବସରରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ମ୍ୟାନେଜିଂ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ ସମସ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇବା ସହ ଓଡିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଉ ଏକ ବୈପ୍ଳବିକ ପରିବର୍ତ୍ତନ ବା ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେଲା ବୋଲି କହିଛନ୍ତି। ସମସ୍ତ ଡାକ୍ତରଙ୍କର ତୁରନ୍ତ ଓ ଅନବରତ ଚିକିତ୍ସା ସେବା ରୋଗୀଙ୍କୁ ଏକ ନୂଆ ଜୀବନ ଦେଇଥିବାରୁ ସମସ୍ତଙ୍କୁ ମହାପ୍ରଭୁ କଲ୍ୟାଣ କରନ୍ତୁ ବୋଲି ଜଣାଇଛନ୍ତି।

## କଂଗ୍ରେସର ଦାବି

# ଜାତି ପ୍ରମାଣପତ୍ର କେଳେଙ୍କାରୀରେ ଇସ୍ତଫା ଦିଅନ୍ତୁ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): କଂଗ୍ରେସ ଭବନ ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଜାତିଗତ ତଥ୍ୟ ଜାଲିଆତିକୁ ନେଇ ପିସିସି ମିଡ଼ିଆ ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳ ପକ୍ଷରୁ ମନ୍ତ୍ରୀଙ୍କ ଜାଲିଆତି ଉଜାଗର କରାଯାଇଛି। ବରିଷ୍ଠ ନେତା ଶିବାନନ୍ଦ ରାୟ, ପିସିସି ମୁଖପାତ୍ର ଅଭିଷେକ୍ ମହାନନ୍ଦ, ମୁଖପାତ୍ର ନିଶିକାନ୍ତ ମିଶ୍ର ଏବଂ ବିଭୁତି ମହାପାତ୍ର ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଜାଲିଆତିର ବିଭିନ୍ନ ତଥ୍ୟପ୍ରମାଣ ଉପସ୍ଥାପନ କରିଥିଲେ। ମୁଖପାତ୍ର ଅଭିଷେକ୍ ମହାନନ୍ଦ କହିଥିଲେ, ମନ୍ତ୍ରୀ ମୁକେଶ ମହାଲିଙ୍ଗ ପୂର୍ବରୁ ଜାଲ ଜାତି ପ୍ରମାଣପତ୍ର ଦେଇ ପାଠ ପଢିବା ସହ ସରକାରୀ ଚାକିରି କରିବା ଆଦି ଅନ୍ୟାନ୍ୟ ସରକାରୀ ସୁବିଧା ହାସଲ କରିଥିଲେ। ମନ୍ତ୍ରୀଙ୍କ ଏହି ଜାଲିଆତିକୁ ନେଇ ଅନେକ ଦିନ ତଳୁ ପାଟଣାଗଡ଼ର ଡିଙ୍ଗର କୁମ୍ଭାର ନାମକ ଜଣେ ଆଇନଜୀବି ତଥା ସମାଜସେବୀ



କୋର୍ଟଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀଙ୍କ ଏହି କାରସାଦି ଧରା ପଡିବା ପରେ ସାରା ରାଜ୍ୟରେ ଆନ୍ଦୋଳନ କରାଯାଇଥିଲା ଓ ନିଜେ କଂଗ୍ରେସ ନେତା ଅଭିଷେକ ମହାନନ୍ଦ କିଛି ଦିନ ତଳେ ପ୍ରେସ କନଫରେନସ କରି ମନ୍ତ୍ରୀଙ୍କ ଜାଲିଆତିର ପର୍ଦ୍ଦାଫାଶ କରିଥିଲେ ବୋଲି ନିଜେ ଅଭିଷେକ କହିଛନ୍ତି।

ଶ୍ରୀ ମହାନନ୍ଦ କହିଛନ୍ତି, ବାରମ୍ବାର ଅଭିଯୋଗ ହେଲେ ସୁଦ୍ଧା ଭାଜପା ସରକାର ,ମନ୍ତ୍ରୀଙ୍କ ଜାଲିଆତି ଉପରେ କାର୍ଯ୍ୟାନୁଷ୍ଠାନ ନ ନେବାରୁ ପୁର୍ନବାର ସମାଜସେବୀ ଡିଙ୍ଗର କୁମ୍ଭାର ପଦମପୁର ଥାନାରେ ମନ୍ତ୍ରୀଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଥାନା ଆଇଆଇସି କେଶ୍ ଟିକୁ ରୁଜୁ କରିନଥିଲେ। ପରେ ଏନେଇ ଏକ ମାମଲା ହାଇକୋର୍ଟରେ ଅଭିଯୋଗ କାରି ଆବେଦନ କରିବା ପରେ ହାଇକୋର୍ଟ ପଦମପୁର ଏସଡିଜେଏମ୍ କୋର୍ଟକୁ ମାମଲାର ବିଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପଦମପୁର ଏସଡିଜେଏମ୍ କୋର୍ଟ ମନ୍ତ୍ରୀଙ୍କ ବିରୁଦ୍ଧରେ ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ପାଇଲା ପରେ ମଧ୍ୟ ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ୍। ମନ୍ତ୍ରୀଙ୍କ ଜାଲିଆତିର ଯଥେଷ୍ଟ ପ୍ରମାଣ ଥିଲେ ସୁଦ୍ଧା ପୋଲିସ କାହିଁକି ଏତଲା ରୁଜୁ କରୁନାହିଁ? କୋର୍ଟ କହୁଛି ଏଫଆଇଆର ରୁଜୁ କର ଆଉ ଏପଟେ ପୋଲିସ ନୀରବ। ଏସଡିଜେଏମ୍ କୋର୍ଟଙ୍କ ଆଦେଶକୁ କେଉଁ ସାହସରେ ପୋଲିସ ଅବମାନନା କରୁଛି ? କାହା ଚାପରେ ରହୁଛି ପୋଲିସ ? ଏଠି ମନ୍ତ୍ରୀ ମୁକେଶଙ୍କ ପ୍ରଭାବ କାମ କରୁଛି କି ? ଗୋଟିଏ ପଟେ କେନ୍ଦ୍ର ସରକାର ଦାଗୀ ନେତାଙ୍କ ପାଇଁ ଆଇନ ଆଣୁଛନ୍ତି ।

ଜାଲିଆତି ଧରାପଡିଲେ ଏପରିକି ପ୍ରଧାନମନ୍ତ୍ରୀ କି ମୁଖ୍ୟମନ୍ତ୍ରୀ ବି ଏଥିରୁ ବାଦ୍ ପଡିବେନି ବୋଲି କହୁଥିବା ବେଳେ ମନ୍ତ୍ରୀ ମୁକେଶଙ୍କ ବେଳେ ସରକାର ଚୁପ୍ କାହିଁକି ବୋଲି କଂଗ୍ରେସ ନେତା ଅଭିଶଷକ୍ କହିଛନ୍ତି । କୋର୍ଟଙ୍କ ଆଦେଶ ଅନୁଯାୟୀ ମନ୍ତ୍ରୀଙ୍କ ବିରୁଦ୍ଧରେ ତୁରନ୍ତ ଏଫଆଇଆର ରୁଜୁ କରିବା ସହିତ ନ୍ୟାୟାଳୟଙ୍କ ନିରୀକ୍ଷଣରେ ନିରପେକ୍ଷ ତଦନ୍ତ ହେବା ସହିତ ତଦନ୍ତକୁ ପ୍ରଭାବମୁକ୍ତ କରିବା ପାଇଁ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ଆଜି କଂଗ୍ରେସ ମୁଖପାତ୍ର ଦାବୀ କରିଛନ୍ତି ।

## ଆଇସିଆଇସିଆଇ ବ୍ୟାଙ୍କର ୧.୨୭ କୋଟି ଋଣ ଠକେଇ, ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜାଲ୍ କାଗଜପତ୍ର ଦେଇ ୧.୩କୋଟି ଟଙ୍କା ଋଣ ନେଇ ନସୁଝିବାରୁ ତାହା ୧.୨୭କୋଟିରେ ପହଞ୍ଚିଥିଲେ ମଧ୍ୟ ପରିଶୋଧର ନାଁ ଧରିଲେନି ମୁଖ୍ୟଅଭିଯୁକ୍ତ ସୁବ୍ରତ କୁମାର ନାୟକ (୫୫) । ଆଞ୍ଚଳିକ ମୁଖ୍ୟ ସୁଶାନ୍ତ ନାୟକଙ୍କ ଏତଲା ଆଧାରରେ କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ ।ସୁବ୍ରତକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଅଭିଯୁକ୍ତର ଘର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ । ଅଭିଯୁକ୍ତ ସୁବ୍ରତ ତାଙ୍କ ମା'ରମାମଣି ନାୟକଙ୍କ ନାଁରେ ଜାଲ୍ କାଗଜପତ୍ର ଦେଇ ୨୦୧୭ ମସିହା ୩୦ ତାରିଖରେ ବମିଖାଲ ଆଇସିଆଇସିଆଇ ବ୍ୟାଙ୍କ ଶାଖାରୁ ଋଣ ନେଇଥିଲେ । ୩ଟି ପ୍ଲଟ୍ ବନ୍ଧା ଦେଇଥିଲେ, ଯାହା ରମାମଣିଙ୍କ ନାମରେ ଥିବା ଜଣାପଡ଼ିଥିଲା । ୨୦୧୬ ମସିହାରୁ ଅଭିଯୁକ୍ତ ସୁବ୍ରତର ମା' ମରିଯାଇଥିବା ବେଳେ ତାଙ୍କ ନାଁରେ ପୁଅ ଜାଲ୍ କାଗଜପତ୍ର କରି ଋଣ ନେଇଥିଲା । ଅଭିଯୁକ୍ତର ସ୍ତ୍ରୀ ମାଳବିକା ନାୟକକୁ ରମାମଣି ନାୟକ ଦର୍ଶାଇ ଋଣ ଉଠାଇ ନେଇଥିଲେ । ମୃତ ଲୋକଙ୍କ ନାଁରେ ଜାଲ କାଗଜପତ୍ର ଦେଇ ସୁବ୍ରତ ଋଣ ନେବାରେ କିପରି ସମର୍ଥ ହେଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବ୍ୟାଙ୍କ କର୍ମଚାରୀଙ୍କୁ ଲାଞ୍ଚ ଦେଇ ସୁବ୍ରତ ଏହି ଜାଲ୍ କାଗଜପତ୍ର ସହାୟତାରେ ସ୍ତ୍ରୀକୁ ମା' ଦର୍ଶାଇ ଋଣ ଉଠାଇବାରେ ସମର୍ଥ ହୋଇଥିଲା ।

# ବରଗଡ଼ କୃଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍ ରେ ନୂଆଖାଇ ହାଟ୍

ଭୁବନେଶ୍ୱର (ସବ୍ୟୁ): ବରଗଡ କୃଷ୍ଣା ବିକାଶ ଫାଷ୍ଟ କ୍ଷେପ୍ ରେ ନୂଆଖାଇ ହାଟ୍ ଅତି ଉଲ୍ଲାସର ସହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ବିଦ୍ୟାଳୟ ଉତ୍ସାହମୟ ହୋଇ ଉଠିଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କୃଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କୃଷ୍ଣା ରାମ ତୁଳସୀ ମେମ୍, ଡାଇରେକ୍ଟର ସମରେନ୍ଦ୍ର ପଣ୍ଡା, ଏକ୍ଜିକ୍ୟୁଟିଭ୍ ପ୍ରିନ୍‌ସିପାଲ ଶିଶିର ପ୍ରଶାଦ ରାଇଲ.ସି.ଏଚ୍.ଏସ୍. ପ୍ରିନ୍‌ସିପାଲ ନାରାୟଣ ରଥ, ସିନିୟର ସେକେଣ୍ଡେରିର ପ୍ରିନ୍‌ସିପାଲ ଚିତ୍ତରଞ୍ଜନ ପତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ପୁଷ୍ପଲତା ମହାପାତ୍ରଙ୍କ ତତ୍ତ୍ୱବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ନୂଆଖାଇ ଉପଲକ୍ଷେ ତିଆରି ଆଲବମ୍ ଉଦଘାଟିତ ହୋଇ ଥିଲା । ଦୀର୍ଘଦିନ ଧରି ପନିପରିବା ବିକ୍ରି କରି ସ୍ୱାଭଲମ୍ବି ଭାବେ ଜୀବିକା ଅର୍ଜନ କରିଥିବା



୨ଜଣ ବିୟସ୍କା ମହିଳା ତୁଳସି ଓ ମାଳତୀଙ୍କୁ ସମ୍ମାନୀତ କରାଯାଇଥିଲା । ବିଦ୍ୟାଳୟରେ ଦୀର୍ଘ ୨୨ ବର୍ଷ ଧରି ପାଠ୍ୟ ଦାନ ଦେଇଥିବା ଓଡ଼ିଆ ଶିକ୍ଷୟତ୍ରୀ ଶ୍ରୀମତୀ କଳ୍ପନା ଦାଶଙ୍କୁ ସମ୍ମାନୀତ କରାଯାଇଥିଲା । ନୃତ୍ୟ ପାଇଁ ସୁରଥ ସାର୍, ଆର୍ଟ ପାଇଁ ପ୍ରଭାତ ସାର୍, ଗୀତ ପାଇଁ ଶୈଳେନ୍ଦ୍ର ସାର୍ ଓ ମିନି ମେମ୍ ଙ୍କୁ ସମ୍ମାନୀତ କରାଗଲା । ଛାତ୍ରଛାତ୍ରୀମାନେ ଦୈନନ୍ଦିନ ଜୀବନରେ ଆବଶ୍ୟକ ବିଭିନ୍ନ ଜିନିଷ ତଥା କିରାନା ଠାରୁ କପଡା ସମସ୍ତ ସାମଗ୍ରୀ ବିକ୍ରି କରି ଥିଲେ । ବିଦ୍ୟାଳୟର ଛାତ୍ରୀ ଏଲିନା, ପ୍ରାପ୍ତି ଓ ଆୟୁଶ୍ରୀ ସଭା ସଂଯୋଜନା ତଥା ଶିକ୍ଷୟତ୍ରୀ ଶ୍ରୀମତୀ ଅର୍ଚ୍ଚନା ପାଣିଗ୍ରାହୀ ପରିଚାଳନା କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର

# ଫାଇଲେରିଆ ସଚେତନତା ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ଜିଲ୍ଲା ପ୍ରଶାସନ ସହିତ ମିଳିତ ଭାବରେ ଏକ ୧୦ ଦିନିଆ ଫାଇଲେରିଆ ସଚେତନତା ସ୍ୱାସ୍ଥ୍ୟ ଅଭିଯାନ ଆୟୋଜନ କରିଥିଲା, ଯାହା ଜିଲ୍ଲା ସାରା ପ୍ରାୟ ୨.୭ ଲକ୍ଷ ଲୋକଙ୍କ ପାଖରେ ପହଂଚିପରିଥିଲା। ଏହି କ୍ଷେତ୍ରରେ ଫାଇଲେରିଆର ମୁକାବିଲା ପାଇଁ ସମ୍ପ୍ରଦାୟର ଅଂଶଗ୍ରହଣ ଏବଂ ଜନସ୍ୱାସ୍ଥ୍ୟ ସଚେତନତାକୁ ଏକତ୍ରିତ କରିବାରେ କମ୍ପାନୀର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ଫାଇଲେରିଆ, ଏକ ଗମ୍ଭୀର ଭେକ୍ଟର-ବାହିତ ଉଷ୍ଣକଟିବନ୍ଧୀୟ ରୋଗ ଯାହା ବର୍ଷା ଋତୁରେ ଦ୍ରୁତ ଗତିରେ ବ୍ୟାପିଥାଏ, ତାହାର ପ୍ରତିରୋଧ ଏବଂ ଚିକିତ୍ସା ଉପରେ ସଚେତନତା ବୃଦ୍ଧି କରିବା। ଜିଲ୍ଲାର ପ୍ରମୁଖ ସ୍ଥାନରେ ସଚେତନତା ଶିବିର ଏବଂ ଫାଇଲେରିଆ ଉପରେ ଶିକ୍ଷାଗତ ସୂଚନା ପ୍ରସାରଣ କରୁଥିବା ଏକ



ସଚେତନତା ରଥନିୟୋଜନ ସହିତ ବିଭିନ୍ନ ପ୍ରକାରର କାର୍ଯ୍ୟକଳାପ କରାଯାଇଥିଲା। ଜିଲ୍ଲାର ସମସ୍ତ ପାଂଚଟି ବ୍ଲକକୁ କଭର କରି, ରଥ ସାର୍ବଜନୀନ ଘୋଷଣା ପ୍ରଣାଳୀ ଏବଂ ମୁଦ୍ରିତ ସାମଗ୍ରୀ ମାଧ୍ୟମରେ ପ୍ରମୁଖ ସ୍ୱାସ୍ଥ୍ୟ ବାର୍ତ୍ତା ପ୍ରଦାନ କରିଥିଲା। ଏହି ପ୍ରୟାସରେ ବେଦାନ୍ତ କର୍ମଚାରୀ, ସମ୍ପ୍ରଦାୟ ସଦସ୍ୟ, ସ୍ଥାନୀୟ ନେତା ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ଏହାକୁ ସାମୁହିକ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ପାଇଁ ଏକ ସମୟୋଚିତ ଏବଂ ପ୍ରଭାବଶାଳୀ ପଦକ୍ଷେପ କରିଥିଲା।

ବ୍ରଜବନ୍ଧୁ ଭୋଇ (ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ - ଜେନେରାଲ), ଡକ୍ଟର ଏଲ.କେ. କର୍ମୀ (ଅତିରିକ୍ତ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଇନ-ଚାର୍ଜ), ଏବଂ ଡକ୍ଟର ରାଧା ରମଣ ଭିର୍ତିଆ (ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ) ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତିରେ ଝାରସୁଗୁଡାର ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବ୍ୟକ୍ତିମାନେ ଫାଇଲେରିଆ ରୋଗର ପ୍ରସାରକୁ ରୋକିବା ପାଇଁ ସକ୍ରିୟ ଫାଇଲେରିଆ ନିବାରଣ ଏବଂ ସମୟୋଚିତ ଔଷଧ ସେବନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପଦକ୍ଷେପର ପ୍ରଭାବ ବିଷୟରେ ନିଜର ମତାମତ ଦେଇ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ସାମୁହିକ କଲ୍ୟାଣ ସହିତ ଶିଳ୍ପ ଅଭିବୃଦ୍ଧିକୁ ସମନ୍ୱୟ କରିବାରେ ବିଶ୍ୱାସ କରୁ। ଜିଲ୍ଲା ପ୍ରଶାସନ ସହିତ ସହଭାଗୀତାରେ, ଫାଇଲେରିଆ ସଚେତନତା ଅଭିଯାନ କିପରି ସାମୂହିକ କାର୍ଯ୍ୟ ସାର୍ବଜନୀନ ସ୍ୱାସ୍ଥ୍ୟରେ ପରିବର୍ତ୍ତନକାରୀ ପ୍ରଭାବ ପକାଇପାରେ ତାହା ଦର୍ଶାଏ। ସୁସ୍ଥ ଏବଂ ଅଧିକ ସ୍ଥିର ସମ୍ପ୍ରଦାୟ ଗଠନ କରୁଥିବା ପଦକ୍ଷେପଗୁଡ଼ିକୁ ସମର୍ଥନ କରିବାକୁ ଆମେ ଦୃଢ ଭାବରେ ପ୍ରତିବଦ୍ଧ। ଏହିପରି ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ତୃଣମୂଳ ସ୍ତରରେ ବିକାଶକୁ ପ୍ରୋତ୍ସାହିତ କରିଚାଲିଛି, ସ୍ଥାନୀୟ ସମ୍ପ୍ରଦାୟର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣି ଏକ ସ୍ଥାୟୀ ଭବିଷ୍ୟତକୁ ପୋଷଣ କରୁଛି।

# ଆଜିଠୁ ଭାରତ ଉପରେ ୫୦ % ଶୁଳ୍କ ଲାଗୁ



ଓ୍ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ଏକ ନୋଟିସ୍ ଜାରି କରିଛନ୍ତି । ଏଥିରେ କୁହାଯାଇଛି ଯେ, ନୂତନ ଶୁଳ୍କ ବ୍ୟବସ୍ଥା ୨୭ ଅଗଷ୍ଟ ରାତି ୧୨.୦୧ ରୁ ଲାଗୁ ହେବ । ଏହା ଦ୍ୱାରା ଟ୍ରମ୍ପ ଏବଂ ଭାରତ ମଧ୍ୟରେ ଦୂରତା ଆହୁରି ବଢ଼ିବାକୁ ଯାଉଛି । ଭାରତ ରୁଷିଆରୁ ତେଲ କିଣିବା ଯୋଗୁ ଟ୍ରମ୍ପ କ୍ଷୁବ୍ଧ ହୋଇଛନ୍ତି । ସେ ଏନେଇ ନିଜର ଅସନ୍ତୋଷ ମଧ୍ୟ ପ୍ରକାଶ କରିଛନ୍ତି । ଟ୍ରମ୍ପ ପ୍ରଶାସନ କହିଛି ଯେ, ଭାରତ ରଷିଆଠାରୁ ତେଲ କ୍ରୟ ଜାରି ରଖିବା ଜାତୀୟ ସୁରକ୍ଷା ପାଇଁ ଚିନ୍ତାର ବିଷୟ । ଆମେରିକାର ଗୃହ ସୁରକ୍ଷା ବିଭାଗ କଷ୍ଟମ୍ସ ଏବଂ ସୀମା ସୁରକ୍ଷା ମାଧ୍ୟମରେ ଶୁଳ୍କ ବିଷୟରେ ସୂଚନା ସେୟାର କରିଛି । ଟ୍ରମ୍ପ ଏହା ମାଧ୍ୟମରେ ଭାରତ ଉପରେ ଚାପ ବୃଦ୍ଧି କରିବାକୁ ଚାହୁଁଛନ୍ତି । ସେ ପ୍ରଥମେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ, କିନ୍ତୁ ପରେ ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ ।

ଟ୍ରମ୍ପ ରୁଷିଆ ସହିତ ସମ୍ପର୍କ ରଖୁଥିବା ଦେଶଗୁଡ଼ିକ ଉପରେ ଚାପ ବୃଦ୍ଧି କରୁଛନ୍ତି । ଭାରତ ଏବଂ ରୁଷିଆ ମଧ୍ୟରେ ଭଲ ବନ୍ଧୁତା ଅଛି ଏବଂ ଉଭୟଙ୍କ ମଧ୍ୟରେ ବାଣିଜ୍ୟ ଜାରି ରହିଛି । ଟ୍ରମ୍ପ କହିଛନ୍ତି , ଭାରତ ରୁଷିଆଠାରୁ ତେଲ କିଣି ପରୋକ୍ଷ ଭାବରେ ୟୁକ୍ରେନ ଯୁଦ୍ଧକୁ ପାଣ୍ଠି ଯୋଗାଇ ଦେଉଛି । ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବହୁତ ଦିନ ଧରି ଚାଲିଛି । ଏହାକୁ ସମାପ୍ତ କରିବା ପାଇଁ ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତି ଭୋଲଡମିୟର ଜେଲେନସ୍କି ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ମଧ୍ୟ ବୈଠକ କରିଥିଲେ ।

ଭାରତର ବୈଦେଶିକ ମନ୍ତ୍ରଣାଳୟ ୫୦ ପ୍ରତିଶତ ଶୁଳ୍କକୁ ଭୁଲ୍ ବୋଲି କହିଥିଲା । ଏହାକୁ ଅନ୍ୟାୟ ବୋଲି କହିଥିଲା । ଭାରତ କହିଛି ଯେ, ଆମେ ଶକ୍ତି ଆବଶ୍ୟକତା ଏବଂ ଜାତୀୟ ସ୍ୱାର୍ଥକୁ ଧ୍ୟାନରେ ରଖି ରୁଷିଆରୁ ତେଲ କିଣୁଛୁ । ଭାରତ ଏହା ମଧ୍ୟ କହିଛି ଯେ, ଯେଉଁଠାରୁ ତେଲ ଶସ୍ତାରେ ମିଳିବ ସେଠାରୁ ତେଲ କିଣାଯିବ । ଭାରତ ଏବଂ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଥିଲା , ଯାହା ଟ୍ରମ୍ପଙ୍କ ଜିଦ୍ ଯୋଗୁ ଅଟକି ରହିଛି । ଟ୍ରମ୍ପ ଚାହୁଁଛନ୍ତି, ଭାରତ ତାଙ୍କ ପାଇଁ କୃଷି ଏବଂ ଦୁଗ୍ଧ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଖୋଲି ଦେଉ, କିନ୍ତୁ ଭାରତ ଏଥିପାଇଁ ପ୍ରସ୍ତୁତ ନୁହେଁ । ଏହି ପ୍ରସଙ୍ଗରେ ସେ କହିଛନ୍ତି ଯେ, କୃଷକମାନଙ୍କ ସହ ଜଡିତ ପ୍ରସଙ୍ଗରେ କୌଣସି ସାଲିସ୍ ହୋଇପାରିବ ନାହିଁ ।

# ମୋଦୀ, ପୁଟିନଙ୍କୁ ସ୍ୱାଗତ କରିବେ ଜିନପିଙ୍ଗ୍



ବେଜିଂ : ୟୁକ୍ରେନ ଯୁଦ୍ଧକୁ ନେଇ ଏବେ ଆମେରିକା ରୁଷର ଦୁଇ ବନ୍ଧୁରାଷ୍ଟ୍ର ଭାରତ ଓ ଚୀନ ଉପରେ ତାରିଫ ବସାଇ ଚାପ ପ୍ରୟୋଗ କରୁଛି । ବିଶେଷକରି ଭାରତ ଉପରେ ଆମେରିକା ସର୍ବାଧିକ ଚାପ ପ୍ରୟୋଗ କରୁଛି । ଆମେରିକାର ଏପରି ଦାଦାଗିରି ଭାରତ, ରୁଷ ଓ ଚୀନକୁ ଏକାଠି ଆସିବାକୁ ବାଧ୍ୟ କରିଛି । ଏହାର ଝଲକ ଆସନ୍ତା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ଦେଖିବାକୁ ମିଳିବ । ରିପୋର୍ଟ ଅନୁସାରେ ଖୋଦ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ଲାଗି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ବ୍ୟକ୍ତିଗତ ଭାବରେ ସ୍ୱଗତ କରିବେ । ଚୀନର ଏହି ପଦକ୍ଷେପ ବିଶ୍ୱ ଦକ୍ଷିଣର ଏକତାର ଏକ ଶକ୍ତିଶାଳୀ ପ୍ରଦର୍ଶନ ହେବ, ଯାହା ଆମେରିକା ନେତୃତ୍ୱାଧୀନ ପରବର୍ତ୍ତୀ ବିଶ୍ୱ କ୍ରମକୁ ରେଖାଙ୍କିତ କରିବ । ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ତିଆନଜିନରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିଖର ସମ୍ମିଳନୀରେ ମଧ୍ୟ ଏସିଆ, ମଧ୍ୟପ୍ରାଚ୍ୟ, ଦକ୍ଷିଣ ଏସିଆ ଏବଂ ଦକ୍ଷିଣ ପୂର୍ବ ଏସିଆର ନେତାମାନଙ୍କୁ ନିମନ୍ତ୍ରଣ କରାଯାଇଛି । ୨୦୦୧ରେ ଏସସିଓ ପ୍ରତିଷ୍ଠା ହେବା ପରଠାରୁ ଏହି ଶିଖର ସମ୍ମିଳନୀ ସବୁଠାରୁ ବଡ଼ ହେବ । ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ଜଣେ ଅଧିକାରୀ ଗତ ସପ୍ତାହରେ ଏହି ଦାବି କରିଥିଲେ । ସଂଗଠନକୁ ଏକ ନୂତନ ପ୍ରକାରର ଅନ୍ତର୍ଜାତୀୟ ସମ୍ପର୍କ ଗଠନ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭାବରେ ବର୍ଣ୍ଣନା କରାଯାଇଛି । ଏସସିଓ ମୂଳତଃ ଛଅଟି ୟୁରେସିଆନ୍ ଦେଶର ଏକ ଗୋଷ୍ଠୀ ଥିଲା । ଏଥିରେ ବର୍ତ୍ତମାନ ୧୦ ସ୍ଥାୟୀ ସଦସ୍ୟ ଏବଂ ୧୬ଟି ଆଲୋଚନା ଏବଂ ପର୍ଯ୍ୟବେକ୍ଷକ ଦେଶ ଅନ୍ତର୍ଭୁକ୍ତ । ଏହାର ପରିସର ସୁରକ୍ଷା ଏବଂ ଆତଙ୍କବାଦ ବିରୋଧୀଠାରୁ ଅର୍ଥନୈତିକ ଏବଂ ସାମରିକ ସହଯୋଗ ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି ।

## ରୁଷ ଓ ଚୀନକୁ ଟ୍ରମ୍ପଙ୍କ ନାଲିଆଖି

ୱାଶିଂଟନ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ପରମାଣୁ ବୋମା ସଂଖ୍ୟା କମାଇବାକୁ ସେ ରୁଷ ଓ ଚୀନ ସହ କଥା ହେବାକୁ ଚାହୁଁଛନ୍ତି । ଯଦି ଆମେରିକା ସମେତ ରୁଷ ଓ ଚୀନ ପରମାଣୁ ବୋମା ସଂଖ୍ୟା କମାଇବେ ତେବେ ହଜାର ହଜାର କୋଟି ଟଙ୍କା ସଂଚୟ ହେବ । ଓଭାଲ ଅଫିସରେ ସାମ୍ବାଦିକମାନଙ୍କ ସହ କଥା ହେବା ସମୟରେ ସେ କହିଥିଲେ ଯେ ଆମ ସମସ୍ତଙ୍କ ପାଖରେ ଅନେକ ପରମାଣୁ ବୋମା ରହିଛି । ଏବେ ସମସ୍ତଙ୍କ ପାଖରେ ଏତେ ସଂଖ୍ୟକ ପରମାଣୁ ବୋମା ରହିଛି ଯେ ତାହା ପୃଥିବୀକୁ ୫୦-୧୦୦ ଥର ଧ୍ୱଂସ କରିପାରିବ । ଏହା ସତ୍ତ୍ୱେ ପ୍ରତିବର୍ଷ ଶହ ଶହ କୋଟି ଡଲାର ବ୍ୟୟ କରି ନୂଆ ନୂଆ ପରମାଣୁ ଅସ୍ତ୍ର ତିଆରି କରାଯାଉଛି । ଆମେ ବି ତିଆରି କରୁଛୁ, ସେମାନେ ବି ତିଆରି କରୁଛନ୍ତି । ଟ୍ରମ୍ପ ଅଟକଳ କରିଛନ୍ତି ଯେ ଚୀନ ଯେଉଁ ହାରରେ ପରମାଣୁ ବୋମା ତିଆରି କରୁଛି, ଆସନ୍ତା ୫-୬ ବର୍ଷରେ ଏହି ସଂଖ୍ୟା ଆମେରିକା ଓ ରୁଷ ସହିତ ସମାନ ହୋଇଯିବ । ଯଦି ଆମେ ଏହି ବାବଦରେ କରୁଥିବା ଖର୍ଚ୍ଚ ଅନ୍ୟ ଉତ୍ପାଦକତା ବିଶିଷ୍ଟ କ୍ଷେତ୍ରରେ ବ୍ୟୟ କରିବା ତେବେ ଆମେ ବହୁତ କିଛି ହାସଲ କରିପାରିବା ।

## ଡୋଡାରେ ବର୍ଷା ବିପ୍ଲବ : ଚାଲିଗଲା ୯ ଜୀବନ

ଶ୍ରୀନଗର: ମଙ୍ଗଳବାର ବାଦଲଫଟା ବର୍ଷା ପାଇଁ ବନ୍ୟା ଆସିବାରୁ ଜମ୍ମୁ-କଶ୍ମୀରର ଡୋଡାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏଥିରେ ଏପର୍ଯ୍ୟନ୍ତ ୯ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ଏହା ସହିତ ଶହ ଶହ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି । ବୈଷ୍ଣୋଦେବୀ ମନ୍ଦିର ନିକଟବର୍ତ୍ତୀ ଅର୍ଦ୍ଧକଓ୍ୱାରୀରେ ଏକ ବଡ଼ ଭୂସ୍ଖଳନ ହୋଇଛି । ଡୋଡାରେ ଘର ଭୁଶୁଡ଼ି ପଡ଼ିବା ଫଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ଦୁଇଜଣଙ୍କର ଆକସ୍ମିକ ବନ୍ୟାରେ ମୃତ୍ୟୁ ହୋଇଛି । ଏପର୍ଯ୍ୟନ୍ତ ମୋଟ୍ ୯ ଜଣଙ୍କ ମୃତ୍ୟୁକୁ ନିଶ୍ଚିତ କରାଯାଇଥିବା ବେଳେ ନିଖୋଜ ଲୋକଙ୍କ ଖବର ମିଳିପାରିନାହିଁ । ଭୂସ୍ଖଳନ ଏବଂ ବଡ଼ ବଡ଼ ପଥର ଖସିବା ଯୋଗୁଁ ରାମବନ ଜିଲ୍ଲାରେ ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥ ବନ୍ଦ ହୋଇଯାଇଛି । କଶ୍ମୀର ଉପତ୍ୟକାକୁ କିସ୍ତଓ୍ୱାର ସହିତ ସଂଯୋଗ କରୁଥିବା ସିନ୍ଥନ ଟପ୍ ପାସ୍ ମଧ୍ୟ ବନ୍ଦ ହୋଇଯାଇଛି । ଏହା ସହ ଜୋଜିଲା ପାସରେ ପ୍ରବଳ ତୁଷାରପାତ ଯୋଗୁଁ ଶ୍ରୀନଗର-ଲେହ ରାଜପଥରେ ଯାତାୟତରେ ସମସ୍ୟା ହେଉଛି । ବନ୍ଦେ ଭାରତ ଏକ୍ସପ୍ରେସ୍, ଶ୍ରୀ ଶକ୍ତି ଏକ୍ସପ୍ରେସ୍ ଏବଂ ହେମକୁଣ୍ଡ ଏକ୍ସପ୍ରେସ୍ ସମେତ କଟରା ଯିବା ଆସିବା କରୁଥିବା ଅନେକ ଟ୍ରେନ୍ ବାତିଲ କରାଯାଇଛି ।

# ଗୁଜରାଟରେ "ସବୁଜ ଗତିଶୀଳତା ଅଭିଯାନ'

## ଉଦଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ସବୁଜ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ଦିଗରେ ଏକ ପ୍ରମୁଖ ପଦକ୍ଷେପ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ହଂସଲପୁରରେ "ସବୁଜ ଗତିଶୀଳତା ପଦକ୍ଷେପ'ର ଶୁଭାରମ୍ଭ କରିଛନ୍ତି । ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗଣେଷ ଉତ୍ସବର ଉତ୍ସାହ ମଧ୍ୟରେ, ଭାରତର 'ମେକ୍ ଇନ୍ ଇଣ୍ଡିଆ' ଯାତ୍ରା ଏକ ନୂତନ ଅଧ୍ୟାୟ ସୃଷ୍ଟି କରୁଛି । ସେ କହିଛନ୍ତି ଯେ ଏହା ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡର ମିଳିତ ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ । ଶ୍ରୀ ମୋଦୀ ଆଲୋକପାତ କରିଥିଲେ ଯେ ଆଜିଠାରୁ ଭାରତରେ ନିର୍ମିତ ବୈଦ୍ୟୁତିକ ଯାନଗୁଡ଼ିକ ୧୦୦ ଟି ଦେଶକୁ ରପ୍ତାନି କରାଯିବ । ସେ ଦେଶରେ ହାଇବ୍ରିଡ୍ ବ୍ୟାଟେରୀ ଇଲେକ୍ଟ୍ରୋଡ୍ ଉତ୍ପାଦନ ଆରମ୍ଭ କରିବାର ମଧ୍ୟ ଘୋଷଣା କରିଥିଲେ । ଆଜିର ଏହି ଦିନଟି ଭାରତ ଏବଂ ଜାପାନ ମଧ୍ୟରେ ବନ୍ଧୁତାରେ ଏକ ନୂତନ ପରିମାଣ ଯୋଡିଥାଏ ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଭାରତ, ଜାପାନ ଏବଂ ସୁଜୁକି ମୋଟର କର୍ପୋରେସନର ସମସ୍ତ ନାଗରିକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ । ସବୁଜ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ଦିଗରେ ଏକ ବଡ଼ ପଦକ୍ଷେପ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ହଂସଲପୁର ଠାରେ ସବୁଜ ଗତିଶୀଳତା ପଦକ୍ଷେପର ଶୁଭାରମ୍ଭ କରିଛନ୍ତି ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଗଣେଶ ଉତ୍ସବର ଆନନ୍ଦମୟ ପରିବେଶ ମଧ୍ୟରେ , ଭାରତର 'ମେକ୍ ଇନ୍ ଇଣ୍ଡିଆ' ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡା ହେଉଛିଛ ସେ ମନ୍ତବ୍ୟ ଦେଇଥିଲେ ଯେ, ଏହା ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡର ମିଳିତ ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ।

୧୨ - ୧୩ ବର୍ଷ ପୂର୍ବେ ଭାରତର ସଫଳତାର ବୀଜ ବୁଣାଯାଇଥିଲା ବୋଲି ମନେ ପକାଇ ଶ୍ରୀ ମୋଦୀ କହିଥିଲେ ଯେ, ୨୦୧୨ ମସିହାରେ, ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ, ହଂସଲପୁରରେ ମାରୁତି ସୁଜୁକିକୁ ଜମି ଆବଣ୍ଟନ କରାଯାଇଥିଲା । ସେତେବେଳର ଦୃଷ୍ଟିକୋଣ ମଧ୍ୟ ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ଥିଲା । ସେହି ପ୍ରାରମ୍ଭିକ ପ୍ରୟାସଗୁଡ଼ିକ ଏବେ ଦେଶର ବର୍ତ୍ତମାନର ସଂକଳ୍ପ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ମନ୍ତବ୍ୟ ଦେଇଥିଲେ । ସ୍ୱର୍ଗତଃ ଓସାମୁ ସୁଜୁକିଙ୍କ ପ୍ରତି ତାଙ୍କର ରହିଥିବା ସମ୍ମାନର ସ୍ମୃତିଚାରଣ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ , ଭାରତ ସରକାର ତାଙ୍କୁ ପଦ୍ମ ବିଭୂଷଣ ପ୍ରଦାନ କରିବାର ଗୌରବ ହାସଲ କରିଛନ୍ତି । ସେ କହିଥିଲେ ଯେ, ଓସାମୁ ସୁଜୁକି ମାରୁତି ସୁଜୁକି ଇଣ୍ଡିଆ ପାଇଁ ଯେଉଁ ଦୃଷ୍ଟିକୋଣ ଦେଖିଥିଲେ ତାହାର ବ୍ୟାପକ ପ୍ରସାର ଦେଖି ସେ ଖୁସି ।

## ଯୁଦ୍ଧ ପାଇଁ ପ୍ରସ୍ତୁତ : ସିଡିଏସ

ନୂଆଦିଲ୍ଲୀ: ଶାନ୍ତି ଚାହୁଁଥିଲେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ । ମଙ୍ଗଳବାର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଏଭଳି କହିଛନ୍ତି ଭାରତର ପ୍ରତିରକ୍ଷା ମୁଖ୍ୟ (ସିଡିଏସ) ଜେନେରାଲ ଅନିଲ ଚେହ୍ୱାନ୍ । ଏଭଳି କହି ସେ ଚୀନ୍ ଏବଂ ପାକିସ୍ତାନକୁ ସିଧାସଳଖ ଚେତାବନୀ ଦେଇଥିବା କୁହାଯାଉଛି । ଶତ୍ରୁକୁ ଚେତାଇବା ସହ ସେ ଦେଶର ସୁରକ୍ଷା ଏବଂ ଭବିଷ୍ୟତ ପ୍ରସ୍ତୁତି ବିଷୟରେ ମଧ୍ୟ ଅନେକ ସୂଚନା ଦେଇଛନ୍ତ । ସେ କହିଛନ୍ତି ଯେ, ଭାରତ ସର୍ବଦା ଶାନ୍ତିର ସମର୍ଥକ ରହିଆସିଛି । କିନ୍ତୁ ଶକ୍ତି ବିନା ଶାନ୍ତି କେବଳ ଏକ କଳ୍ପନା ଭଳି । ଜେନେରାଲ ଚେହ୍ୱାନ୍ ଆଗାମୀ ସମୟରେ ଅପରେସନ୍ ସିନ୍ଦୂର ଏବଂ ଭାରତର ନୂତନ ପ୍ରତିରକ୍ଷା ପ୍ରଣାଳୀ ସୁଦର୍ଶନ ଚକ୍ର ବିଷୟରେ ମଧ୍ୟ ଖୋଲାଖୋଲି ଭାବେ ଆଲୋଚନା କରିଛନ୍ତି । ସେ କହିଛନ୍ତି ଯେ, ଆଧୁନିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ କେବଳ ଶାନ୍ତି ବଜାୟ ରଖିବାର ଇଚ୍ଛା ଯଥେଷ୍ଟ ନୁହେଁ, ବରଂ ଏହା ସହିତ ରଣନୈତିକ ଶକ୍ତି ଏବଂ ପ୍ରସ୍ତୁତି ମଧ୍ୟ ଆବଶ୍ୟକ । ସୁଦର୍ଶନ ଚକ୍ର କେବଳ ଦେଶର ସାମରିକ ଏବଂ ବେସାମରିକ ସ୍ଥାନଗୁଡ଼ିକୁ ସୁରକ୍ଷା ଦେବ ନାହିଁ, ବରଂ ଏହା ଭାରତର ପ୍ରତିରକ୍ଷା ରଣନୀତିରେ ଏକ ନୂତନ ଦିଗ ସ୍ଥିର କରିବ । ଆର୍ମି ଓ୍ୱାର କଲେଜରେ ଦୁଇ ଦିନିଆ 'ରଣ ସମ୍ବାଦ' ସମ୍ମିଳନୀକୁ ସମ୍ବୋଧିତ କରି ସିଡିଏସ୍ ଚେହ୍ୱାନ୍ ସ୍ପଷ୍ଟ କରିଛନ୍ତି ଯେ, ଭାରତ ସର୍ବଦା ଶାନ୍ତି ସପକ୍ଷରେ ରହିଆସିଛି । କିନ୍ତୁ ଶକ୍ତି ବିନା ଶାନ୍ତି କେବଳ ଏକ ଭ୍ରମ । ଭାରତ ଏକ ଶାନ୍ତିପ୍ରିୟ ରାଷ୍ଟ୍ର । କିନ୍ତୁ ଆମକୁ କୌଣସି ପରିସ୍ଥିତିରେ ଶାନ୍ତିବାଦୀ ବୋଲି ବିବେଚନା କରାଯିବା ଉଚିତ ନୁହେଁ । ଶାନ୍ତି ବଜାୟ ରଖିବା ପାଇଁ ଶକ୍ତି ଆବଶ୍ୟକ । ଲାଟିନ୍ ଭାଷାରେ ଏକ ଲୋକ କଥା ଅଛି ଯେ, 'ଯଦି ତୁମେ ଶାନ୍ତି ଚାହୁଁଛ, ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ ।



# ସମାନ କାମ କରୁଥିବା ଶିକ୍ଷକଙ୍କୁ ସମାନ ଦରମା ଦିଅ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ଶିକ୍ଷକମାନଙ୍କ ପ୍ରତି ହେଉଥିବା ବ୍ୟବହାର ଉପରେ ସୁପ୍ରିମକୋର୍ଟ ଦୁଃଖ ପ୍ରକାଶ କରିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ,ଯଦି ଶିକ୍ଷକମାନେ କମ ଦରମା ପାଆନ୍ତି, ତେବେ 'ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ଦେବୋ ମହେଶ୍ୱର' ପାଠ କରିବା ନିରର୍ଥକ । ଯେଉଁମାନେ ଭବିଷ୍ୟତ ସୃଷ୍ଟି କରନ୍ତି ସେମାନଙ୍କୁ ଭଲ ଦରମା ମିଳିବା ଉଚିତ । ଗୁଜରାଟ ସରକାରଙ୍କ ଦ୍ୱାରା ସହାୟକ ପ୍ରଫେସରମାନଙ୍କୁ କମ୍ ଦରମା ଦେବା ମାମଲାରେ ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି । କୋର୍ଟ କହିଛନ୍ତି, ଶିକ୍ଷକମାନଙ୍କୁ ଉପଯୁକ୍ତ ସମ୍ମାନ ଏବଂ ଦରମା ମିଳିବା ଉଚିତ । କାରଣ ସେମାନେ ଭବିଷ୍ୟତ ପିଢ଼ିକୁ ପ୍ରସ୍ତୁତ କରନ୍ତି । ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କୁ ହାଇକୋର୍ଟଙ୍କର ନିର୍ଦ୍ଦେଶ ପାଳନ କରିବାକୁ କହିଛନ୍ତି । ହାଇକୋର୍ଟ ନର୍ଦ୍ଦେଶରେ କହିଛନ୍ତି, ସହକାରୀ ପ୍ରଫେସରମାନଙ୍କୁ ସମାନ କାମ ପାଇଁ ସମାନ ଦରମା ଦିଆଯିବା ଉଚିତ । ଗୁଜରାଟ ସରକାର ଚୁକ୍ତିଭିତ୍ତିକ ଭାବରେ କାମ କରୁଥିବା ସହକାରୀ ପ୍ରଫେସରମାନଙ୍କୁ ପ୍ରତି ମାସରେ କେବଳ ୩୦,୦୦୦ ଟଙ୍କା ଦେଉଛନ୍ତ । ଯେତେବେଳେ ସେମାନେ ଆଡ-ହକ୍ ଏବଂ ନିୟମିତ ସହଯୋଗୀ ପ୍ରଫେସରଙ୍କ ପରି ସମାନ କାମ କରୁଛନ୍ତି । ଆଡ-ହକ୍ ପ୍ରଫେସରମାନେ ମାସିକ ପ୍ରାୟ ୧.୨ ଲକ୍ଷ ଟଙ୍କା ଏବଂ ନିୟମିତ ପ୍ରଫେସରମାନେ ୧.୪ ଲକ୍ଷ ଟଙ୍କା ଦରମା ପାଉଛନ୍ତ । ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି, ଆମେ ଆମର ଶିକ୍ଷକମାନଙ୍କ ସହିତ କିପରି ବ୍ୟବହାର କରୁ, ସେ ବିଷୟରେ ଆମେ ବହୁତ ଚିନ୍ତିତ । ଶିକ୍ଷକମାନଙ୍କ ଅବଦାନକୁ ସମ୍ମାନ ଦିଆଯାଉ ନଥିବାରୁ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତ । କୋର୍ଟ କହିଛନ୍ତି, ଯଦି ଶିକ୍ଷକମାନଙ୍କୁ ସମ୍ମାନ କରାଯାଏ ନାହିଁ ଏବଂ ସେମାନଙ୍କୁ ଭଲ ଦରମା ମିଳେ ନାହିଁ,ତେବେ ଦେଶରେ ଜ୍ଞାନର ମୂଲ୍ୟ ହ୍ରାସ ପାଇବଛ ଏହା ଦେଶକୁ ଆଗକୁ ନେବାରେ ନିୟୋଜିତ ଲୋକଙ୍କୁ ନିରୁତ୍ସାହିତ କରିବ ।

## ବିରୋଧୀଙ୍କୁ ଶାହଙ୍କ ଆହ୍ୱାନ

# ବିଲ୍‌କୁ ବିରୋଧର କାରଣ ଦର୍ଶାଅ

ନୂଆଦିଲ୍ଲୀ: କୌଣସି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ଲଗାତାର ଯଦି ୩୦ ଦିନ ବିଚାରବିଭାଗୀୟ ହେପାଜତରେ ରୁହନ୍ତି ତେବେ ସେମାନଙ୍କୁ ସ୍ୱୟଂ ପଦରୁ ହଟାଇବାର ବ୍ୟବସ୍ଥା ସମ୍ବିଧାନର ୧୩୦ତମ ସଂଶୋଧନ ବିଲ୍-୨୦୨୫ରେ ରହିଛି । ଏହି ବିଲ୍ ରାଜନେତିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ ବୋଲି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି । ସାର୍ବଜନୀନ ଜୀବନରେ ନୈତିକତାକୁ ସୁନିଶ୍ଚିତତା କରିବାର ଏହି ପ୍ରୟାସକୁ ବିରୋଧୀମାନେ କାହିଁକି ବିରୋଧ କରୁଛନ୍ତି ତାହା ସେମାନେ ଲୋକଙ୍କୁ ବୁଝାନ୍ତୁ ବୋଲି ଗୃହମନ୍ତ୍ରୀ ଶାହ ଆହ୍ୱାନ କରିଛନ୍ତି । ବିରୋଧୀ ଦଳଗୁଡ଼ିକଙ୍କୁ ସେ ଏହା ମଧ୍ୟ ପ୍ରଶ୍ନ କରିଛନ୍ତି ଯେ, କୌଣସି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ଜେଲ୍‌ରେ ଥାଇ ସରକାର ଚଳାଇବା ଗଣତନ୍ତ୍ର ପାଇଁ ସମୀଚୀନ କି? ଆମ୍ ଆଦମୀ ପାର୍ଟି ମୁଖ୍ୟ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଟାର୍ଗେଟ କରି ଶାହ କହିଛନ୍ତି, କେଣସି ମାମଲା ବିଚାରାଧୀନ ଥିଲେ ନୈତିକତା ଦୃଷ୍ଟିରୁ ଇସ୍ତଫା ନଦେଇ ଜେଲରୁ ସରକାର ଚଳାଇବାର ଏବେ ନୂଆ ଧାରା ଆରମ୍ଭ ହୋଇଛ । ବିରୋଧୀ ଏହି ବିଲକୁ ପ୍ରବଳ ବିରୋଧ କରୁଥିବାବେଳେ ଏହାକୁ ସଂସଦୀୟ ଯୁଗ୍ମ କମିଟି (ଜେପିସି)କୁ ଅଧିକ ତର୍ଜମା ପାଇଁ ପଠାଯାଇଛି । ବିଲ୍ଟି ସଂସଦରେ ଉପସ୍ଥାପନ ସମୟରେ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଥିବାରୁ ଶାହ ଏହାର କଡ଼ା ସମାଲୋଚନା କରିଥିଲେ । ସେ କହିଛନ୍ତି, ଯଦି ଏକ ନିର୍ବାଚିତ ସରକାର ସଂସଦରେ କୌଣସି ସମ୍ବିଧାନ ସଂଶୋଧନ ବିଲ୍ ଆଣନ୍ତି, ତା'ହେଲେ ଏହାକୁ ବିରୋଧ କରାଯିବାର କାରଣ କ'ଣ? ବିଲକୁ ଜେପିସିକୁ ପଠାଯିବ ବୋଲି ମୁଁ ସ୍ପଷ୍ଟ କରିସାରିଛି । ବିରୋଧୀ ଏହା ଉପରେ ସେମାନଙ୍କ ମତାମତ ଦେଇପାରିଥାନ୍ତେ । ଏହା ଏକ ସାମ୍ବିଧାନ ସଂଶୋଧନ ବିଲ୍, ଏହାକୁ ପାରିତ କରିବାକୁ ଉଭୟ ଗୃହରେ ଆମକୁ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତାର ଆବଶ୍ୟକତା ରହିଛି । ଆମ ପାଖରେ ସଂଖ୍ୟା ଗରିଷ୍ଠତା ଅଛି କି ନାହିଁ ତାହା ଭିନ୍ନ କଥା କିନ୍ତୁ ବିରୋଧୀ ମତାମତ ରଖିବା ସହିତ ଭୋଟ ଦେଇ ପାରିବେ । କିନ୍ତୁ ସଂସଦକୁ ଚଳେଇ ନଦେବା ଗଣତନ୍ତ୍ର ପାଇଁ ଠିକ୍ ନୁହେଁ । ଆମେ ମଧ୍ୟ ବହୁ ପ୍ରସଙ୍ଗକୁ ବିରୋଧ କରିଛୁ ।

# ଭିଭିପି କର୍ମଶାଳା ଉଦ୍‌ଘାଟନ କଲେ ଶାହ



ନୂଆଦିଲ୍ଲୀ:କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଦୁଇ ଦିନିଆ ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍ (ଭିଭିପି) କର୍ମଶାଳାର ଉଦଘାଟନୀ ଅଧିବେଶନକୁ ମୁଖ୍ୟ ଅତିଥି ଭାବେ ସମ୍ବୋଧିତ କରିଛନ୍ତି । ନୂଆଦିଲ୍ଲୀରେ ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ)ର ସୀମା ପରିଚାଳନା ବିଭାଗ ଦ୍ୱାରା ଏହି କର୍ମଶାଳାର ଆୟୋଜନ କରାଯାଉଛି । ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ "ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍‌ର ଲୋଗୋ ଉନ୍ମୋଚନ କରିଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର, ଗୃହ ସଚିବ, ଗୁଇନ୍ଦା ବ୍ୟୁରୋ (ଆଇବି) ର ନିର୍ଦ୍ଦେଶକ, ସୀମା ପରିଚାଳନା ସଚିବ, ଭିଭିପିର ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକର ମୁଖ୍ୟ ସଚିବ, ସୀମା ସୁରକ୍ଷା ପାଇଁ ନିୟୋଜିତ ସୁରକ୍ଷା ବାହିନୀର ମହାନିର୍ଦ୍ଦେଶକ ଏବଂ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍ ତିନୋଟି ପ୍ରମୁଖ ଦିଗ ଉପରେ ଆଧାରିତ: ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକରୁ ସ୍ଥାନାନ୍ତରଣକୁ ରୋକିବା, ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକର ପ୍ରତ୍ୟେକ ନାଗରିକ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନାର ଶତପ୍ରତିଶତ ଲାଭ ପାଇବା ସୁନିଶ୍ଚିତ କରିବା ଏବଂ ସୀମା ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଭିଭିପି ଅଧୀନରେ ଗ୍ରାମଗୁଡ଼ିକୁ ସୁଦୃଢ଼ ଉପକରଣରେ ବିକଶିତ କରିବା । ସେ କହିଥିଲେ ଯେ ଯେତେବେଳେ ପ୍ରଧାନମନ୍ତ୍ରୀ ""ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍‌ର ବିଚାର ଉପସ୍ଥାପନ କରିଥିଲେ, ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା ଯେ ଏହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ । ପ୍ରତ୍ୟେକ ସୀମାନ୍ତବର୍ତ୍ତୀ ଗ୍ରାମକୁ କେବଳ ସମସ୍ତ ସୁବିଧା ଯୋଗାଇ ଦିଆଯିବ ନାହିଁ, ବରଂ ଏହି ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକରେ ରହୁଥିବା ପ୍ରତ୍ୟେକ ନାଗରିକଙ୍କୁ, ସେମାନଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନାର ସମ୍ପୂର୍ଣ୍ଣ ସୁବିଧା ପହଞ୍ଚାଇବାକୁ ବ୍ୟବସ୍ଥା କରାଯିବ । ଏହା ବ୍ୟତୀତ, ଏହି ଗ୍ରାମଗୁଡ଼ିକୁ ଦେଶ ଏବଂ ଏହାର ସୀମାର ସୁରକ୍ଷା ପାଇଁ ଶକ୍ତିଶାଳୀ ଉପକରଣ ଭାବେ ବିକଶିତ କରାଯିବ । ସେ ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଶେଷ ଗ୍ରାମକୁ ପ୍ରଥମ ଗ୍ରାମ ଭାବେ ନାମିତ କରି ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକ ପ୍ରତି ଆମର ଦୃଷ୍ଟିକୋଣକୁ ବଦଳାଇ ଦେଇଛନ୍ତି ।

## ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସରେ ଅଭିନେତା ବାଲକ୍ରିଷ୍ଣ

ଅମରାବତୀ: ତେଲୁଗୁ ଅଭିନେତା ନନ୍ଦମୁରୀ ବାଲକ୍ରିଷ୍ଣଙ୍କୁ ଚଳଚ୍ଚିତ୍ରରେ ପାଞ୍ଚ ଦଶନ୍ଧି ପୂରଣ କରିବା ପାଇଁ ଓ୍ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍‌ୟୁକେ (ଗୋଲ୍ଡ ଏଡିସନ୍) ଦ୍ୱାରା ସମ୍ମାନିତ କରାଯାଇଛି । ଭାରତୀୟ ସିନେମାରେ ଏକ ଐତିହାସିକ ମାଇଲଖୁଣ୍ଟ ଭାବରେ ଏହି ସମ୍ମାନ ପାଇଛନ୍ତି । ଓ୍ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସର ସିଇଓ ସନ୍ତୋଷ ଶୁକ୍ଲା ତେଲୁଗୁ ସିନେମାରେ ବାଲକ୍ରିଷ୍ଣଙ୍କ ଅବଦାନକୁ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପ୍ରେରଣା ବୋଲି ପ୍ରଶଂସା କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, ବାଲକ୍ରିଷ୍ଣଙ୍କ ଯାତ୍ରା ଭାରତୀୟ ଏବଂ ବିଶ୍ୱ ସିନେମାରେ ଏକ ସ୍ୱର୍ଣ୍ଣିମ ମାଇଲଖୁଣ୍ଟ ଭାବରେ ଠିଆ ହୋଇଛି । ବାଲକ୍ରିଷ୍ଣଙ୍କୁ ଏହି ସମ୍ମାନ ପ୍ରଦାନ ନେଇ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ.ଚନ୍ଦ୍ରାବାବୁ ନାଇଡୁ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, ପିଢ଼ି ପରେ ପିଢ଼ି ଲୋକଙ୍କ ଦ୍ୱାରା ପ୍ରଶଂସିତ ଏବଂ ସିନେମା ପ୍ରତି ତାଙ୍କର ଉତ୍ସର୍ଗୀକୃତତା ଏବଂ ଆଗ୍ରହ ପାଇଁ ନନ୍ଦମୁରୀ ବାଲକ୍ରିଷ୍ଣ ଗାରୁଙ୍କ ୫୦ ବର୍ଷ ଧରି ମୁଖ୍ୟ ନାୟକ ଭାବରେ ଯାତ୍ରା ଭାରତୀୟ ଚଳଚ୍ଚିତ୍ର ଇତିହାସରେ ଏକ ସୁବର୍ଣ୍ଣ ଅଧ୍ୟାୟ ଭାବରେ ରହିଛି ।

# ନିତିଶଙ୍କ ପୁଅ ଦଳର ମଙ୍ଗ ଧରିବେ!



ପାଟନା: ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପୁଅ ନିଶାନ୍ତ କୁମାରଙ୍କୁ ନେଇ ବିହାର ରାଜନୀତିରେ ସସପେନ୍ସ ଜାରି ରହିଛି । ନିଶାନ୍ତ କୁମାର କେବେ ରାଜନୀତିରେ ପ୍ରବେଶ କରିବେ, ଏହା ହିଁ ଏକ ବଡ଼ ପ୍ରଶ୍ନ ହୋଇ ରହିଛି । ନିଶାନ୍ତ କୁମାର ଗଣମାଧ୍ୟମରେ ତାଙ୍କ ପିତା ନୀତିଶ କୁମାରଙ୍କ ପ୍ରଶଂସା କଲେ ଏହାକୁ ନେଇ ରାଜନେତିକ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଥାଏ । ବିରୋଧୀ ଦଳ ସଦସ୍ୟ କହିଥାନ୍ତି ନିଶାନ୍ତ ତାଙ୍କ ପିତା ନୀତିଶଙ୍କ ଦ୍ୱାରା ରାଜ୍ୟ ପାଇଁ କରାଯାଇଥିବା କାମ ଉପରେ ଭୋଟ ମାଗୁଛନ୍ତି । ପାଟନାରେ ଜନତା ଦଳୟୁନାଇଟେଡ୍(ଜେଡିୟୁ) ରାଜ୍ୟ କାର୍ଯ୍ୟାଳୟ ବାହାରେ ନିଶାନ୍ତ କୁମାର ଏବଂ ତାଙ୍କ ପିତା ନୀତିଶ କୁମାରଙ୍କ ପୋଷ୍ଟର ଲଗାଯାଇଥିଲା । ଏହି ପୋଷ୍ଟରର ବିଶେଷ କଥା ହେଉଛି ନିଶାନ୍ତ କୁମାରଙ୍କୁ କର୍ପୁରୀ ଠାକୁରଙ୍କ ବିଚାରଧାରା ଏବଂ ନୀତିଶ କୁମାରଙ୍କ କାର୍ଯ୍ୟଶୈଳୀର ଉତ୍ତରାଧିକାରୀ ଭାବରେ ବର୍ଣ୍ଣନା କରାଯାଇଛି । ଜେଡିୟୁ କାର୍ଯ୍ୟାଳୟ ବାହାରେ ଥିବା ପୋଷ୍ଟରରେ ଲେଖା ଅଛି,ସଚ୍ଚୋଟତା ଏବଂ ଜନସେବାର ଏକ ନୂତନ ପିଢ଼ି । ଜନସେବାର ଐତିହ୍ୟ ଏବେ ଆଗକୁ ବଢ଼ିବ । ନିଶାନ୍ତ କୁମାର ହେଉଛନ୍ତି ଜନନାୟକ କର୍ପୁରୀ ଠାକୁରଙ୍କ ବିଚାରଧାରା ଏବଂ ନୀତିଶଙ୍କ କାର୍ଯ୍ୟଶୈଳୀର ଉତ୍ତରାଧିକାରୀ । ଏହି ପୋଷ୍ଟର ପ୍ରକାଶ ପାଇବା ପରେ କଳ୍ପନାଜଳ୍ପନା ଜୋର ଧରିଛି ଯେ, ଯଦି ବିହାରରେ ୨୦୨୫ ନିର୍ବାଚନରେ ଏନଡିଏ ଜିତିବ, ତେବେ ନିଶାନ୍ତ କୁମାରଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ କରାଯିବ । ନୀତିଶ କୁମାରଙ୍କ ବର୍ଦ୍ଧିତ ବୟସ ଯୋଗୁ ଏପରି ନିଷ୍ପତ୍ତି ନିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି ।

# ୟୁଏସ୍ ଓପନ | ଦ୍ୱିତୀୟ ରାଉଣ୍ଡରେ କାଶାଟକିନା

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି) : ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍ ଆରମ୍ଭ ହୋଇଛି । ମହିଳା ସିଙ୍ଗଲ୍ସ ବର୍ଗର ପ୍ରଥମ ରାଉଣ୍ଡ ମ୍ୟାଚରେ ଟୁର୍ଣ୍ଣାମେଣ୍ଟର ୧୫ ତମ ସିଡ୍ ଡାରିଆ କାଶାଟକିନା ବିଜୟ ଲାଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ସହଜ ସାଧ ପ୍ରଥମ ରାଉଣ୍ଡରେ କାଶାଟକିନା ୭-୫, ୬-୧ ସିଧାସଳଖ ସେଟ୍‌ରେ ଏଲିଆ ଗାବ୍ରିଏଲାଙ୍କୁ ଧରାଶାୟୀ କରିଥିଲେ । ସେ ଦ୍ୱିତୀୟ ରାଉଣ୍ଡରେ କାମିଲା ରାକ୍ଷୀମୋଭାଙ୍କୁ ଭେଟିବେ । ଅନ୍ୟ ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ଆନା



ଲି ବିଜୟ ଲାଭ କରିଛନ୍ତି । ଲି ୪-୬, ୬-୨, ୬-୪ ସେଟ୍‌ରେ ରେବେକା ଶ୍ରାମୋଭାଙ୍କୁ ହରାଇଥିଲେ । ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଆନା ଲି ଟୁର୍ଣ୍ଣାମେଣ୍ଟର ୧୬ ତମ ସିଡ୍ ବେଲିଣ୍ଡା ବେନେକିକୋଙ୍କୁ ଭେଟିବେ ।

ପୁରୁଷ ବର୍ଗର ପ୍ରଥମ ରାଉଣ୍ଡ ମ୍ୟାଚରେ ଏକାଧିକ ହଟଚମଟ ଦେଖିବାକୁ ମିଳିଛି । ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସିଡ୍ କାର୍ଲୋସ ଆଲକାରେଜ୍, ଗାବ୍ରିଏଲ୍ ଡିଆଲୋ, କାସ୍ପର ରୁଡ୍ , ଆନ୍ଦ୍ରେ ରୁବଲେଭ, କରିନ ଖାଚାନୋଭୋ, ତ୍ରିଷ୍ଟାନ୍ ବଏର ବିଜୟ ଲାଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

କାର୍ଲୋସ ଆଲକାରେଜ୍ ୬-୪, ୭-୫, ୬-୪ ସେଟ୍‌ରେ ରିଲି ଓପେଲକାଙ୍କୁ ପରାଜିତ କରିଥିଲେ । ସେହିଭଳି ଗାବ୍ରିଏଲ୍ ଡିଆଲୋ ୭-୬, ୪-୬, ୭-୫,୭-୫ ମାରାଥନ ସେଟ୍‌ରେ ଦାମିର ଜୁମହୁରଙ୍କୁ ପରାଜିତ କରିଥିଲେ । କାସ୍ପର ରୁଡ ୬-୧, ୬-୭, ୭-୬ ସେଟ୍‌ରେ ସେବାଷ୍ଟିଆନ୍ ଅଫନରଙ୍କୁ ହରାଇଥିବା ବେଳେ ଆନ୍ଦ୍ରେ ରୁବଲେଭ ୬-୪, ୬-୪, ୬-୪ ସେଟ୍‌ରେ ଦିନୋ ପ୍ରିଜମିକ୍‌ଙ୍କୁ ପରାଜିତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । କରିନ୍ ଖାଚାନୋଭୋ ୬-୭, ୬-୩, ୭-୫, ୬-୧ ସେଟ୍‌ରେ ନିଶେଷ ବାସଭର୍ଡିଙ୍କୁ ଧରାଶାୟୀ କରିଛନ୍ତି । ଅଣସିଡେଡ୍ ତ୍ରିଷ୍ଟାନ୍ ବଏର ୬-୩, ୭-୫, ୬-୪ ସେଟ୍‌ରେ ଜେମ୍ସ ଡକୱର୍ଥଙ୍କୁ ପରାଜିତ କରି ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

# କେମିତି ସନ୍ୟାସ ନିଅନ୍ତି କ୍ରିକେଟ୍‌ର



ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି) : ଖେଳ ଜୀବନର ଅଗ୍ରଗତି ସହ ଅବସର ବି ଆସେ । କ୍ରିକେଟ୍ ଜଗତରେ ଖେଳାଳିଙ୍କ ଅବସର କିଛି ନୂଆ କଥା ନୁହେଁ । ବେଶ୍ କିଛି ଦିନ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଚମକ ଦେଖାଇବା ପରେ ଦଳ ପାଇଁ ଅଲୋଡା ହୋଇପଡୁଥିବା କ୍ରିକେଟ୍‌ର ଶେଷରେ ଅବସର ନେବାକୁ ନିଷ୍ପତ୍ତି ନେଇଥାନ୍ତି । ତେବେ ପ୍ରଶ୍ନ ଉଠୁଛି କ୍ରିକେଟ୍‌ର ମାନେ ଅବସର ନେବାର ନିୟମ କ'ଣ ? କ'ଣ ପାଇଁ ତାଙ୍କୁ କାହାଠୁ ଅନୁମତି ନେବାକୁ ପଡେ ନା ମନଇଚ୍ଛା ଅବସର ନେଇପାରିବେ ।

## ଅବସର ପରେ ପେନ୍‌ସନ୍

ବିସିସିଆଇ ୨୦୦୪ ମସିହାରୁ ଅବସରପ୍ରାପ୍ତ ଖେଳାଳିଙ୍କ ପାଇଁ ପେନସନ୍ ଯୋଜନା ଚଳାଉଛି । ଏହି ଯୋଜନା ଅନୁଯାୟୀ ଖେଳାଳି ମାନଙ୍କୁ ସେମାନଙ୍କ କ୍ରିକେଟ୍ କ୍ୟାରିୟର ଏବଂ ଖେଳିଥିବା ମ୍ୟାଚ ସଂଖ୍ୟା ଉପରେ ଆଧାର କରି ମାସିକ ପେନସନ୍ ଦିଆଯାଇଥାଏ । ୨୫ କିମ୍ବା ତାଠାରୁ ଅଧିକ ଟେଷ୍ଟ ଖେଳିଥିବା ଖେଳାଳିଙ୍କୁ ମାସିକ ୭୦ ହଜାର ଟଙ୍କା ପେନ୍‌ସନ୍ ମିଳିଥାଏ । ଯେଉଁମାନେ ୨୫ ରୁ କମ୍ ଟେଷ୍ଟ ଖେଳିଛନ୍ତି ସେମାନଙ୍କୁ ୬୦ ହଜାର ଟଙ୍କା ମିଳିଥାଏ । ୫ରୁ ୯ ଟେଷ୍ଟ ଖେଳିଥିବା ଖେଳାଳିଙ୍କୁ ମାସିକ ୩୦ ହଜାର ଟଙ୍କା ପେନସନ୍ ମିଳିଥାଏ ।

## କ'ଣ ରହିଛି ନିୟମ ?

ଅନ୍ତର୍ଜାତୀୟ କ୍ରିକେଟ୍ ପରିସର (ଆଇସିସି) କିମ୍ବା ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଭଳି ସଂଗଠନ ଅବସର ପ୍ରକ୍ରିୟା ପାଇଁ କୌଣସି ଆନୁଷ୍ଠାନିକ ନିୟମ ସ୍ଥିର କରିନାହାଁନ୍ତି । ତେଣୁ ଜଣେ କ୍ରିକେଟର ଯେତେବେଳେ ଚାହିଁବେ ଅବସର ନେଇପାରିବେ ।ତଥାପି ବ୍ୟକ୍ତିଗତ ଶିଷ୍ଟାଚାର ଏବଂ ପ୍ରୋଟୋକଲ ଅନୁଯାୟୀ କ୍ରିକେଟ୍‌ର ସାଧାରଣତଃ ସେମାନଙ୍କ ବୋର୍ଡ, ଚୟନ କମିଟି ଏବଂ ପ୍ରଶିକ୍ଷକ କର୍ମଚାରୀଙ୍କୁ ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଥାନ୍ତି । ପରେ ଏ ନେଇ ସୋସିଆଲ୍ ମିଡିଆରେ ଅବସର ସମ୍ପର୍କରେ ଜଣାଇଥାନ୍ତି ।

ଭାରତରେ ଯେତେବେଳେ ଜଣେ କ୍ରିକେଟର ଅବସର ନେବାକୁ ଇଚ୍ଛା କରନ୍ତି, ସେ ସାଧାରଣତଃ ବିସିସିଆଇ ଅଧିକାରୀ କିମ୍ବା ଚୟନ କମିଟି ମୁଖ୍ୟଙ୍କୁ ଅବଗତ କରାଇଥାନ୍ତି । ଏହି ସୂଚନା ଏକ ଆନୁଷ୍ଠାନିକ ଚିଠି, ଇମେଲ୍ କିମ୍ବା ବ୍ୟକ୍ତିଗତ ସାକ୍ଷାତ ମାଧ୍ୟରେ ଦିଆଯାଇପାରିବ । ସମ୍ପ୍ରତି ଚେତେଶ୍ୱର ତାଙ୍କର ଅବସର ଘୋଷଣା କରିବା ପୂର୍ବରୁ ବିସିସିଆଇ ସହ ଆଲୋଚନା କରିଥିଲେ । ଘରୋଇ କ୍ରିକେଟ୍ କ୍ଷେତ୍ରରେ ଖେଳାଳିଙ୍କୁ ତାଙ୍କ ରାଜ୍ୟ କ୍ରିକେଟ୍ ସଂଘ ଏବଂ ବିସିସିଆଇଙ୍କୁ ଜଣାଇବାକୁ ପଡିବ । ବିଶେଷ କରି ଯଦି ସେ ରଣଜୀ ଟ୍ରଫି ଭଳି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି ତେବେ ଜଣାଇବା ବିଧେୟ । ଏହା ଆବଶ୍ୟକ କାରଣ ଚୟନକର୍ତ୍ତା ଭବିଷ୍ୟତ ଯୋଜନାରେ ସେହି ଖେଳାଳିଙ୍କୁ ସାମିଲ କରିବେ ନାହିଁ ।

# ପାରା ଫେନସିଂ ବିଶ୍ୱ ଚାମ୍ପିଅନସିପ

## ଭାଗ ନେବେ ପୂଜାସ୍ୱିନୀ


ଭୁବନେଶ୍ୱର, ୨୬।୮ (ଏଜେନ୍ସି) : ଗଜପତି ଜିଲ୍ଲାର ଅନ୍ତର୍ଜାତୀୟ ହୁଇଲ୍ ଚେୟାର ଫେନସିଂ ଖେଳାଳି ଏବଂ ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ପୂଜାସ୍ୱିନୀ ନାୟକ ଆଉ ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତରେ ଭାଗ ନେବାକୁ ଯାଉଛନ୍ତି । ସେପ୍ଟେମ୍ବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ କୋରିଆରେ ପାରା ଫେନସିଂ ବିଶ୍ୱ ଚାମ୍ପିଅନସିପ୍ ଆୟୋଜିତ ହେବ । ଏହି ପ୍ରତିଯୋଗିତାରେ ପୂଜାସ୍ୱିନୀ ଭାରତର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି । ଗତ ୫ ବର୍ଷ ମଧ୍ୟରେ ପୂଜାସ୍ୱିନୀ ଜାତୀୟ ସ୍ତରରେ ୩୩ ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ଅଂଶଗ୍ରହଣକୁ ସମର୍ଥନ କରିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଓ ସଶକ୍ତିକରଣ ବିଭାଗ ସ୍ଥାନୀୟ ସ୍ତରରେ ଉପଲବ୍ଧ ନଥିବା ଅନ୍ତର୍ଜାତୀୟମାନଙ୍କ ଫି ଅନୁମୋଦିତ ହୁଇଲ୍ ଚେୟାର ଫେନସିଂ ଉପକରଣ କ୍ରୟ ପାଇଁ ବିବିଏସ୍‌ଏ ଯୋଜନା ଅଧୀନରେ ୧ ଲକ୍ଷ ୮୭ ହଜାର ୩୧ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଓଡିଶା ସରକାର ଦିବ୍ୟାଙ୍ଗ କ୍ରୀଡାବିତ୍ ସଶକ୍ତ କରିବା ଏବଂ ବିଶ୍ୱ ସ୍ତରରେ ସେମାନଙ୍କୁ ଚମକ ଦେଖାଇବା ପାଇଁ ପ୍ରତ୍ୟେକ ସୁଯୋଗ ପାଇବା ନିଶ୍ଚିତ କରିବା ଲାଗି ପ୍ରତିବଦ୍ଧ ।

# କ୍ରିକେଟରଙ୍କୁ ମୋଟରାଇଜଡ୍ ହ୍ୱିଲଚେୟାର, କ୍ରିକେଟ କିଟ୍ ସହାୟତା



ଅନୁଗୁଳ , ୨୬।୮ (ସବ୍ୟୁ) : ଅନୁଗୁଳ ଜିଲ୍ଲାର ଦୁଇ ସ୍ୱତନ୍ତ୍ର ଭାବେ ସକ୍ଷମ ଯୁବକ, ଛେଣ୍ଡିପଦା ତେନ୍ତୁଲେଇ କୁଡ଼ା ସାହିର ଧ୍ରୁବ ଚରଣ ପ୍ରଧାନ ଏବଂ ମାଛକୁଟାର ନିର୍ମଳ କୁମାର ସେଠୀ, ହ୍ୱିଲଚେୟାର କ୍ରିକେଟରେ ନିଜର ପ୍ରତିଭା ପ୍ରଦର୍ଶନ କରି ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଛନ୍ତି । ସେମାନଙ୍କ ହ୍ୱିଲଚେୟାର କ୍ରିକେଟ ପ୍ରତି ଥିବା ଆଗ୍ରହ ଓ ପ୍ରଦର୍ଶନକୁ ସମ୍ମାନ କରିବାକୁ ଯାଇ ଗୁଜରାଟ ମିନେରାଲ ଡେଭେଲପମେଣ୍ଟ କର୍ପୋରେସନ (ଜିଏମଡିସି)ର ସିଏସଆର ଶାଖା ଗ୍ରାମ୍ୟ ବିକାଶ ଟ୍ରଷ୍ଟ (ଜିଭିଟି) ଏହି ଦୁଇ ଯୁବକଙ୍କୁ କ୍ରିକେଟ ଖେଳିବା ପାଇଁ ମୋଟରାଇଜଡ୍ ହ୍ୱିଲଚେୟାର ଏବଂ ସ୍ୱତନ୍ତ୍ର କ୍ରିକେଟ କିଟ ପ୍ରଦାନ କରିଛି । ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସମାରୋହରେ ଜିଲ୍ଲାପାଳ ଶ୍ରୀ ଅବଦାଲ ଏମ. ଅଖତାର ଏହି ସାମଗ୍ରୀ ପ୍ରଦାନ କରିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରତିମୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ଏବଂ ଜିଏମଡିସିର ବୈତରଣୀ ପଶ୍ଚିମ କୋଇଲା ବ୍ଲକ ପ୍ରୋଜେକ୍ଟ ମୁଖ୍ୟ ଶ୍ରୀ ସୁଶୀଳ ମିନହାସ ଉପସ୍ଥିତ ଥିଲେ ।ଉଭୟ ଯୁବକମାନେ ହ୍ୱିଲଚେୟାର କ୍ରିକେଟ୍ ଇଣ୍ଡିଆ ଏବଂ ଡିଫରେଣ୍ଟଲି-ଏବଲ୍ଡ କ୍ରିକେଟ୍ କାଉନସିଲ୍ ଅଫ୍ ଇଣ୍ଡିଆ ଭଳି ପ୍ରମୁଖ ସଂସ୍ଥା ଦ୍ୱାରା ଆୟୋଜିତ ବିଭିନ୍ନ ଜାତୀୟ ସ୍ତରୀୟ କ୍ରିକେଟ୍ ମ୍ୟାଚ୍ରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଆସୁଛନ୍ତି । ଗ୍ରାମ୍ୟ ବିକାଶ ଟ୍ରଷ୍ଟ (ଜିଭିଟି)ର ଏହି ସହାୟତା ପାଇଁ ଉଭୟ ଯୁବ କ୍ରିକେଟର ଜିଲ୍ଲାପାଳ ଏବଂ ଜିଏମଡିସିକୁ ଧନ୍ୟବାଦ ଦେଇଛନ୍ତି ।

# ଅବସର ନେଲେ ଟେନିସ କୁଇନ୍ ଭିଟୋଭା



ନ୍ୟୁୟର୍କ, ୨୬।୮ (ଏଜେନ୍ସି) : ଦୁଇଥର ୱିମ୍ବଲଡନ୍ ଟାଇଟଲ୍ ହାସଲ କରିଥିବା ଚେକ୍ ଗଣରାଜ୍ୟର ମହିଳା ଟେନିସ ଖେଳାଳି ପେଟ୍ରା ଭିଟୋଭା ଅବସର ଘୋଷଣା କରିଛନ୍ତି । ଟେନିସ ଜଗତର ଲଳନା ଭିଟୋଭା ଅବସର ନେବା ବେଳେ କାନ୍ଦିଥିଲେ । ୟୁଏସ୍ ଓପନ୍ ପ୍ରଥମ ରାଉଣ୍ଡରେ ସେ ଡାଏନ୍ ପେରିଙ୍କ ନିକଟରୁ ହାରିଯିବା ପରେ ଟେନିସକୁ ଅଲବିଦା କରିଥିଲେ । ଗତବର୍ଷ ଜୁଲାଇରେ ସେ ପୁତ୍ର ସନ୍ତାନର ମା ହୋଇଥିଲେ । ୧୭ ମାସ ପରେ କଠିନ ପରିଶ୍ରମ କରି ଅନ୍ତର୍ଜାତୀୟ ପ୍ଲାଟଫର୍ମକୁ ଫେରିଥିଲେ । ୨୦୧୧ ରେ ମାରିଆ ସାରାପୋଭାଙ୍କୁ ହରାଇ ୱିମ୍ବଲଡନ୍ ଟାଇଟଲ ଜିତିଥିଲେ । ୨୦୧୪ରେ ୟୁଗେନି ବୌଚାର୍ଡଙ୍କୁ ହରାଇ ଦ୍ୱିତୀୟ ଥର ପାଇଁ ଚାମ୍ପିଅନ ହୋଇଥିଲେ । ୨୦୧୯ ଫାଇନାଲରେ ନାଓମି ଓସାକା ତାଙ୍କୁ ପରାଜିତ କରିଥିଲେ ।

୨୦୧୬ରେ ଜଣେ ଆତତାୟୀ ଘରେ ପଶି ଭିଟୋଭାଙ୍କୁ ଛୁରୀରେ ଆକ୍ରମଣ କରିଥିଲା । ଏଥିରୁ ମୁକୁଳିବା ପାଇଁ ତାଙ୍କୁ ସର୍ଜରୀ କରିବାକୁ ପଡିଥିଲା । ଭିଟୋଭାଙ୍କ ପାଖରେ ୩୫ ମିଲିୟନ୍ ଡଲାର ରହିଛି । ୨୦୧୫ରେ ବିବାହ କରିବା ପରେ ସେ ୨୦୧୬ରେ ଚେକ୍ ଗଣରାଜ୍ୟର ହକି ଖେଳାଳି ରାଇକେ ମିଡଲେଙ୍କ ଠାରୁ ଅଲଗା ହୋଇଯାଇଥିଲେ । କୋଚ୍ ଜିରି ୱାନେକଙ୍କ ସହ ୨୦୨୩ରେ ବିବାହ କରିଥିଲେ । ଭିଟୋଭାଙ୍କୁ ଟେନିସ ପ୍ରେମୀ ଜଣେ ଭଲ ଖେଳାଳି ଓ ଗ୍ଲାମର ମହିଳା ଭାବେ ମନେ ରଖିବେ ।

# ସମସ୍ତେ ଜାଣନ୍ତି କିନ୍ତୁ କେହି କହିବେନି : ମନୋଜ ତିୱାରୀ



ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି) : ପୂର୍ବତନ ଭାରତୀୟ କ୍ରିକେଟ୍‌ର ମନୋଜ ତିୱାରି ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଉପରେ ପକ୍ଷପାତ ଅଭିଯୋଗ ଲଗାଇଛନ୍ତି । ଧୋନୀଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିଲା । ସେ ସମୟରେ ମନୋଜ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ । ଆହତ ସମସ୍ୟା ଯୋଗୁଁ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ବେଶି ଦିନ ଆଗକୁ ବଢିପାରିନଥିଲା । ଅନ୍ତର୍ଜାତୀୟ କ୍ୟାରିୟରେ ସେ କେବଳ ୧୨ ଟି ଦିନିକିଆ ଓ ୩ ଟି ଟି-୨୦ ମ୍ୟାଚ ଖେଳିଥିଲେ । ମନୋଜ ତିୱାରି କହିଛନ୍ତି ତାଙ୍କୁ କେବେବି ଧୋନୀଙ୍କ ସମର୍ଥନ ମିଳିନଥିଲା । ତିୱାରି ୨୦୧୫ରେ ଜିମ୍ବାୱେରେ ଶେଷ ଥର ଭାରତ ପାଇଁ ଦିନିକିଆ ମ୍ୟାଚ ଖେଳିଥିଲେ । ସେତେବେଳେ ଧୋନୀ ଓ ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିଲା । ଆଜିଙ୍କ୍ୟ ରାହାଣେ ଯୁବ ଦଳର ନେତୃତ୍ୱ ନେଇଥିଲେ । ମନୋଜ ତିୱାରିଙ୍କ ବଡ ବ୍ୟତିକ୍ରମ ହେଉଛି ଇଣ୍ଡିଜ୍ ବିପକ୍ଷରେ ପ୍ରଥମ ଶତକ ପରେ ହିଁ ଦିନିକିଆ ଦଳରେ ସ୍ଥାନ ମିଳିଲା ନାହିଁ । ଏହା ସହ ସେ ଶ୍ରୀଲଙ୍କା ଗସ୍ତରେ ଦଳକୁ ଫେରି ବୋଲିଂରେ ଭଲ ପ୍ରଦର୍ଶନ କରି ୪ ୱିକେଟ୍ ନେଇଥିଲେ । ଶତକ ସତ୍ତ୍ୱେ କାହିଁକି ତାଙ୍କୁ ଦଳରେ ସ୍ଥାନ ମିଳିଲା ନାହିଁ ବୋଲି ପ୍ରଶ୍ନର ଉତ୍ତର ଦେବା ସ୍ଥିତିରେ ମୁଁ ନଥିବା କହିଛନ୍ତି ମନୋଜ ତିୱାରି । ଏହି ପ୍ରଶ୍ନର ଉତ୍ତର ମହେନ୍ଦ୍ର ସିଂ ଧୋନୀ, କୋଚ୍ ଡନକାନ ଫ୍ଲେଚର ଓ ଚୟନକର୍ତ୍ତା ଦେଇପାରିବେ । ଏବେ ସୁଦ୍ଧା ଏହାର ଉତ୍ତର ମୋତେ ବି ମିଳିନାହିଁ । ଯଦି ଭବିଷ୍ୟତରେ ଧୋନୀଙ୍କୁ ଭେଟିବେ, ତାଙ୍କୁ ପ୍ରଶ୍ନ କଲେ ଉଚିତ ହେବ । ଟିମ୍ ଇଣ୍ଡିଆର ଅନେକ ଖେଳାଳି ଓ ଚେନ୍ନାଇ ସୁପର କିଙ୍ଗ୍ସର କିଛି ଖେଳାଳି ଧୋନୀଙ୍କୁ ଆଗକୁ ବଢାଇବାକୁ ଶ୍ରେୟ ଦେଇଛନ୍ତି । ତିୱାରି କହିଛନ୍ତି ବ୍ୟକ୍ତି ଓ ଧାରଣା ଏପରି ଜିନିଷ ଯାହା ଲୋକଙ୍କ ସହ ଯାଏ କିନ୍ତୁ ମୁଁ ସେମାନଙ୍କ ମଧ୍ୟରୁ ଜଣେ । ତାଙ୍କ କାର୍ଯ୍ୟକାଳରେ ଅନ୍ୟ କିଛି ଖେଳାଳି ବି ଅଛନ୍ତି । ଅନେକ ଖେଳାଳି ଅଛନ୍ତି ଯେଉଁମାନେ ପକ୍ଷପାତିତା କଥା ଜାଣନ୍ତି ।ସେମାନଙ୍କ ପାଖରେ ଭିନ୍ନ କାହାଣୀ ଅଛି । ମୁଁ କେବଳ ମୋ ସହ ଯାହା ଘଟିଥିଲା ସେ ବିଷୟରେ ଅଭିଜ୍ଞତା ଶେୟାର କରିବି । ଯଦି ସେ ଖେଳାଳିଙ୍କୁ ପ୍ରୋତ୍ସାହିତ କରୁଥାନ୍ତେ , ତେବେ ସେ ନିଶ୍ଚିତ ଭାବେ ମୋତେ ମଧ୍ୟ ପ୍ରୋତ୍ସାହିତ କରିଥାନ୍ତେ । ମୁଁ ସେହି ସମୟରେ ଭଲ ପ୍ରଦର୍ଶନ କରୁଥିଲି । କିନ୍ତୁ ତାଙ୍କ ଯୋଗୁଁ ମୋ କ୍ୟାରିୟରେ ପୂର୍ଣ୍ଣଚ୍ଛେଦ ପଡିଗଲା । ମୁଁ ସବୁବେଳେଭାବେ ପ୍ଲେଇଂ ୧୧ କିମ୍ବା ଦଳରେ ସ୍ଥାନରେ ପାଇବା ପାଇଁ ପ୍ରଦର୍ଶନ ହେଉଛି ସବୁଠୁ ବଡ ମାନଦଣ୍ଡ । କିନ୍ତୁ ମୋ କ୍ଷେତ୍ରରେ ଏହା ହୋଇନଥିଲା । ମୁଁ ଅନ୍ୟମାନଙ୍କ ବିଷୟରେ କହିବା ଉଚିତ ହେବ ନାହିଁ ବୋଲି ତିୱାରି କହିଛନ୍ତି ।

# ୨୯ ରୁ ସିନିୟର, ସବଜୁନିୟର ତାଇକୋଣ୍ଡୋ



ଭୁବନେଶ୍ୱର, ୨୬।୮ (ସବ୍ୟୁ) : କଟକର ଜବାହରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ୨୯ ତାରିଖରୁ ଜାତୀୟ ସିନିୟର ଏବଂ ସବ୍‌ଜୁନିୟର ତାଇକୋଣ୍ଡୋ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି । ସବଜୁନିୟର ବିଭାଗରେ ୬୦୦ ରୁ ଉର୍ଦ୍ଧ୍ୱ ଏବଂ ସିନିୟର ବିଭାଗରେ ୫୦୦ ରୁ ଉର୍ଦ୍ଧ୍ୱ କ୍ରୀଡାବିତ୍ ଅଂଶଗ୍ରହଣ କରିବେ । ପ୍ରତିଯୋଗିତାରେ ପଦକ ହାସଲ କରିଥିବା ପ୍ରତିଯୋଗୀ ଆଗକୁ ଚୀନରେ ହେବାକୁ ଥିବା ବିଶ୍ୱ ତାଇକୋଣ୍ଡୋ ଚାମ୍ପିଅନ୍‌ସିପ୍ ଏବଂ ଏସିଆନ ଗେମ୍ସ ପାଇଁ ମନୋନୀତ ହେବେ । ରାଜ୍ୟ ତାଇକୋଣ୍ଡୋର ସାଧାରଣ ସମ୍ପାଦକ ଚିନ୍ମୟ ବେହେରା ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ଦେଇଛନ୍ତି ।

# ରୋହିତଙ୍କ ପାଇଁ ବ୍ରୋଙ୍କୋ ଟେଷ୍ଟ

ନୂଆଦିଲ୍ଲୀ, ୨୬।୮ (ଏଜେନ୍ସି) : ୨୦୨୭ରେ ଦିନିକିଆ ବିଶ୍ୱ କପ୍ ଆୟୋଜିତ ହେବ । ସେତେବେଳକୁ ରୋହିତ ଶର୍ମାଙ୍କ ବୟସ ୪୦ ହୋଇସାରିଥିବ । ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସକ୍ରିୟ ଥିବେ କି ନାହିଁ ତାହା କେହି ଜାଣନାହାଁନ୍ତି । ତେବେ ଦଳକୁଫେରିବାକୁ ହେଲେ ରୋହିତ ଶର୍ମାଙ୍କୁ ବ୍ରୋଙ୍କୋ ଟେଷ୍ଟର ସମ୍ମୁଖୀନ ହେବାକୁ ପଡିବ । ଏଭଳି ଏକ ନିୟମ ଆଣିଛି ବିସିସିଆଇ । ଭାରତ ଓ ଇଂଲଣ୍ଡ ଟେଷ୍ଟ ସମ୍ପର୍କରେ ବୋଲରଙ୍କ ଫିଟ୍‌ନେସ୍ ସମ୍ପର୍କିତ ସମସ୍ୟା ଯୋଗୁଁ ବୋର୍ଡ ପକ୍ଷରୁ ବ୍ରୋଙ୍କୋ ଟେଷ୍ଟ ଲାଗୁ ହୋଇଛି । ଏହାର ଉଦ୍ଦେଶ୍ୟ ହାଇ ଲେବଲ୍ ଫିଟ୍‌ନେସ୍ ଟେଷ୍ଟ ବଜାୟ ରଖିବା । ଏହି ନିୟମକୁ ନେଇ ଏବେ ଚାରିଆଡୁ ପ୍ରଶ୍ନ ଉଠିଛି । ପୂର୍ବତନ ଭାରତୀୟ ବ୍ୟାଟର ମନୋଜ ତିୱାରିଙ୍କ ମତରେ ବିସିସିଆଇ ଏହି ନିମୟ ଆରମ୍ଭ କରିଛି । ଯଦ୍ୱାରା ରୋହିତ ଶର୍ମା ଦିନିକିଆ ବିଶ୍ୱ କପ୍ ୨୦୨୭ ପୂର୍ବରୁ କ୍ରିକେଟ୍‌ରୁ ସନ୍ୟାସ ନେଇଯିବେ । ସମସ୍ତେ ଜାଣିଛନ୍ତି ଭାରତୀୟ ଦଳରେ ରୋହିତ ଶର୍ମା ଫିଟ୍ ଖେଳାଳି ନୁହଁନ୍ତି । ମାତ୍ର ତାଙ୍କର ପ୍ରଦର୍ଶନ ଏପରି ତାଙ୍କୁ କେହି ବେଞ୍ଚରେ ବସାଇ ପାରିବେ ନାହିଁ । ମନୋଜ ତିୱାରିଙ୍କ କହିବା କଥା ଏହି କାରଣ ପାଇଁ ହିଁ ବ୍ରୋଙ୍କୋ ଟେଷ୍ଟ ଆରମ୍ଭ କରାଯାଇଛି । ରୋହିତଙ୍କ ବୟସ ଏବେ ୩୮ ବର୍ଷ । ତେବେ ୨୦୨୭ ବିଶ୍ୱ କପ୍‌ରେ ବିରାଟ କୋହଲିଙ୍କୁ ଦଳରୁ ବାହାରେ ରଖିବା ଅସମ୍ଭବ । ରୋହିତ ଶର୍ମାଙ୍କୁ ନେଇ ସନ୍ଦେହ ରହିଛି । ବ୍ରୋଙ୍କୋ ଟେଷ୍ଟ ଏଇଥି ପାଇଁ କରାଯାଉଛି । ଯଦ୍ୱାରା ରୋହତ ଶର୍ମାଙ୍କ ପରି ଖେଳାଳିଙ୍କୁ ଦଳ ବାହାରେ ରଖାଯାଇପାରିବ । ବ୍ରୋଙ୍କୋ ଟେଷ୍ଟ ହେଉଛି ସବୁଠୁ କଠିନ ଫିଟନେସ ଟେଷ୍ଟ ମଧ୍ୟରୁ ଅନ୍ୟତମ । ମାତ୍ର ପ୍ରଶ୍ନ ଉଠୁଛି ଏବେ କାହିଁକି ଏହି ଟେଷ୍ଟ ଆରମ୍ଭ କରାଯାଉଛି । ନୂଆ କୋଚ୍ ଗମ୍ଭୀର ସିଜନ୍ ଆରମ୍ଭରୁ ଏହି ନିୟମ କାହିଁକି ଲାଗୁ କଲେ ନାହିଁ । ବର୍ତ୍ତମାନ ଏହା କାହାର ନିଷ୍ପତ୍ତି । ଏହି ନିୟମ ଏବେ କିଏ ଆରମ୍ଭ କଲା ? ଏମିତି ପ୍ରଶ୍ନର ଉତ୍ତର ମୋ ପାଖରେ ନାହିଁ । ଯାହା ଲାଗୁଛି ରୋହତଙ୍କୁ ଦଳରେ ରହିବା ପାଇଁ ହେଲେ ଆଗକୁ କଠିନ ପରିଶ୍ରମ କରିବାକୁ ପଡିବ । ଖେଳାଳିଙ୍କୁ ଫିଟ୍ ରଖିବା ପାଇଁ ଏହି ନିୟମ ଲାଗୁ ହୋଇଛି । କିନ୍ତୁ ଏହା ବି ସତ୍ୟ ଯେ କିଛି ଖେଳାଳିଙ୍କୁ ଦଳରେ ବାହାର କରିବା ପାଇଁ ଏହି ନିୟମ ଲାଗୁ ହୋଇଛି । ୨୦୧୧ ମଧ୍ୟ ଠିକ୍ ଏମିତି ହୋଇଥିଲା । ସେହି ସମୟରେ ଦଳରେ ଗମ୍ଭୀର, ସେହ୍ୱାଗ, ଯୁବରାଜ ଅନ୍ୟ ଖେଳାଳିମାନେ ଭଲ ପ୍ରଦର୍ଶନ କରୁଥିଲେ । ୨୦୧୧ରେ ଦଳ ବିଶ୍ୱ ଚାମ୍ପିଅନ ହେବା ପରେ ବିସିସିଆଇ ୟୋ ୟୋ ଟେଷ୍ଟ ଲାଗୁ କରିଥିଲା ।


ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।



Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି